ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶନିବାର ୨୦ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 FEBRUARY 2021
Vol.No. 31 ■ No. 48 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


# ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ବିଧାନସଭାରେ ହଙ୍ଗାମା

## ବାଚସ୍ପତିଙ୍କ ପୋଡ଼ିୟମ କାଚ ଖସାଇଲେ ବିରୋଧୀ, ମାଇକ୍ ଟାଣିଲେ ତାରା



ଭୁବନେଶ୍ୱର,୧୯।୦୨ (ନି.ପ୍ର): ବିଧାନସଭାରେ ମଣ୍ଡି ଅବ୍ୟବସ୍ଥାକୁ ନେଇ ଜୋରଦାର ହଟ୍ଟଗୋଳ । ମଣ୍ଡିରୁ ଧାନ ଉଠୁନି, ଚାଷୀଙ୍କ ଟୋକନ ସମସ୍ୟାର ସମାଧାନ ହେଉନି, ଏ ନେଇ ଆଲୋଚନା କରିବାକୁ ଅଡି ବସିଥିଲେ ବିରୋଧୀ । ପ୍ରଶ୍ନକାଳ ଆରମ୍ଭରୁ ପ୍ରବଳ ହଟ୍ଟଗୋଳ କରି ଗୃହକୁ ଅଚଳ କରି ଦେଇଥିଲେ ବିରୋଧୀ । ଗୃହକାର୍ଯ୍ୟ ଆଗକୁ ଯାଇ ପାରିନଥିଲା, ଗୃହକୁ ବାଚସ୍ପତିଙ୍କୁ ୭ ଥର ମୁଲତବୀ କରିବାକୁ ପଡିଥିଲା । ଶେଷରେ ସର୍ବଦଳୀୟ ବୈଠକ ଡାକିଥିଲେ ବାଚସ୍ପତି । ବିଭାଗୀୟ ମନ୍ତ୍ରୀ ଆସନ୍ତାକାଲି ଗୃହରେ ଉତ୍ତର ରଖିବେ ଏବଂ ୭ ଦିନ ପରେ ଧାନକିଣାର ଅଗ୍ରଗତି ନେଇ ଅବଗତ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ ବାଚସ୍ପତି । ହେଲେ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ ବିରୋଧୀ । ଅପରାହ୍ନ ୫ଟା ୧୫ରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ଆରମ୍ଭ ହୋଇଥିଲା । ଏ ସମୟରେ ମଧ୍ୟ ଗୃହର ମଧ୍ୟଭାଗକୁ ଆସି ନାରାବାଜି ▶▶ପୃଷ୍ଠା ୭

## ୧୧ ଜିଲ୍ଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୦୨ (ନି.ପ୍ର): ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଂଚଳରେ ଗତକାଲି ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବର୍ତ୍ତମାନ ଉତ୍ତର ଦିଗରେ ଅବସ୍ଥିତ ରହିଛି। ଅନ୍ୟ ପକ୍ଷରେ ଦକ୍ଷିଣ ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଆଖପାଖ ଅଂଚଳରେ ସମୁଦ୍ରପତନ ଠାରୁ ୦.୯ କିଲୋମିଟର ଉଚ୍ଚତାରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବର୍ତ୍ତମାନ ଦୁର୍ବଳ ହୋଇ ପଡ଼ିଛି।ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ନୂଆପଡା, କଳାହାଣ୍ଡି, ରାୟଗଡା, କନ୍ଧମାଳ, ଗଜପତି, ବଲାଙ୍ଗୀର, ଗଞ୍ଜାମ ଏବଂ ସୋନପୁର ଜିଲ୍ଲାର ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ଏହି ୧୧ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର।

# ଆତଙ୍କବାଦୀଙ୍କ ଗୁଳିରେ ୨ ପୋଲିସକର୍ମୀ ସହୀଦ

## ସିସିଟିଭିରେ କଏଦ ହେଲା ଆଖିବୁଜା ଗୁଳିଚାଳନାର ଦୃଶ୍ୟ



ନୂଆଦିଲ୍ଲୀ,୧୯।୦୨ (ନି.ପ୍ର): ଜମ୍ମୁ-କାଶ୍ମୀରର ଶ୍ରୀନଗର ଠାରେ ଦିନ ଦ୍ୱିପ୍ରହରରେ ଆତଙ୍କବାଦୀ ମାନେ ଗୁଳିକରି ଦୁଇଜଣ ପୋଲିସ କର୍ମୀଙ୍କୁ ହତ୍ୟା କରିଛନ୍ତି । ସୂଚନା ମୁତାବକ ଶ୍ରୀନଗରର ଉଚ୍ଚ ସୁରକ୍ଷା ଅଞ୍ଚଳ ହାୱାଇଆଡ୍ଡା ମାର୍ଗର ବଦ୍ଧତ ଅଞ୍ଚଳରେ ଶୁକ୍ରବାର ଲସ୍କର ଆତଙ୍କବାଦୀ ମାନେ ହମଲା କରିଛନ୍ତି । ଏଥିରେ ୨ ଜଣ ପୋଲିସ କର୍ମୀ ସହିଦ ହୋଇଥିବା ଖବର ମିଳିଛି ।ପୋଲିସ ବିଭାଗର ଜଣେ ଅଧିକାରୀଙ୍କ କହିବା ମୁତାବକ ଆତଙ୍କବାଦୀ ମାନେ ପୋଲିସକର୍ମୀଙ୍କ ଉପରକୁ ଅତି ନିକଟରୁ ଗୁଳି ଚାଳନା କରିଥିଲେ । ଏହାପରେ ତୁରନ୍ତ ସେମାନଙ୍କୁ ମେଡିକାଲ ନିଆଯାଇଥିଲା । ହେଲେ ଡାକ୍ତର ଉଭୟ ପୋଲିସକର୍ମୀଙ୍କୁ ମୃତ ଘୋଷଣା କରିଛନ୍ତି । ମୃତ ୨ ପୋଲିସକର୍ମୀ କନେଷ୍ଟବଳ ବୋଲି ଜଣାପଡିଛି । ଏହି ଘଟଣା ପରେ ସୁରକ୍ଷାବଳ ତରଫରୁ ଆତଙ୍କବାଦୀଙ୍କୁ ଠାବ କରିବାକୁ ସର୍ଚ୍ଚ ଅପରେଶନ ଜାରି ରହିଛି । କହିରଖୁ କି ଗତ ୩ ଦିନ ମଧ୍ୟରେ ହାୱାଇଆଡ୍ଡା ଅଞ୍ଚଳରେ ଆତଙ୍କବାଦୀଙ୍କ ପକ୍ଷରୁ ୨ ଥର ଆକ୍ରମଣ ହୋଇଛି । ବୁଧବାର ଦିନ ଦୁର୍ଗାନାଗ ଅଞ୍ଚଳରେ ଆତଙ୍କବାଦୀ ମାନେ ଜଣେ ହୋଟେଲ ମାଲିକ ଓ ତାଙ୍କ ପୁଅ ଉପରକୁ ଗୁଳି ଚାଳନା କରିଥିଲେ । ଏଥିରେ ସେମାନେ ଗୁରୁତର ହୋଇ ଏବେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣା ଏଭଳି ସମୟରେ ଘଟିଛି ଯେତେବେଳେ ବିଦେଶରୁ ୨୪ ଜଣ ସଦସ୍ୟ ମଣ୍ଡଳୀ ପ୍ରତିନିଧି ଜମ୍ମୁ-କାଶ୍ମୀର ସ୍ଥିତି ଆକଳନ କରିବାକୁ ଜମ୍ମୁ ଗସ୍ତରେ ଆସିଛନ୍ତି ।

# ପଶ୍ଚିମବଙ୍ଗରେ ବିଜେପିର ପରିବର୍ତ୍ତନ ଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ପଶ୍ଚିମବଙ୍ଗ/ଭୁବନେଶ୍ୱର,୧୯।୦୨ (ନି.ପ୍ର): ଦେଶର ଅର୍ଥନୀତି ସମ୍ଭାଳୁଥିବା ପଶ୍ଚିମବଙ୍ଗରେ ଆଜି ଯୁବକମାନେ ରୋଜଗାର ନପାଇ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ତେଣୁ ଯୁବକଙ୍କୁ ରୋଜଗାର ଦେବା ପାଇଁ ଏଠାରେ ସରକାରଙ୍କୁ ପରିବର୍ତ୍ତନ କରିବା ସହିତ ମୋଦି ସରକାରଙ୍କୁ ସରକାରକୁ ଅଣାଯିବା ଜରୁରୀ । ଶୁକ୍ରବାର ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ସମେତ ଅନେକ ସ୍ଥାନରେ ଆୟୋଜିତ ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇ ଏପରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତୀୟ ସଭ୍ୟତା, ଜୀବନ, ସ୍ୱାଧୀନତା ସଂଗ୍ରାମ, କଳା, ସାହିତ୍ୟ ଓ ସଂସ୍କୃତିରେ ପଶ୍ଚିମବଙ୍ଗର ସ୍ଥାନ ବହୁ ଉପରେ । ▶▶ପୃଷ୍ଠା ୭

## ଅନଲାଇନରେ ମିଳିବ ମାଟ୍ରିକ ସାର୍ଟିଫିକେଟ

ଭୁବନେଶ୍ୱର,୧୯।୦୨ (ନି.ପ୍ର): ଚଳିତ ବର୍ଷ ଅନଲାଇନରେ ମିଳିବ ମାଟ୍ରିକ ସାର୍ଟିଫିକେଟ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ସାର୍ଟିଫିକେଟ ସହ ସମସ୍ତ ଦସ୍ତାବିଜ ହାଇସ୍କୁଲ ପିଲାଙ୍କୁ ଅନଲାଇନରେ ମିଳିବ। ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତି ନିଆଯାଇଛି। ଗଣଶିକ୍ଷା ବିଭାଗ ଓ ଓକାକର ମିଳିତ ପ୍ରୟାସରେ ହାଇସ୍କୁଲ ପିଲାଙ୍କୁ ସାର୍ଟିଫିକେଟ ଅନଲାଇନରେ ମିଳିବ ବୋଲି କୁହାଯାଇଛି।

# ଓଡିଶାରେ ପୁଣି କଡାକଡି ହେବ କୋଭିଡ୍ ନିୟମ

■ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଜଣାଇଲା ସ୍ୱାସ୍ଥ୍ୟ ବିଭାଗ

■ ବଜାର ଓ ମନ୍ଦିରରେ ଭିଡ କମାଇବାକୁ ଗୁରୁତ୍ୱ



ଭୁବନେଶ୍ୱର,୧୯।୦୨ (ନି.ପ୍ର): ଓଡିଶାରେ କଡାକଡି ହେବ କୋଭିଡ୍ ନିୟମ । ମହାରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ବଢିବା ଏବଂ ଲକଡାଉନ୍ ଭଳି ସ୍ଥିତି ଉପୁଜିବା ପରେ ଏବେ ଓଡିଶାରେ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଚିଠି ଲେଖି ସବୁ ଜିଲ୍ଲାପାଳ, ମହାନଗର ନିଗମ ଓ ପୋଲିସ ବିଭାଗକୁ ସତର୍କ କରାଇଛନ୍ତି। ଏଣିକି ସବୁ ଜିଲ୍ଲାରେ କୋଭିଡ୍ ନିୟମ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତା ସହିତ ନିୟମ ଅନୁସାରେ ଯଥେଷ୍ଟ କରୋନା ଟେଷ୍ଟିଂ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ▶▶ପୃଷ୍ଠା ୭

## ଆସନ୍ତା କାଲି ନୀତି ଆୟୋଗର ଷଷ୍ଠ ପରିଚାଳନା ପରିଷଦ ବୈଠକରେ ଅଧକ୍ଷତା କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୯।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆସନ୍ତା କାଲି ସକାଳ ୧୦.୩୦ ସମୟରେ ନୀତି ଆୟୋଗ ପରିଚାଳନା ପରିଷଦର ଷଷ୍ଠ ବୈଠକରେ ଅଧ୍ୟକ୍ଷତା କରିବେ । ବୈଠକର କାର୍ଯ୍ୟସୂଚୀ ମଧ୍ୟରେ କୃଷି, ଭିତିଭୂମି, ଉତ୍ପାଦନ, ମାନବ ସମ୍ବଳ ବିକାଶ, ତୃଣମୂଳ ସ୍ତରରେ ସେବା ପ୍ରଦାନ ଏବଂ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ସମ୍ବନ୍ଧିତ ବିଷୟ ସ୍ଥାନିତ ହୋଇଛି । ଆନ୍ତଃ-ବିଭାଗୀୟ ଏବଂ ସଂଘୀୟ ପ୍ରସଙ୍ଗ ଉପରେ ଆଲୋଚନା ହେବା ନେଇ ପରିଚାଳନା ପରିଷଦ ଏକ ପ୍ଲାଟଫର୍ମ ଉପସ୍ଥାପନ କରିଛି । ପ୍ରଧାନମନ୍ତ୍ରୀ, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡିକର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଅନ୍ୟାନ୍ୟ କେନ୍ଦ୍ରଶାସିତ ଅଂଚଳଗୁଡିକର ବିଧାନମଣ୍ଡଳ ଓ ଲେଫ୍ଟନାଂଟ ଗଭର୍ଣ୍ଣରମାନଙ୍କୁ ନେଇ ଏହି ପରିଷଦ ଗଠିତ । ଷଷ୍ଠ ବୈଠକରେ ପ୍ରଥମ ଥର ପାଇଁ ଲଦାଖର ପ୍ରବେଶ ସହିତ ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଂଚଳ ଭାବେ ଅଂଶଗ୍ରହଣ କରିବ । ଏଥର ପ୍ରଶାସକଙ୍କ ଦ୍ୱାରା ପରିଚାଳିତ ଅନ୍ୟ କେନ୍ଦ୍ରଶାସିତ ଅଂଚଳଗୁଡିକ ମଧ୍ୟ ଯୋଗଦେବା ପାଇଁ ଆମନ୍ତ୍ରିତ ହୋଇଛନ୍ତି । ବୈଠକରେ ପରିଚାଳନା ପରିଷଦର ପୂର୍ବତନ ଅଧିକାରୀ, ସଦସ୍ୟ, କେନ୍ଦ୍ର ମନ୍ତ୍ରୀଗଣ, ଉପାଧ୍ୟକ୍ଷ, ନୀତି ଆୟୋଗର ସଦସ୍ୟ ତଥା ସିଇଓ ଏବଂ ଭାରତ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗଦେବେ ।

# କୋଟିଆ ପ୍ରସଙ୍ଗ : ଡକ୍ୟୁମେଂଟ ଦାଖଲ ପାଇଁ ଓଡ଼ିଶାକୁ ୪ ସପ୍ତାହ ସମୟ ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୦୨ (ନି.ପ୍ର): 'କୋଟିଆ'ରେ ପ୍ରସଙ୍ଗରେ ଆନ୍ଧ୍ର ସରକାରଙ୍କ ବିରୋଧରେ ଦାଖଲ କରାଯାଇଥିବା ଅଦାଲତ ଅବମାନନା ମାମଲାର ଡକ୍ୟୁମେଂଟ ଦାଖଲ ପାଇଁ ଓଡ଼ିଶା ସରକାରଙ୍କୁ ୪ ସପ୍ତାହ ସମୟ ଦେଇଛନ୍ତି ସୁପ୍ରିମକୋର୍ଟ। ପୂର୍ବରୁ ଆନ୍ଧ୍ର ପକ୍ଷରୁ ୫୦ ପୃଷ୍ଠାର ସତ୍ୟପାଠ ଦାଖଲ କରାଯାଇଥିଲା। ଆନ୍ଧ୍ର ସତ୍ୟପାଠ ଉପରେ ଜବାବ ଦାଖଲ ପାଇଁ ଓଡ଼ିଶାକୁ ସମୟ ମିଳିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଏହି ମାମଲାର ଦ୍ରୁତ ଶୁଣାଣି କରିବା ପାଇଁ ଓଡ଼ିଶା ପକ୍ଷରୁ ଏହି ମାମଲାରେ ନିୟୋଜିତ ବରିଷ୍ଠ ଆଇନଜୀବୀ ବିକାଶ ସିଂହ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍‌ଏ ବୋବଡେ, ଜଷ୍ଟିସ୍ ଏ.ଏସ୍.ବୋପାନ୍ନା ଓ ଜଷ୍ଟିସ ଭି. ରମା ସୁବ୍ରମନ୍ୟନଙ୍କ ଖଣ୍ଡପୀଠରେ ନିବେଦନ କରିଥିଲେ। ଶ୍ରୀ ସିଂହ ଯୁକ୍ତି ଉପସ୍ଥାପନ କରି କହିଥିଲେ,କୋଟିଆ ମାମଲାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସର୍ବୋଚ୍ଚ ନ୍ୟାୟାଳୟ ୨୦୦୬ରେ ନିର୍ଦ୍ଦେଶ ଦେଇଥିଲେ। ଆନ୍ଧ୍ର ସରକାର ଏହାକୁ ପାଳନ କରିନାହାନ୍ତି। ନିର୍ଦ୍ଦେଶକୁ ଉଲଂଘନ କରି ଆନ୍ଧ୍ର ସରକାର କୋଟିଆକୁ ନିଜର ସୀମାରେ ଦର୍ଶାଇ ପଂଚାୟତ ନିର୍ବାଚନ କରାଉଛନ୍ତି। ଆନ୍ଧ୍ର ସରକାର ▶▶ପୃଷ୍ଠା ୭

# ରାଜସ୍ଥାନରେ ହେଲା ହେଲିନା ମିସାଇଲର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ,୧୯।୦୨ : ଆତ୍ମନିର୍ଭର ଭାରତ ଅଭିଯାନରେ ଯୋଡି ହେଲା ଆଉ ଏକ ଫର୍ଦ୍ଦ । ହେଲିକପ୍ଟରରୁ ଶତ୍ରୁଙ୍କୁ ଟାର୍ଗେଟ୍ କରିବାକୁ ଅତ୍ୟାଧୁନିକ ଏଣ୍ଟ-ଟ୍ୟାଙ୍କ ଗାଇଡେଡ୍ ମିସାଇଲ ହେଲିନାକୁ ରାଜସ୍ଥାନ ଠାରେ ସଫଳ ପରୀକ୍ଷଣ କରାଯାଇଛି । ରାଜସ୍ଥାନର ପୋଖରାନ ଠାରେ ହୋଇଥିବା ଏହି ପରୀକ୍ଷଣରେ ହେଲିନା ମିଶାଇଲ ନିର୍ଦ୍ଧାରିତ ଲକ୍ଷ୍ୟକୁ ଭେଦ କରିବାରେ ଶତ ପ୍ରତିଶତ ସଫଳ ହୋଇଛି । ଏହି ମିଶାଇଲ କୌଣସି ସମୟରେ ବି ଟାର୍ଗେଟ୍ କୁ ଭେଦ କରିପାରିବ ବୋଲି କୁହାଯାଇଛି । ବିଭାଗୀୟ ଅଧିକାରୀଙ୍କ ସୂଚନା ମୁତାବକ ବର୍ତ୍ତମାନ ଏହି ମିଶାଇଲକୁ ଭାରତୀୟ ସ୍ଥଳ ସେନା ଓ ବାୟୁ ସେନାରେ ସାମିଲ କରାଯିବ । ପ୍ରତିରକ୍ଷାମନ୍ତ୍ରଣାଳର ତଥ୍ୟ ମୁତାବକ ଗତ ୫ ଦିନ ହେବ ହେଲିନା ମିଶାଇଲକୁ ୭ କିଲୋମିଟରରୁ ଅଧିକ ରେଞ୍ଜରେ ପରୀକ୍ଷଣ କରାଯାଇଛି । ୫ ଥର ପରୀକ୍ଷଣ ପରେ ଏହି ମିଶାଇଲ ଶତ ପ୍ରତିଶତ ଟାର୍ଗେଟ୍ ଭେଦ କରିବାରେ ସଫଳ ହୋଇଥିଲା ବୋଲି କୁହାଯାଇଛି । ପରୀକ୍ଷଣ ହୋଇଥିବା ମିଶାଇଲ ହେଲିନା ବର୍ତ୍ତମାନ ଏଚଏଏଲ୍ ରୁଦ୍ରା ଓ ହାଲକା ଲଢୁଆ ହେଲିକପ୍ଟରରେ ଇଣ୍ଟଗ୍ରେସନ ପାଇଁ ପ୍ରସ୍ତୁତ ହୋଇ ସାରିଛି । ପରୀକ୍ଷଣ ବେଳେ ଏହି ମିଶାଇଲକୁ ଏଏଲଏଚ୍ ଧ୍ରୁବ ହେଲିକପ୍ଟରରେ ▶▶ପୃଷ୍ଠା ୭

## ମୟୁରଭଂଜ ସଡ଼କ ଦୁର୍ଘଟଣା : ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୦୨ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ସାରସକଣା ଠାରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ପାଂଚ ଜଣଙ୍କର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି ଓଡିଶାର ଅଧିବାସୀ ଏବଂ ଆଉ ଜଣେ ହେଉଛନ୍ତି ଝାଡଖଣ୍ଡର ଅଧିବାସୀ। ମୃତକଙ୍କ ପରିବାର ଲୋକଙ୍କୁ ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଦୁଇ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

# ପରୀ ହତ୍ୟା ମାମଲା : ଅସଲ ଅପରାଧୀଙ୍କୁ ଖସାଇଦେବା ପାଇଁ ଷଡଯନ୍ତ୍ର ହେଉଛି : ବିଜେପି

ଭୁବନେଶ୍ୱର,୧୯।୦୨ (ନି.ପ୍ର): ବିଧାନସଭାରେ ଚାଷୀ ସମସ୍ୟା, ସୀମା ବିବାଦ, ଓଡିଶୀ ସୀମାରେ ଆନ୍ଧ୍ର ନିର୍ବାଚନ କରାଇବା, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଆଦି ପ୍ରସଙ୍ଗ ଥିବା ସମୟରେ ରାଜ୍ୟ ସରକାର ଜାଣିଶୁଣି ଏସଆଇଟିକୁ ଲଗାଇ ପରୀ ହତ୍ୟାକାଣ୍ଡ ସଂପର୍କିତ ଏକ ଭିଡିଓ ଗଣମାଧ୍ୟମରେ ରିଲିଜ କରାଇଲେ । ଅଭିଯୁକ୍ତ ନାବାଳକ ସରୋଜ ସେଠୀର ୧୬୪ ରେକର୍ଡ କରାଯାଇନାହିଁ । ତଦନ୍ତ ପ୍ରକ୍ରିୟା ଚାଲିଥିବାବେଳେ ପଚରାଉଚରା ସମୟରେ ଅଭିଯୁକ୍ତର ପ୍ରାଇଭେଟ ଭିଡିଓକୁ ଭାଇରାଲ କରିବା ଆଇନ ଅସଙ୍ଗତ । ଯେତେବେଳେ ମାମଲା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ବିଚାରଧୀନ ଅଛି ଏବଂ ସୁପ୍ରିମକୋର୍ଟ ପରୀ ହତ୍ୟକାଣ୍ଡ ସଂକ୍ରାନ୍ତରେ ସିବିଆଇ ଓ ରାଜ୍ୟ ସରକାରଙ୍କୁ ନୋଟିସ କରିଛନ୍ତି, ସେ ସମୟରେ ଇଂଟରନାଲ ଇଂଟରୋଗେସନ ଫରେନ୍ସିକ ଲ୍ୟାବ ଭିତରେ ଅଭିଯୁକ୍ତର କଥାକୁ ସାର୍ବଜନୀନ କରିବା ଏବଂ ଏହାକୁ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ପ୍ରସାରଣ କରାଯିବା ସଂପୂର୍ଣ୍ଣ ଭାବେ ବେଆଇନ ଓ ଧର୍ତବ୍ୟ ଅପରାଧ । ଏସଆଇଟି ଏହାକୁ ଜାଣିଶୁଣି ପୂର୍ବରୁ ପ୍ରଘଟ କରିଥିଲେ ଏବଂ ଗତକାଲିର ଭିଡିଓ ମଧ୍ୟ ଏସଆଇଟି ପ୍ରଘଟ କରିଛି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ପରୀ ହତ୍ୟାକାଣ୍ଡର ତଦନ୍ତକୁ ବାଟବଣା କରିବା ଏବଂ ବିଧାନସଭାରେ ରାଜ୍ୟ ସରକାରଙ୍କ ଅପାରଗତା ନେଇ ଯେଉଁ ସବୁ ପ୍ରସଙ୍ଗ ରହିଛି ସେଥିରୁ ଦୃଷ୍ଟି ହଟାଇବା ପାଇଁ ଏସଆଇଟି ସରୋଜ ସେଠୀର ଭିଡିଓ ଭାଇରାଲ କରିଛି। ଏହି ଭିଡିଓକୁ କେଉଁ ବ୍ୟକ୍ତି କାହା ନିର୍ଦ୍ଦେଶରେ ଭାଇରାଲ କରିଛି ତାହାର ତଦନ୍ତ ହେବା ନିହାତି ଆବଶ୍ୟକ । ଏହି ଷଡଯନ୍ତ୍ରରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତିଙ୍କ ମୁଖା ଖୋଲିବା ଦରକାର। ଓଡିଶାର ଜନମତ ଏବଂ ଜଜମେଂଟକୁ ପ୍ରଭାବିତ କରିବା ପାଇଁ ଏସଆଇଟି ଏହି ଷଡଯନ୍ତ୍ର ରଚିଛି ବୋଲି ଡ.ସାମନ୍ତସିଂହାର କହିଛନ୍ତି । ପରୀ ହତ୍ୟାକାଣ୍ଡ ଘଟଣାରେ ଏସଆଇଟି ମୁଖ୍ୟ ଅରୁଣ ବ୍ରୋଥା ▶▶ପୃଷ୍ଠା ୭

# ନିର୍ବାଚନ ପରେ ଓଡ଼ିଶା ସୀମାରେ ଆନ୍ଧ୍ର କରୁଛି ପୋଲ ନିର୍ମାଣ

## ସେପଟେ କୋଟିଆ ପାଇଁ ବଡ଼ ଡିଲ୍ ହୋଇଥିବା କହିଲେ କୋରାପୁଟ ଜିଲ୍ଲାର ପୂର୍ବତନ ଜିଲ୍ଲପାଳ ଗଦାଧର ପରିଡ଼ା

ଭୁବନେଶ୍ୱର,୧୯।୦୨ (ନି.ପ୍ର): କୋଟିଆ ବିବାଦ ପଛରେ କେଉଁ ଶକ୍ତି ରହିଛି କି ? ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡା କିଛି ଏପରି ନୂଆ ତଥ୍ୟ ସାମ୍ନାକୁ ଆଣିଛନ୍ତି, ଯାହା ଚମକେଇ ଦେଲା ଭଳି । ଆନ୍ଧ୍ର ସରକାର ଆଢୁଆଳରେ ଆଉ ଏକ ଶକ୍ତି କୋଟିଆ ଉପରେ ଆଖି ପକାଇଛି ବୋଲି ଗଦାଧର କହିଛନ୍ତି । କିଛି କଂପାନୀ କୋଟିଆ ପାଇଁ ବଡ ଡିଲ କରିଛନ୍ତି । କୋଟିଆର ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ଟଙ୍କା ଖଟାଇଛନ୍ତି । ସେମାନଙ୍କ ପାଣ୍ଠିରେ କୋଟିଆକୁ ନେଇ ପୁରା ରାଜନୀତି ଚାଲିଛି । ସେହି କଂପାନୀମାନେ ଓଡିଶାର ପାୱାର କରିଡରରେ ମଧ୍ୟ ଏନେଇ ଲବି କରୁଥିବା କହିଛନ୍ତି ଗଦାଧର । କୋଟିଆରେ ଆନ୍ଧ୍ରର ନିର୍ବାଚନ କଥାକୁ ନେଇ ଚାରିଆଡେ ଚର୍ଚ୍ଚା। ଚାଲିଥିବା ବେଳେ ଗଣମାଧ୍ୟମରେ ବି ଆନ୍ଧ୍ର, ଓଡିଶାର ଗାଁ ଗୁଡିକ ମାଡି ବସିବ ବୋଲି ଚର୍ଚ୍ଚା ହେଉଛି । କିନ୍ତୁ କାହିଁକି ଆନ୍ଧ୍ର ଏଭଳି ଉଦ୍ୟମ କରୁଛି ସେ-କଥା ଆଗକୁ ଆସୁ ନାହିଁ । କିନ୍ତୁ କୋରାପୁଟର ଜିଲ୍ଲାପାଳ ରହିଥିବା ଗଦାଧର ପରିଡା ଏଭଳି ଚମକେଇଲା ଭଳି କଥା ସାମ୍ନାକୁ ଆଣିଛନ୍ତି । କେବଳ କୋରାପୁଟର ▶▶ପୃଷ୍ଠା ୭

# ଜଙ୍ଗଲରେ ନିଆଁ ଲିଭାଇବା ଉପରେ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୯।୨ (ନି.ପ୍ର): ବୃକ୍ଷ ମଣିଷର ପରମ ବନ୍ଧୁ। ବୃକ୍ଷ ଛାଡୁଥିବା ଅଙ୍ଗାରକାମ୍ଳକୁ ମଣିଷମାନେ ଅମ୍ଳଜାନ ଭାବରେ ଗ୍ରହଣ କରିଥାନ୍ତି। ତେଣୁ ମଣିଷଙ୍କ ଭଳି ବୃକ୍ଷମାନଙ୍କ ଯତ୍ନ ନେଇପାରିଲେ ଆମ ସମାଜ ଉପରେ ଏହାର ସକରାତ୍ମକ ପ୍ରଭାବ ପଡ଼ିପାରିବ। ସମ୍ପ୍ରତି ଏବେ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ଫଳରେ ଅନେକ ବୃକ୍ଷ ନଷ୍ଟ ହେଉଥିବା ବେଳେ ବିଭିନ୍ନ ପଶୁପକ୍ଷୀ, କୀଟପତଙ୍ଗ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଫଳରେ ଧୀରେ ଧୀରେ ଜଙ୍ଗଲ କ୍ଷୟ ହେବାରେ ଲାଗିଛି ଓ ବିଭିନ୍ନ ଔଷଧୀୟ ବୃକ୍ଷ, ଲୋପ ପାଇବାରେ ଲାଗିଛି ବିରଳ ପଶୁପକ୍ଷୀ ଓ କୀଟପତଙ୍ଗ ବଂଶ। ଏହାର କୁପ୍ରଭାବ ମଣିଷ ସମାଜ ଉପରେ ପଡୁଛି ଯାହା ପରିବେଶବିତଙ୍କ ଚିନ୍ତାର କାରଣ ସାଜିଛି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଜଙ୍ଗଲମାନଙ୍କରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଅର୍ଗାନାଇଜେସନ ଫର୍ ୱାଇଲଡ୍ ଲାଇଫ ଆଣ୍ଡ ନେଚର ଏବଂ ବେସରକାରୀ ବନ୍ୟଜନ୍ତୁ ସଂରକ୍ଷକ ମିଳିତ ଉଦ୍ୟମରେ ଜଙ୍ଗଲରେ ନିଆଁ ଲିଭାଇବା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବାଶିଷ ଜେନା, ଉମାକାନ୍ତ ବିଶ୍ୱାଳ ଏବଂ ବାଲୁଗାଁ ରେଞ୍ଜ ଅଫିସର ପ୍ରତାପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଜଙ୍ଗଲରେ ନିଆଁ ଲାଗିଲେ, ନିଆଁକୁ କିପରି ଆୟତ୍ତ କରି ଜଙ୍ଗଲକୁ ରକ୍ଷା କରାଯାଇପାରିବ, ସେ ବିଷୟରେ ଖୋର୍ଦ୍ଧା ଡ଼ିଭିଜନର ବାଲୁଗାଁ ରେଞ୍ଜ ଅନ୍ତର୍ଗତ ଧୂଆଁନଳି, ମହୁଲି ଓ ରାମପୁର ଆଦି ଗ୍ରାମର ଲୋକମାନଙ୍କୁ ସଚେତନତା କରାଯାଇଥିଲା। ସେବାଶିଷଙ୍କ ଏଭଳି ନିଆରା ପ୍ରୟାସକୁ ସ୍ଥାନୀୟ ଗ୍ରାମବାସୀ ସାଧୁବାଦ ଜଣାଇବା ସହ ଜଙ୍ଗଲରେ ନିଆଁ ଲାଗିଲେ ତୁରନ୍ତ ଗ୍ରାମବାସୀମାନେ ନିଆଁ ଲିଭାଇବା ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଆସନ୍ତା ୨୬ରୁ ତ୍ରିଦିବସୀୟ ରାଜ୍ୟସ୍ତରୀୟ ମହିଳା ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ବୌଦ୍ଧ,୧୯।୨ (ନି.ପ୍ର): ଆସନ୍ତା ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଭଲିବଲ ସଂଘ ପକ୍ଷରୁ ଜିଲ୍ଲା କ୍ରୀଡା ସଂଘ ସହାୟତାରେ ତିନିଦିନ ଧରି ବୌଦ୍ଧ ଠାରେ ରାଜ୍ୟସ୍ତରୀୟ ମହିଳା ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ । ଏହାର ସୁପରିଚାଳନା ନିମନ୍ତେ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ପରିଷଦ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ବିଭିନ୍ନ ଜିଲ୍ଲାରୁ ଦୁଇଶହରୁ ଉର୍ଦ୍ଧ୍ୱ ଖେଳାଳୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବାବେଳେ ସେମାନଙ୍କ ପାଇଁ ରହିବା ବ୍ୟବସ୍ଥା ସହ ଖେଳର ଅନ୍ୟାନ୍ୟ ସୁବିଧା କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଶୃଙ୍ଖଳାର ସହିତ ପ୍ରତିଯୋଗିତା ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ବୌଦ୍ଧ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସର୍କିଟହାଉସ ଠାରେ ସଂଘର ସଭାପତି ତଥା ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟଅତିଥି ଭାବରେ ବିଧାୟକ ପ୍ରଦିପ କୁମାର ଅମାତ ଯୋଗଦେଇ ଜିଲ୍ଲାର ଖେଳାଳୀମାନଙ୍କ ଭବିଷ୍ୟତ ଗଠନ ଦିଗରେ ଜିଲ୍ଲା କ୍ରିଡା ସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସମସ୍ତ କର୍ମକର୍ତ୍ତା ନିଷ୍ଠାର ସହିତ ଏ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କ୍ରୀଡା ସଂସଦର ସମ୍ପାଦକ ରବିନ୍ଦ୍ର କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିବା ସହିତ ରାଜ୍ୟ ସଂଘ ପକ୍ଷରୁ ସ୍ୱଳ୍ପ ଅନୁଦାନ ମିଳୁଥିବା ବେଳେ ଅନେକ ସମସ୍ୟା ଦେଇ ଜିଲ୍ଲା କ୍ରୀଡା ସଂଘ ଗତି କରୁଥିବା ପ୍ରକାଶ କରିଥିଲେ। ତେବେ ସବୁ ସମସ୍ୟା ମଧ୍ୟରେ ଜିଲ୍ଲାର ଖେଳାଳୀମାନଙ୍କୁ ରାଜ୍ୟସ୍ତରୀୟ ସମସ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପଠାଇବାରେ ଜିଲ୍ଲା କ୍ରିଡ଼ା ସଂଘ ତାର ପ୍ରମୁଖ ଦାୟିତ୍ୱରେ କୌଣସି ଅବହେଳା କରିନାହିଁ ବୋଲି ଶ୍ରୀ ରାଉତ ସୂଚନା ଦେଇଥିଲେ। କ୍ରୀଡା ସଂସଦ ନାମରେ ଥିବା ୨.୬୪ ଏକର ଜମି ଷ୍ଟାଡିୟମ ନିର୍ମାଣ ପାଇଁ ଯୋଗାଇ ଦିଆଯାଇଥିବା ବେଳେ ଜିଲ୍ଲା କ୍ରୀଡା ସଂଘ ପରିଚାଳନା ପାଇଁ ଷ୍ଟାଡିୟମ ମଧ୍ୟରେ ଏକ ଅଫିସ ଗୃହ ଯୋଗାଇଦେବା ସହ ଷ୍ଟାଡିୟମକୁ ସମସ୍ତ ଖେଳ ଉପଯୋଗୀ କରିବା ପାଇଁ ବୈଠକରେ ଶ୍ରୀ ରାଉତ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ ଭାବରେ ଷ୍ଟାଡିୟମ ମଧ୍ୟରେ ନବନିର୍ମିତ ସନ୍ତରଣାଗାରକୁ ତୁରନ୍ତ କାର୍ଯ୍ୟକ୍ଷମ କଲେ ଜିଲ୍ଲାର ଖେଳାଳୀମାନେ ଉପକୃତ ହୋଇପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲ୍ଲାରେ ଯେତିକି କ୍ରୀଡାର ଭିତିଭୂମି ରହିଛି ତାହାର ଉପଯୋଗ କରି ଖେଳାଳୀମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ସଂସଦର ସଭାପତି ବୈଠକରେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲା କ୍ରିଡା ସଂସଦ ପକ୍ଷରୁ ସମସ୍ତ ଖେଳର ଆୟୋଜନ ପାଇଁ ବାର୍ଷିକ କ୍ରିଡ଼ା ଖସଡ଼ା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ସମସ୍ତ ହାଇସ୍କୁଲର କ୍ରୀଡା ଶିକ୍ଷକମାନଙ୍କ ଏକ ବୈଠକ ଡାକି ବିଦ୍ୟାଳୟ କ୍ରୀଡାକୁ ଅଧିକ ଗତିଶୀଳ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ କ୍ରୀଡା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି କଲେଜସ୍ତରରେ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ହୋଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଜିଲ୍ଲାରୁ ଉପଯୁକ୍ତ ପ୍ରତିନିଧିତ୍ୱ ହେଉନଥିବା ଏବଂ ନୋଡାଲ କଲେଜ ଭାବରେ ବୌଦ୍ଧ ପଚାଂୟତ ମହାବିଦ୍ୟାଳୟରେ କ୍ରୀଡା ବିଭାଗ ଠିକ୍‌ରେ କାର୍ଯ୍ୟକରୁନଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। କ୍ରୀଡ଼ା ସଂସଦର ଉପ ସଭାପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭି. ରଘୁନାଥ ରାଓ ଜିଲ୍ଲାରେ କ୍ରୀଡ଼ାର ଭିତିଭୂମିର ବିକାଶ ଉପରେ ମତ ରଖିଥିଲେ । ତେବେ ଜିଲ୍ଲା କ୍ରୀଡ଼ା ସଂସଦକୁ ଅଧିକ କ୍ରିୟାଶୀଳ କରିବା ସହିତ ପଚାଂୟତ ସ୍ତର ପର୍ଯ୍ୟନ୍ତ ଖେଳାଳୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଉପରେ ବୈଠକରେ ବରିଷ୍ଠ ଆଇନଜିବୀ ନବ କୁମାର ମିଶ୍ର ମତ ପ୍ରକାଶ କରିଥିଲେ।

# କଂଗ୍ରେସ ସେବାଦଳକୁ ସୁଦୃଢ଼ କରିବା ପାଇଁ ଆଲୋଚନା

ଭୁବନେଶ୍ୱର,୧୯।୨ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ ସେବାଦଳକୁ ମଜବୁତ୍ କରିବା ପାଇଁ ଅଖିଳ ଭାରତ କଂଗ୍ରେସ ସେବାଦଳ ପକ୍ଷରୁ ନିଯୁକ୍ତ ଓଡିଶା ସେବାଦଳ ପ୍ରଭାରୀ ଅଜିତ୍ କୁମାର, ଶ୍ରୀମତୀ ଦୁର୍ଗାଦାସ, ନବୀନ କୁମାର, ଶୈଳେନ୍ଦ୍ର କୁମାର ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ନିଯୁକ୍ତି ତଥା ଆଗାମୀ ଦିନରେ ସଂଗଠନକୁ ଜିଲ୍ଲା ଓ ବ୍ଲକ ସ୍ତରରେ କ୍ରୀୟାଶୀଳ କରିବା ସଂପର୍କରେ କେନ୍ଦ୍ରୀୟ ପ୍ରଭାରୀ ଶ୍ରୀ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଖୁବ୍ ନିକଟରେ ଏକ ରାଜ୍ୟସ୍ତରୀୟ ସେବାଦଳ ବୈଠକ ଅନୁଷ୍ଠିତ କରିବା ପାଇଁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ।

ଏହି ବୈଠକରେ ନୂତନ ଓଡିଶା ସେବାଦଳ ପ୍ରଭାରୀ ଶ୍ରୀ ଜ୍ୟୋତିଷ କୁମାର ସାହୁ, କୁଳମଣି ସାହୁ, ଏମ୍.ଡି. ଶାହାଦୁଲ୍ଲା, ମୁନୁ ସରାଫ, ନଳିନୀ ବେହେରା, ମାଧବ ବିଶ୍ୱାଳ, ଖଗେଶ୍ୱର ମଲିକ, ସଂଧ୍ୟାରାଣୀ ଦାସ, କନିଷ୍କ ରାଜହଂସ, କ୍ରିଷ୍ଣା ଶତପଥି, ସଂଜୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋହତ୍ୟା ନିରୋଧ ଆଇନ୍‌କୁ କଠୋର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତାପ ଷଡଙ୍ଗୀଙ୍କ ଚିଠି

ଭୁବନେଶ୍ୱର,୧୯।୨ (ନି.ପ୍ର): ଗୋହତ୍ୟା ରୋକିବା ପାଇଁ ପ୍ରଚଳିତ ଆଇନକୁ ଅଧିକ କଠୋର କରିବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ଏହାକୁ ମାନବ ହତ୍ୟା ସମାନ ମନେକରି ଦୋଷୀଙ୍କୁ ୧୦ରୁ ୧୫ ବର୍ଷର କାରାଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା କରିବା ସହ ଭବିଷ୍ୟତରେ ଯେପରି ଏହାର ପୁନରାବୃତି ନହେବ ସେଥିପାଇଁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଗୁରୁବାର ବାଲେଶ୍ୱର ବସ୍ତା ଥାନା ଅନ୍ତର୍ଗତ ଗାନ୍ଧୀଛକ ନିକଟରେ ବେଆଇନ ଗୋ ଚାଲାଣ ସମୟରେ ଏକ ସଡକ ଦୁର୍ଘଟଣାରେ ୨୮ଟି ଗୋରୁ ମୃତ୍ୟୁବରଣ କରିବା ଘଟଣାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଟୁଇଟ୍ କରି ଏହା କହିଛନ୍ତି। ଏଥିସହ ସମସ୍ତ ଆହତ ଗୋରୁ ମାନଙ୍କୁ ତୁରନ୍ତ ଗୋଶାଳାରେ ରଖି ସୁସ୍ଥ ହେବ ପର୍ଯ୍ୟନ୍ତ ଉପଯୁକ୍ତ ଚିକିତ୍ସା ଏବଂ ଖାଦ୍ୟପେୟରେ ବ୍ୟବସ୍ଥା କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି । ଟୁଇଟ୍ କରି ସେ କହିଛନ୍ତି ଯେ ଘଟଣା ସମ୍ପର୍କରେ ସେ ଜିଲ୍ଲାପାଳ , ଏସଡିପିଓ , ଏସପି, ଆଇଜି ଏବଂ ସ୍ଥାନୀୟ ତହସିଲଦାରଙ୍କ ସହ କଥା ହୋଇଛନ୍ତି। ଯଦି କର୍ମଚାରୀ ନାହାନ୍ତି ତେବେ ସ୍ୱେଚ୍ଛାସେବୀ ମାନଙ୍କୁ ଏହି ମହତ କାର୍ଯ୍ୟ ନିମନ୍ତେ ଅନୁମତି ପ୍ରଦାନ କରାଯାଉ ବା ପୁଲିସ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ଏହି କାର୍ଯ୍ୟରେ ନିୟୋଜିତ ହୁଅନ୍ତୁ। ବେଆଇନ ଗୋରୁ ଚାଲାଣ ଭାଳି ଏକ ଧର୍ତବ୍ୟ ଅପରାଧରେ ଯେଉଁମାନେ ସବୁ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଗୋମାତା ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର। ଗୋମାତା ଭାରତୀୟ କୃଷି, ପରିବେଶ ଓ ଅର୍ଥ ତନ୍ତ୍ରର ଆଧାର। ଗାଈର ଗୋବରରୁ ଆଜି ଉତ୍କୃଷ୍ଟ କାନୁରଙ୍ଗ, ଦନ୍ତମଞ୍ଜନ, ସାବୁନ୍, ଜୈବିକ ଖତ, ଅମୃତ ପାଣି, ଘଂଟାର ଭିତି, ଧୂପ, ଦୀପ, ମଶାଧୂପ ଆଦି ଏବଂ ଗୋମୂତ୍ରରୁ କୀଟନାଶକ, ବିଶୋଧକ, ଫିନାଇଲ୍, ଅର୍କ ଓ ଘନବଟି ଆଦି ଔଷଧ ପ୍ରସ୍ତୁତ ହେଉଛି । ଦାୟିତ୍ୱହୀନ, ନିହିତ ସ୍ୱାର୍ଥ ବ୍ୟକ୍ତିମାନେ ଏହିପରି ଉପକାରୀ ପ୍ରାଣୀର ହତ୍ୟା ଦ୍ୱାରା ଦେଶର ସର୍ବନାଶ କରୁଛନ୍ତି । ଜିଲ୍ଲା ପ୍ରଶାସନକୁ ଗାଡିର ଡ୍ରାଇଭର୍, ମାଲିକ, ଚାଲାଣକାରୀ ଓ ଗୋରୁ ବିକୁଥିବା ଲୋକଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଁ ନିର୍ଦ୍ଦେଶ ଦେଇଛି। କାରଣ ହତ୍ୟା ଉଦ୍ଦେଶ୍ୟରେ ଗାଈର ବିକ୍ରି ବା ଦାନ ମଧ୍ୟ ଆଇନ୍‌ତଃ ନିଷିଦ୍ଧ ଓ ଦଣ୍ଡନୀୟ । ନିୟମିତ ପେଟ୍ରୋଲିଂ କରି ବାଲେଶ୍ୱରକୁ ଗୋ ଚାଲାଣ ମୁକ୍ତ ଓ ଗୋହତ୍ୟା ମୁକ୍ତ କରିବା ପାଇଁ ଚେଷ୍ଟା କରାଯିବା ଉଚିତ୍ । ଆମର ପୋଲିସ୍, ପେଟ୍ରୋଲିଂ ବ୍ୟବସ୍ଥା, ଗେଟ୍ ବ୍ୟବସ୍ଥା ଓ ଆର.ଟି.ଓ.ଙ୍କ ଚେକିଂ ସବୁ ବିଫଳ ହୋଇଥିବାର ଏଥିରୁ ପ୍ରମାଣିତ ହୋଇଛି । କାରଣ ଦୁର୍ଘଟଣା ନ ହୋଇଥିଲେ ଏଗୁଡିକ ଅବାଧରେ କତଲଖାନାକୁ ଯାଇଥାନ୍ତେ। ଅନେକ ସମୟରେ ପୋଲିସ୍‌କୁ ଖବର ଦେଲେ ମଧ୍ୟ ଥାନାରୁ ସହଯୋଗ ମିଳେନାହିଁ, ବେଆଇନ୍ ଚାଲାଣକୁ ରୋକିବା ପାଇଁ । ଏଣୁ ଏସ୍.ପି., କଲେକ୍ଟର ଓ ଆଇ.ଜି. ଉଚ୍ଚସ୍ତରୀୟ ଅଧିକାରୀ ମାନଙ୍କ ବୈଠକ ଡାକି ଏହାର ପୁନରାବୃତି ନ ହେବା ପାଇଁ ବ୍ୟବସ୍ଥା କରନ୍ତୁ। ଦକ୍ଷ, କର୍ମଠ ଓ ସଚ୍ଚୋଟ ଅଫିସର୍ ମାନଙ୍କୁ ପେଟ୍ରୋଲିଂ ଦାୟିତ୍ୱ ଦିଅନ୍ତୁ । କଂଟ୍ରୋଲ ରୁମ୍ ୨୪ଘଂଟା ଖୋଲା ରଖାଯାଇ କୌଣସି ଖବର ଆସିଲେ ସଙ୍ଗେ ସଙ୍ଗେ ପୋଲିସ୍ ଯାଇ ପ୍ରତିକାର କରନ୍ତୁ। ଯେଉଁମାନେ ଖବର ଦେଉଛନ୍ତି ସେମାନଙ୍କୁ ପୁରସ୍କୃତ କରାଯାଉ । ପୋଲିସ୍ ଜନସାଧାରଣଙ୍କ ସହଯୋଗରେ ଏହି ଭୀଷଣ ଅପରାଧକୁ ବନ୍ଦ କରାଯାଉ । ବାଲେଶ୍ୱର ଜନସାଧାରଣଙ୍କୁ ନିବେଦନ ସେମାନେ ସଜାଗ ରହନ୍ତୁ । ଗାଈ ବିକିବା ବନ୍ଦ କରନ୍ତୁ । ପ୍ରଶାସନର ସହଯୋଗରେ ଗୋଚାଲାଣ ବନ୍ଦ କରିବା ପାଇଁ ତତ୍ପର ହୁଅନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ଆତ୍ମାହୁତି ଉଦ୍ୟମ କଲେ ବନ୍ଧା ହେବେ : ଡିସିପି

ଭୁବନେଶ୍ୱର, ୧୮ ଫେବୃଆରୀ – ଆତ୍ମଦାହ ଉଦ୍ୟମ କରିବା କୌଣସି ଅପରାଧଠୁ କମ୍ ନୁହେଁ। ଏହାକୁ ଏକ ଅପରାଧିକ କାର୍ଯ୍ୟ ବୋଲି ବିବେଚନା କରାଯାଇ ସେହି ହିସାବରେ ପୁଲିସ୍ ପଦକ୍ଷେପ ନେବ। ତେଣୁ ଯିଏ ଏପରି ଉଦ୍ୟମ କରିବ ଏବଂ ଯିଏ ଏଥିପାଇଁ ପ୍ରରୋଚନା ଦେବ ସେ ବନ୍ଧା ହେବ ବୋଲି ଚେତାବନୀ ଦେଇଛନ୍ତି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ। ଭୁବନେଶ୍ୱର ଡିସିପି କହିଛନ୍ତି, ବିଧାନସଭା ସାମ୍ନାରେ ୨ ଦିନରେ ୩ ଜଣଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ସଂପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ତେବେ ସେମାନଙ୍କ ପଛରେ କିଛି ଲୋକ ଥିବା ସନ୍ଦେହ କରୁଛୁ। ତାଙ୍କୁ କିଏ ଆଣିଲା, ଫଟୋ ଏବଂ ଭିଡିଓ ସୁଟ୍ କଲା ତଦନ୍ତ କରାଯିବ। ଏଭଳି କରିବା ପାଇଁ ଯିଏ ପ୍ରରୋଚିତ କରିଛି, ତଦନ୍ତ ପରିସରଭୁକ୍ତ ହେବେ। ଡିସିପି କହିଛନ୍ତି, ଏଭଳି କଲେ ମାମଲାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ସେଭଳି ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରରୋଚନା ଦେଉଥିବା ଲୋକଙ୍କୁ ଖୋଜାଯିବ। ଆତ୍ମାହୁତି ଉଦ୍ୟମ ଏକ ଅପରାଧିକ କାର୍ଯ୍ୟ । ସେ ହିସାବରେ ପୁଲିସ୍ ଟ୍ରିଟ୍ କରିବ। ବୋତଲ ନେଇ ଡାଳି ହୋଇଗଲେ ତମ କଥା ଶୁଣାଯିବ ବୋଲି ଏମାନଙ୍କୁ ପ୍ରରୋଚନା ଦିଆଯାଉଥିବା ଜଣାପଡ଼ିଛି। ତେଣୁ ଯେଉଁମାନେ କିରୋସିନି ବଟଲ ଧରି ଆତ୍ମାହୁତି ଦେବାକୁ ଆସିଥିଲେ, ସେମାନଙ୍କୁ କିଏ ଆଣିଛି ତାହାର ତଦନ୍ତ କରାଯିବ। ଏଥିସହ କିରୋସିନି ବଟଲ ସହ ଫଟୋସୁଟ କରିବା ନିମନ୍ତେ ତାଙ୍କୁ ପ୍ରରୋଚିତ କରିବା, ସାହାଯ୍ୟ କରିବାରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନେ–ବି ତଦନ୍ତ ପରିସରଭୁକ୍ତ ହେବେ ଓ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେକୌଣସି ଅଭିଯୋଗ ଥିଲେ ଉପଯୁକ୍ତ ଅଧିକାରୀଙ୍କ ନିକଟକୁ ଯାଆନ୍ତୁ। ଏହାବ୍ୟତୀତ ଏଠାରେ ବି ଏକ ଗ୍ରିଭାନ୍ସ ସେଲ୍ ଅଛି। ଏଠାରେ ଅଭିଯୋଗ କଲେ ଆବଶ୍ୟକ ବିଭାଗ, ଅଧିକାରୀଙ୍କ ନିକଟକୁ ପଠାଯାଉଛି ବୋଲି ଡିସିପି କହିଛନ୍ତି।

# ଉଠା ଜଳସେଚନ ଅଧ୍ୟକ୍ଷଙ୍କ ସୁନ୍ଦରଗଡ ଡିଭିଜନ କାର୍ଯ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର,୧୯।୨ (ନି.ପ୍ର): ଓଡିଶା ଉଠା ଜଳସେଚନ ଅଧ୍ୟକ୍ଷ ଅମରେଶ ପତ୍ରୀ ଅଚାନକ ଓ.ଏଲ୍.ଆଇ.ସି ସୁନ୍ଦରଗଡ ଡିଭିଜନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ କାର୍ଯ୍ୟରତ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀଙ୍କ ସହ ବିଭାଗୀୟ ବିଭିନ୍ନ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ସୁନ୍ଦରଗଡ ଡିଭିଜନ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଓ ସେଥିରୁ କୃଷକମାନେ କିପରି ଉପକୃତ ହେଉଛନ୍ତି, ସେ ସମ୍ପର୍କରେ ଅବଗତ ହୋଇଥିଲେ। ଉଠା ଜଳସେଚନ ମାଧ୍ୟମରେ କୃଷି କ୍ଷେତ୍ରକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ଧାର୍ଯ୍ୟ ଲକ୍ଷ୍ୟକୁ ୫-ଟି ଆଧାରରେ ଶୀଘ୍ର ଶେଷ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ଚାଷୀମାନେ କିପରି ଡିଭିଜନ ଜରିଆରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପରୁ ସୁବିଧାସୁଯୋଗ ପାଇ ଲାଭବାନ ହେବେ, ସେଥିପାଇଁ ଧ୍ୟାନ ଦେବାକୁ କହିଥିଲେ। ଅଧ୍ୟକ୍ଷ ଶ୍ରୀ ପତ୍ରୀଙ୍କର ଏହି ପରିଦର୍ଶନ ସମୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସାନନ୍ଦ କିଷାନ, ଡିଭିଜନର ଅନ୍ୟ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଆକାଉଣ୍ଟାଣ୍ଟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୧୪ ଦଫା ଦାବିରେ ବସ୍ତିବାସିନ୍ଦାଙ୍କ ବିଶାଳ ଗଣ ସମାବେଶ

ଭୁବନେଶ୍ୱର,୧୯।୨ (ନି.ପ୍ର): ବସ୍ତି ଥଇଥାନ ପାଇଁ ଉଦ୍ଦିଷ୍ଟ କୋଠାଘର ଆବଂଟନରେ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ , ସ୍ୱଷ୍ଟ ବସ୍ତି ଥଇଥାନ ଓ ଗୃହ ଆବଂଟନ ନୀତି ଘୋଷଣା, ବଳପୂର୍ବକ ଉଚ୍ଛେଦ ବନ୍ଦ, ବସ୍ତିଭାଙ୍ଗି ବସ୍ତି ଗଢ଼ିବା ନୀତି ବାତିଲ, ବସ୍ତି ଆଇନ ପରିବାର ସଜ୍ଞା ଅନୁସାରେ ପ୍ରକୃତରେ ବସ୍ତିରେ ରହୁଥିବା ସବୁ ପରିବାରଙ୍କୁ ଥଇଥାନ ଅନ୍ତର୍ଭୁକ୍ତ କରିବା ଆଦି ୧୪ ଦଫା ଦାବିରେ ବସ୍ତି ସୁରକ୍ଷା ମଂଚ ପକ୍ଷରୁ ଗୁରୁବାର ବିଏମସି ଅଫିସ୍ ସମ୍ମୁଖରେ ବସ୍ତିବାସିନ୍ଦାଙ୍କ ବିଶାଳ ଗଣ ସମାବେଶ ଅନୁଷ୍ଠିତ ହୋଇଯାଇଛି।

ହଜାର ହଜାର ବସ୍ତିବାସିନ୍ଦାଙ୍କ ଏହି ସମାବେଶ ପକ୍ଷରୁ ବସ୍ତି ସୁରକ୍ଷା ମଂଚର ସମ୍ପାଦିକା କମ୍ରେଡ଼ ପ୍ରମିଳା, ବସ୍ତିନେତା ରାମଚନ୍ଦ୍ର ସାହୁ, ଯୋଗିନାଥ ବେହେରା, ଗଦାଧର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ସାକ୍ଷାତ ଆଲୋଚନା କରିବା ସହିତ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ବିଏମସି ସମ୍ମୁଖରେ ମଂଚର ସଭାନେତ୍ରୀ ହେନା ବାରିକିଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବସ୍ତି ସୁରକ୍ଷା ମଂଚର ଉପଦେଷ୍ଟା ମାନବିକ ଅଧିକାର କର୍ମୀ ଆଇନଜୀବୀ ବିଶ୍ୱପ୍ରିୟ କାନୁନଗୋ, ବିପ୍ଳବୀ ଶ୍ରମିକ ନେତା କମ୍ରେଡ଼ ରାଜେନ୍ଦ୍ର ପ୍ରସାଦ ବାରିକଙ୍କ ସମେତ ବହୁ ବସ୍ତିନେତା ଏହି ସଭାରେ ବକ୍ତବ୍ୟ ରଖି ସରକାରଙ୍କ ବସ୍ତିବିରୋଧୀ ଆଭିମୁଖ୍ୟ ଓ ଗରୀବ ବିରୋଧୀ ନୀତିର ତୀବ୍ର ସମାଲୋଚନା କରି ବସ୍ତିବାସିନ୍ଦାଙ୍କ ନ୍ୟାଯ୍ୟ ୧୪ ଦଫା ଦାବି ସପକ୍ଷରେ ଯୁକ୍ତି ରଖିଥିଲେ। ଏହି ଆନ୍ଦୋଳନକୁ ସଂହତି ଜଣାଇ ବସ୍ତିବାସିନ୍ଦା ମହାସଂଘର ନେତା ସାଲ ମାରଣ୍ଡୀ, ସାଲିଆ ସାହି ଆଂଚଳିକ କମିଟିର ନେତା ଜୟଦେବ ନାୟକ ଓ ରଘୁନାଥ ନାଥ, ବସ୍ତି ସୁରକ୍ଷା ମଂଚ ପୁରୀର ନେତା କୃଷ୍ଣ ମୋହନ ପ୍ରଧାନ ପହଂଚି ବକ୍ତବ୍ୟ ପ୍ରଦାନ କରିଥିଲେ।

# ଏକାମ୍ର କ୍ଷେତ୍ରର ମନ୍ଦିରରୁ ବାଇ-ଲ ପ୍ରତ୍ୟାହାର ଦାବିରେ ରାଜ୍ୟପାଳଙ୍କୁ କଂଗ୍ରେସର ସ୍ମାରକପତ୍ର

ଭୁବନେଶ୍ୱର,୧୯।୨ (ନି.ପ୍ର): ଏକାମ୍ର କ୍ଷେତ୍ର ଭୁବନେଶ୍ୱରର ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର ଏବଂ ବ୍ରହ୍ମେଶ୍ୱର ମନ୍ଦିରରୁ ବାଇ-ଲ ପ୍ରତ୍ୟାହାର ଦାବିରେ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପ୍ରସଙ୍ଗ ଉପରେ ବିହୀତ ପଦକ୍ଷେପ ନେବା ପାଇଁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଅନୁରୋଧ କରିଛି।

ବିଧାୟକ ଶ୍ରୀ ରାଉତରାୟ କହିଛନ୍ତି ଯେ ପ୍ରତ୍ୟେକ ମନ୍ଦିରର କାରୁକାର୍ଯ୍ୟ ଓ ଐତିହ୍ୟ ଅନନ୍ୟ। ଶ୍ରୀଶ୍ରୀ ଲିଙ୍ଗରାଜ ମହାପ୍ରଭୁ ରାଜଧାନୀର ଅଧିଷ୍ଠିତ ଦେବତା। ଓଡ଼ିଆ ଜାତିର ପ୍ରାଣ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ନୀତିକାନ୍ତି ସହ ଲିଙ୍ଗରାଜ ମହାପ୍ରଭୁଙ୍କର ନୀତିକାନ୍ତିରେ ସମାନତା ରହିଛି। ଏଠି ଛତିଶା ନିଯୋଗ ମଧ୍ୟ ରହିଛି। ଏଥି ପାଇଁ ଲିଙ୍ଗରାଜ ମହାପ୍ରଭୁ ହେଉଛନ୍ତି " ହରି ହର"। ଶ୍ରୀକ୍ଷେତ୍ରର ଜଗନ୍ନାଥ ଏବଂ ଏକାମ୍ର କ୍ଷେତ୍ରର ଲିଙ୍ଗରାଜ ମହାପ୍ରଭୁଙ୍କ ମଧ୍ୟରେ ଉଭୟ ବିଜେଡି ଓ ବିଜେପି ଦଳ ପ୍ରଭେଦ ସୃଷ୍ଟି କରୁଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିରରୁ ଏନ୍.ଏମ୍.ଏ ବାଇ-ଲ ପ୍ରତ୍ୟାହାର କରାଯାଇଛି। କିନ୍ତୁ ଭୁବନେଶ୍ୱରର ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର ଏବଂ ବ୍ରହ୍ମେଶ୍ୱର ମନ୍ଦିରରୁ ବାଇ-ଲ ପ୍ରତ୍ୟାହାର ହୋଇନାହିଁ। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟିକା ପ୍ରାର୍ଥୀ ଶ୍ରୀମତୀ ରଶ୍ମି ମହାପାତ୍ର, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ, କଂଗ୍ରେସ ନେତା କପିଳ ପଣ୍ଡା, ମନୋରଞ୍ଜନ ବଟୁ, ଶ୍ରୀୟା ମହାନ୍ତି ଓ କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଘରେ ପଶି ଅସଦାଚରଣ କରିବା ଅଭିଯୋଗରେ ଜଣେ ଗିରଫ

ପୁରୀ,୧୯।୨ (ନି.ପ୍ର): ସିବିଚି ଥାନା ଅନ୍ତର୍ଗତ ପେଣ୍ଟକଟା ବେହେରା ସାହିର ଯାଦବ ବେହେରାଙ୍କ ପତ୍ନୀ ବୈଦେହି ବେହରା (୪୫) ଓ ତାଙ୍କ ୧୧ବର୍ଷର ଝିଅକୁ ସେହି ସାହିର ଅଭିଯୁକ୍ତ ଦୁର୍ଲଭ ବେହେରା (୪୦)ଗତକାଲି ରାତି ଓ ଆଜି ସକାଳେ ଗାଳିଗୁଲଜ କରିବା ସହ ମାଡମାରିବା ଓ ଅସଦାଚରଣ ଅଭିଯୋଗ ହୋଇଥିଲା । ଏ ସଂପର୍କରେ ପୁଲିସ ଅନୁସନ୍ଧାନ କରି ଅଭିଯୁକ୍ତ ଦୁର୍ଲଭକୁ ବିଭିନ୍ନ ଦଫାରେ ଥାନରେ ମାମଲା ରୁଜୁକରି ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ୧୧ବର୍ଷିୟା ଝିଅକୁ ଗାଲ ଓ ଛାତିକୁ ଚାପୁଡା ମାରିବା ସହ ବିଧା ଗୋଇଠା ମାରିବାରୁ ସେ ତଳେ ପଡିଯାଇ ଆହତ ହୋଇଥିଲା । ଏ ସଂପର୍କରେ ପୋକ୍ସୋ ଆକ୍ଟ ଓ ସେକ୍ସନ ଆକ୍ଟ ଲାଗୁ ହୋଇଛି ।

# ପ୍ରଥମ ଥର ପାଇଁ ଓଡ଼ିଶାରେ ହୁଇଲ୍ ଚ୍ୟାର୍ ଟେନିସ୍ : ଜର୍ଶୀ ଉନ୍ମୋଚନ ଓ ଏମଓଏ ସ୍ୱାକ୍ଷର

ଭୁବନେଶ୍ୱର,୧୯।୨ (ନି.ପ୍ର): ପ୍ରଥମ ଥର ପାଇଁ ଓଡ଼ିଶାରେ ହେବ ହୁଇଲ୍ ଚ୍ୟାର୍ ଟେନିସ। ଇଣ୍ଡିଆନ ହୁଇଲ୍ ଚ୍ୟାର୍ ଟେନିସ ଟୁର୍ (ଆଇଡବ୍ଲୁଟିଟି) ସହଯୋଗରେ ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ୍ ରିସୋର୍ଟରେ ଆସନ୍ତା ୧୯ ତାରିଖ ଠାରୁ ତିନି ଦିନିଆ ହୁଇଲ୍ ଚ୍ୟାର୍ ଟେନିସ୍ କର୍ମଶାଳା ଆୟୋଜିତ ହେବାକୁ ଯାଉଛି। ଯେଉଁଥିରେ ରାଜ୍ୟର ପାଖାପାଖି ୨୦ ଜଣ ପ୍ରତିଯୋଗୀ ଭାଗନେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଇଣ୍ଡିଆନ ହୁଇଲ୍ ଚ୍ୟାର୍ ଟେନିସ ଟୁର୍ (ଆଇଡବ୍ଲୁଟିଟି) ଓ ଚକଲେଟ୍ ଗ୍ରୁପ ଦ୍ୱାରା ଏକ 'ଏମଓଏ' ସ୍ୱାକ୍ଷର ମଧ୍ୟ ହୋଇଛି। ଏହାସହ ଏହି ଅବସରରେ ଜର୍ଶୀ ଉନ୍ମୋଚନ ମଧ୍ୟ ହୋଇଛି। ଗୁରୁକୁଳ ଟେନିସ୍ ରିସୋର୍ଟରେ ଚକେଲେଟ୍ ଗ୍ରୁପ ଦ୍ୱାରା ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହେବାକୁ ଯାଉଛି। ୨୧ ତାରିଖରେ ଏହି ହୁଇଲ୍ ଚ୍ୟାର୍ ଟେନିସ୍ କର୍ମଶାଳା ଉଦଯାପିତ ହେବାକୁ ଥିବା ବେଳେ ଆଗମୀ ଏକ ବର୍ଷ ଯାଏଁ ଏଠାରେ ହୁଇଲ୍ ଚ୍ୟାର୍ ଟେନିସ୍ ଟ୍ରେନିଂ କ୍ୟାମ୍ପ ଜାରି ରହିବ। ଇଣ୍ଡିଆନ ହୁଇଲ୍ ଚ୍ୟାର୍ ଟେନିସ ଟୁର୍ ଓ ଚକଲେଟ୍ ଗ୍ରୁପ'ର ଏହି ଉଦ୍ୟମ ଭିନ୍ନକ୍ଷମ ଟେନିସ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଓ ଆଗକୁ ବଢିବା ସହ ଏଥିରେ କ୍ୟାରିୟର କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ଇଣ୍ଡିଆନ ହୁଇଲ୍ ଚ୍ୟାର୍ ଟେନିସ ଟୁର'ର ଚେୟାରମ୍ୟାନ୍ ସୁନିଲ ଜୈନ୍, ପ୍ରୋଜେକ୍ଟ ହେଡ୍ ବିଜୟ ସୂର୍ଯ୍ୟନାରାୟଣ ଓ ଇନଷ୍ଟ୍ରକ୍ଟର୍ ଏଚ୍ ମଧୁସୂଦନଙ୍କ ସହ ଚେକଲେଟ୍ ଗ୍ରୁପର ଫାଉଣ୍ଡର ଚିନ୍ମୟ ପ୍ରଧାନ ଉପସ୍ଥିତ ଥିଲେ।

# ଦୀର୍ଘଦିନ ହେଲା ଅଚଳ ହୋଇପଡିଛି ଫୁଲବାଣୀ ଡାକ ବିଭାଗର ଏଟିଏମ

କନ୍ଧମାଳ,୧୯।୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ଦିର୍ଘ ବର୍ଷ ହେଲା ଲୋକଙ୍କୁ ଉତମ ସେବା ପ୍ରଦାନ କରିଆସିଥିବା ଡାକ ବିଭାଗରେ ବର୍ତମାନ ଗ୍ରାହକ ମାନଙ୍କୁ ଉପଯୁକ୍ତ ସେବା ପ୍ରଦାନରେ ଅପାରଗତା ଦେଖାଦେଇଛି । ଦେଶରେ ବିଭିନ୍ନ ରାଷ୍ଟ୍ରୟତ ବ୍ୟାଙ୍କ ଗୁଡିକରଚ ଗ୍ରାକ ମାନଙ୍କ ଭଳି ସମାନ ସେବା ପ୍ରଦାନ କରିବାକୁ ଡାକ ବିଭାଗର ଜମାଖାତାଧାରୀ ମାନଙ୍କୁ ସେମାନଙ୍କର ଟଙ୍କା ଉଠାଣରେ ସୁବିଧା ପାଇଁ ଏ.ଟି.ଏମ ସେବାର ସୁବିଧା ଆରମ୍ଭ କରିଥିଲେ। ଏହି ସେବା ଆରମ୍ଭ ହେବାପରେ କିଛି ଦିନ ଡାକ ବିଭାଗର ଖାତାଧାରୀ ମାନେ ଏହାର ସୁବିଧା ନେଇ ଆସୁଥିଲେ । ହେଲେ ବର୍ତମାନ ଫୁଲବାଣୀ ମୁଖ୍ୟ ଡାକ ଘର ଆଗରେ ଥିବା ଏ.ଟି.ଏମ ମେସିନଟି ଖରାପ ହୋଇ ପଡିଛି। ଫଳରେ ଗ୍ରାହକ ମାନେ ଏହି ସୁବିଧାରୁ ବଂଚିତ ହୋଇଛନ୍ତି ।

# ତହସିଲ ଜ୍ଞାତସାରରେ ଚାଲିଛି ଶହ ଶହ ବେଆଇନ ଇଟାଭାଟି

କେନ୍ଦ୍ରାପଡା,୧୯।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଓ ଆଖପାଖ ଅଂଚଳରେ ଶହ ଶହ ବେଆଇନ ଭାବେ ଖୋଲା ଇଟାଭାଟି ତିଆରି ଚାଲିଛି। କୌଣସି ଅନୁମତି ନନେଇ ଇଟାଭାଟି ମାଲିକ ମାନେ ସ୍ଥାନୀୟ ଆରଆଇକୁ ହାତକରି ଏହି ଇଟାଭାଟି ଗୁଡିକୁ ତିଆରି କରୁଥିବା ଜଣା ପଡିଛି। କେନ୍ଦ୍ରାପଡା ଟାଉନ ସଂଲଗ୍ନ ଗରାପୁର ଓ କେନ୍ଦ୍ରାପଡା ବ୍ଲକ-ଗଣ୍ଡାକିଆ ରାସ୍ତା, ଇଛାପୁର-ଅଙ୍ଗୁଳାଇ ରାସ୍ତା ନିକଟରେ ପ୍ରାୟ ଶହ ଶହ ଇଟାଭାଟି ତିଆରି ହେଉଥିବାର ଦେଖିବାକୁ ମିଳୁଛି । ପରିବେଶ ପ୍ରଦୂଷଣ ଓ ଉତାପ ବୃଦ୍ଧି ପାଉ ଥିବାରୁ ଖୋଲା ଇଟାଭାଟି ନିର୍ମାଣ କୁ ସରକାର ବେଆଇନ ଘୋଷଣା କରିଥିବା ବେଳେ ତହସିଲ ଓ ଆରଆଇ ଅଫିସର ପ୍ରଚ୍ଛନ ସହାୟତା ରେ ଇଟା ମାଫିଆ ମାନେ ସରକାରୀ ଓ ବେସରକାରୀ ଜମିରୁ ମାଟି ତାଡି ଶହ ଶହ ସଂଖ୍ୟକ ଇଟାଭାଟି କରି ରାଜସ୍ୱ ଫାଙ୍କିବା ସହ ପରିବେଶକୁ ପ୍ରଦୂଷଣ କରୁଛନ୍ତି ।

# ଫୁଲବାଣୀ ଏନ୍,ୱାଇ.କେର ଯୁବ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ

କନ୍ଧମାଳ,୧୯।୨ (ନି.ପ୍ର): କନ୍ଧମାଳ ଜିଲ୍ଲା ନେହେରୁ ଯୁବ କେନ୍ଦ୍ରର ବର୍ଷ ବ୍ୟାପୀ ବିଭିନ୍ନ ଯୁବ କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନର ଜିଲ୍ଲା ସ୍ତରୀୟ ଉପଦେଷ୍ଟା କମିଟି ବୈଠକ ଫୁଲବାଣୀ ଉପଜିଲ୍ଲାପାଳଙ୍କ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଫୁଲବାଣୀ ଉପଜିଲ୍ଲାପାଳ ଦାୟୀତ୍ୱରେ ଥିବା ଫୁଲବାଣୀ ତହସିଲଦାର ଦୀନମଣି ନାୟକ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନ.ଏସ.ଏସ କାର୍ଯ୍ୟକ୍ରମ ଅଧିକାରୀ ନୀଳମାଧବ ପାଢୀ,ଭାରତୀୟ ଷ୍ଟେଟବ୍ୟାଙ୍କ ଫୁଲବାଣୀ ଶାଖା ପରିଚାଳକ କଳ୍ପତରୁ ସ୍ୱାଇଁ,ଜିଲ୍ଲା କ୍ରୀଡା ଅଧିକାରୀ, ଜଳ ଛାୟା ପ୍ରକଳ୍ପ ଅଧିକାରୀ କବୀର ପ୍ରସାଦ ରାଉତ,ଉଠାଜଳ ସେଚନ ବିଭାଗର ଯନ୍ତ୍ରୀ ବିଦ୍ୟାଧର ବେହେରା,ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱତୀର ସମ୍ପାଦକ ଇଂ. ହରିଶଙ୍କର ରାଉତ,କଲ୍ୟାଣୀ ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର କୁମାର ସାହୁ,ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ନବନିତ କୁମାର ଏବଂ ସହକାରୀ କର୍ମଚାରୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ଜଳ ଶକ୍ତି ଓ କୋଭିଡ-୧୯ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ସବୁ ଜିଲ୍ଲାର ଯୁବକ ମାନଙ୍କ ମଧ୍ୟରେ କରାଯିବାକୁ ଆଲୋଚନା କରାଯାଇଥିଲା । ଏହାସହିତ ଜିଲ୍ଲାର ଯୁବକ ମାନଙ୍କ ଦ୍ୱାରା ବିଭିନ୍ନ ଜନ ମଙ୍ଗଳ କାର୍ଯ୍ୟକ୍ରମର ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଆଲୋଚନା କରାଯାଇଥିଲା । ଶେଷରେ ସହକର୍ମୀ ସତ୍ୟବାନ ଦଳବେହେରା ଧନ୍ୟବାଦ ଦେଇଥିଲେ ।

## ପ୍ରକୃତି ସେବାରେ କାରାଗାର



କାରାଗାର ବା ଜେଲ ନାଁ ନାଁ ଶୁଣିଲା ମାତ୍ରେ ଆଖି ଆଗରେ ଅନ୍ଧାରୁଆ ବନ୍ଦ କୋଠରିର ଚିତ୍ର ଦେଖାଯାଏ । ଏଠାରେ ରହିବା ନିଶ୍ଚିତ ଭାବେ କଷ୍ଟକର । ତେବେ ସ୍ୱିଡେନର ଏହି ଜେଲରେ ବନ୍ଦୀମାନେ ପ୍ରକୃତି ସହିତ ରହିଥିବା ପରି ଅନୁଭବ କରନ୍ତି । ଏହାର ଛାତ ଉପରେ ୧୧୦୦ ବର୍ଗମିଟର ଅଞ୍ଚଳରେ ଗଛ ଲଗାଯାଇଛି ଯାହା ଅଟ୍ଟାଳିକାକୁ ଥଣ୍ଡା ରଖିବାରେ ସହାୟକ ହୋଇଥାଏ । ଆଠଟି ବର୍ଗର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ଏକ ଡିସପୋଜାଲ ରୁମ ନିର୍ମାଣ କରାଯାଇଛି ।

ତେବଲନ ୪ ନାମକ ଏକ ଅଟ୍ଟାଳିକାକୁ ୨୦୧୦ ମସିହାରେ ସ୍ୱିସ୍ କମ୍ପାନୀ ବାସେ କିଣିଥିଲା । ପରେ ଏହାକୁ ଜେଲରେ ପରିଣତ କରିଦିଆଯାଇଛି । ଏହାର ନାମ ରଖାଯାଇଛି ସ୍ୱସ୍ ଜେଲ ଏବଂ ପ୍ରୋବେସନ ସର୍ଭିସ୍ । ଜେଲର ବାରାକଗୁଡ଼ିକ ଏପରି ନିର୍ମାଣ କରାଯାଇଛି ଯେ ପାଣି ଖୁବ କମ ବ୍ୟବହାର ହୁଏ । ଜେଲରେ ବ୍ୟବହାର ହେଉଥିବା ଫ୍ରିଜ ମଧ କମ ବିଦ୍ୟୁତଶକ୍ତି ଆବଶ୍ୟକ କରେ । ସମଗ୍ର ଜେଲରେ ଥିବା ଏଲଡି ଲାଇଟଗୁଡ଼ିକ ଏକ ସେଣ୍ଟ୍ରାଲ ସଭିଲାନ୍ସ ସିଷ୍ଟମ ଦ୍ୱାରା ପରିଚାଳିତ । ସମ୍ପୂର୍ଣ୍ଣ ଅଟ୍ଟାଳିକା ଏକ ସ୍ୱୟଂକ୍ରିୟ ବାୟୁ ଚଳାଚଳ ବ୍ୟବସ୍ଥା ଦ୍ୱାରା ଥଣ୍ଡା ଏବଂ ଉଷୁମ କରାଯାଏ । ଜେଲର ରୋଷେଇଘରୁ ବାହାରୁଥିବା ଆବର୍ଜନାରୁ ବାୟୋଗ୍ୟାସ ପ୍ରସ୍ତୁତ କରିଥାନ୍ତି । ଏଠାକାର ୧୨% ଖାଦ୍ୟସାମଗ୍ରୀ ଜୈବିକ ପ୍ରକ୍ରିୟାରେ ଉତ୍ପାଦନ କରାଯାଉଛି ସପ୍ତାହକୁ ଦୁଇଦିନ ଏଠାରେ କଏଦୀମାନଙ୍କୁ ନିରାମିଷ ଖାଦ୍ୟ ଦିଆଯାଏ । ପରିବେଶର ସୁରକ୍ଷା କରୁଥିବାରୁ ଏହି ଜେଲକୁ ୨୦୧୯ ବିୟମ ପବ୍ଲିକ ପ୍ରୋଜେକ୍ଟସ ଇନୟୁଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରଦାନକାରୀ ସଂସ୍ଥାର ଅଧ୍ୟକ୍ଷ ଏଲନ ୟେଟ୍ସଦଙ୍କ କହିବା ଅନୁସାରେ, ଜେଲରେ ସୁରକ୍ଷା ଅପେକ୍ଷା ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ନରୱେର ବୋଷ୍ଟୀୟ ଜେଲ ମଧ ସୌରଶକ୍ତି ପରିଚାଳିତ ଏବଂ ଏଠାରେ ପ୍ରତ୍ୟେକ ବ୍ୟବସ୍ଥା ନବୀକରଣ ଯୋଗ୍ୟ ।

## ଡେଲି ଘିଅ ଖାଆନ୍ତୁ



ହେଲ୍‌ଦୀ ହାର୍ଟ ପାଇଁ ରେଗୁଲାର ଗୋଟିଏ ଚାମଚ ଦେଶୀ ଘିଅ ଖାଇବା ଉଚିତ । ଏହା ହାର୍ଟର ଭେନ ଗ୍ଲୁକୋଜରୁ ରକ୍ଷା କରିଥାଏ । ଏଥିରେ ଭିଟାମିନ କେ-୨ ଅଧିକ ମାତ୍ରାରେ ଥିବାରୁ ହାଡ଼ଯାଏ କ୍ୟାଲସିୟମ ପହଞ୍ଚାଇବାର କାମ କରିଥାଏ । ଏହାକୁ ରେଗୁଲାର ଡାଏଟରେ ହାଡ ମଜବୁତ ହୋଇଥାଏ । ଏଥିରେ ପ୍ରଚୁର ଆଣ୍ଟିଅକସିଡାଣ୍ଟ ରହିଥିବାରୁ ହେଲ୍‌ଦୀ ସ୍କିନ ପାଇଁ ଏହା ହେଲ୍ପଫୁଲ ହୋଇଥାଏ । ଘିଅ ଖାଇଲେ ବଡ଼ିରେ ଭାଇଲରି ଲିପିଡ଼ ଫ୍ଲୋ ବଢ଼ିଯାଇଥାଏ । ଏହି କାରଣରୁ ବ୍ଲଡ଼ ଏବଂ ଆନ୍ତ୍ରରେ ରହିଥିବା ଖରାପ କୋଲେଷ୍ଟେରଲ କମ ହୋଇଯାଏ । ଘିଅକୁ ରେଗୁଲାର ଡାଏଟରେ ନେଲେ ମେଟାବଲଜିମ ସଠିକ୍ ଭାବେ କାମ କରିଥାଏ । ଏହାଦ୍ୱାରା ଇମ୍ୟୁନିଟି ପାୱାର ବଢ଼ିଯାଏ ଏବଂ ବଡ଼ି ଇନଫେକ୍ସନ କମ୍ ହେବା ସହିତ ରୋଗ କମ ହୋଇଥାଏ । ଯଦି ଅସହ୍ୟ ମୁଣ୍ଡବିନ୍ଧା ହେଉଛି ତ ୨-୩ ବୁନ୍ଦା ଗାଈ ଘିଅ ନାକରେ ପକାଇଦିଅନ୍ତୁ । ଦେଖିବେ ବିନ୍ଧା କମ ହୋଇଯିବ । ଶରୀରର କୌଣସି ସ୍ଥାନ ପୋଡ଼ିଗଲେ ସେଠାରେ ତୁରନ୍ତ ଘିଅ ଲଗାନ୍ତୁ । ଏହା ପୋଡ଼ାରୁ ତ ରକ୍ଷାକରିଥାଏ ତାଛଡ଼ା ପୋଡ଼ିଯାଇଥିବା ସ୍ଥାନ ଫୁଲିବାକୁ ଦିଏନାହିଁ । ଏସିଡିଟି ଏବଂ କବ୍ ଜ ପାଇଁ ଘିଅ ଖୁବ୍ ଭଲ । ରେଗୁଲାର ଘିଅ ଖାଇଲେ ଏସିଡିଟି, କବ୍‌ଜର ପ୍ରୋବ୍ଲେମ କମ ହୋଇଯାଇଥାଏ । ଯଦି ଦୁର୍ବଳ ଲାଗୁଛି ତ ଗୋଟିଏ ଗ୍ଲାସ କ୍ଷୀରରେ ଗୋଟିଏ ଚାମଚ ଗାଈ ଘିଅ ଏବଂ ମିଶ୍ରି ମିଶାଇ ପିଇଲେ ତୁରନ୍ତ କାର୍ଯ୍ୟ କରିଥାଏ ଏବଂ ଦୁର୍ବଳ ପଣ କମି ସୁସ୍ଥ ଲାଗିଥାଏ । ଯେଉଁମାନେ ପତଳା ସେମାନଙ୍କ ପାଇଁ ଘିଅ ଏକଦମ ଭଲ । ଯେହେତୁ ଏଥିରେ ଫ୍ୟାଟ ଅଧିକ ଥାଏ ତ ଏହା ଓଜନ ବଢ଼ାଇବାରେ ସହାୟକ ହୋଇଥାଏ ।

## ପସନ୍ଦ କରିପାରନ୍ତି ଡେନିମ୍



ପୁରୁଷ ହୁଅନ୍ତୁ କି ମହିଳା, ଡେନିମ୍ ସମସ୍ତଙ୍କ ପ୍ରିୟ ହଲିଉଡ ନାୟିକା ଆଞ୍ଜେଲିନା ଜୋଲିଙ୍କଠାରୁ ବଲିଉଡର ଚୁଲବୁଲି ନାୟିକା ଆଲିଆ ଭଟ୍ଟଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ପସନ୍ଦ କରନ୍ତି । ସେହିପରି ହଲିଉଡର କିମ୍ବଦନ୍ତୀ ନାୟକ ରିଚାର୍ଡ ବର୍ଯନଙ୍କ ଠାରୁ ବଲିଉଡର ରଣବୀର ସିଂହଙ୍କ ପର୍ଯ୍ୟନ୍ତ ସବୁ ସେଲିବ୍ରିଟିଙ୍କ ଏହା ପ୍ରିୟ ପରିଧାନ । ୧୮ଶ ଶତାବ୍ଦୀର ୭୦ ଦଶକରେ ଶ୍ରମଜୀବୀଙ୍କ ଦୈନନ୍ଦିନ ବ୍ୟବହାର ପାଇଁ ପ୍ରସ୍ତୁତ ଡେନିମ୍ ଫେବ୍ରିକ ୧୯୪୦-୫୦ ଆଡ଼କୁ ଅନ୍ତର୍ଜାତୀୟ ଫେସନ ଜଗତରେ ପ୍ରବେଶ କରିଥିଲା ଏତେ ବର୍ଷ ବିତିଯିବା ପରେ ମଧ ତାର ଯାଦୁ ଆଜି ବି ବଳବତ୍ତର ରହିଛି । ଏମିତି ତ ଏହାକୁ ସବୁ ଋତୁରେ ପିନ୍ଧାଯାଇ ପାରିବ, ତେବେ ଗ୍ରୀଷ୍ମଋତୁ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ । ଏହା ଶରୀରକୁ ଖରାରୁ ରକ୍ଷା କରିବା ସହ ସ୍ୱେଦଜନିତ ଅଶ୍ୱସ୍ତିକର ଅନୁଭବରୁ ମୁକ୍ତି ଦିଏ । ସବୁଠାରୁ ବଡ଼ କଥା ହେଲା ଏହାକୁ ଯେ କୌଣସି ଅବସରରେ ପିନ୍ଧାଯାଇ ପାରିବ । ତା ଛଡ଼ା ଏହା ଗୋରା, କଳା, ଶ୍ୟାମଳ ନିର୍ବିଶେଷରେ ସବୁ କଂପ୍ଲେକ୍ସର ବ୍ୟକ୍ତିଙ୍କୁ ମାନେ । ଉଭୟ ପୁରୁଷ ଓ ମହିଳା ଡେନିମ ପ୍ୟାଣ୍ଟ, ସାର୍ଟ ଓ ଜ୍ୟାକେଟ ବ୍ୟବହାର କରିପାରିବେ । ଗାଢ଼ ଡେନିମ୍ ପ୍ୟାଣ୍ଟ ଉପରେ ଧଳା ସାର୍ଟ ବା ଫିକା ନୀଳ ବା କଳା ସାର୍ଟ; ଏବଂ ତା ଉପରେ ଜ୍ୟାକେଟ ଆପଣଙ୍କୁ 'କୁଲ' ଅନୁଭବ ତ ଦେବ, ତା ସହିତ 'ଗର୍ଜିଅସ' ଲୁକ୍ ଦେବ । ଏବେ ଡେନିମର ମୌଳିକ ତଥା ପାରମ୍ପରିକ ରଙ୍ଗ ସହ ବିଭିନ୍ନ ସେଡର ଡେନିମ ବଜାରରେ ଉପଲବ୍ଧ ହେଲାଣି । ଯେମିତି ଏସିଡ୍ ୱାଶେସ, ବିଚଡ ଆଣ୍ଡ ଫ୍ୟାଡେଡ, ଟପ ଷ୍ଟିଚ, ପ୍ୟାଚୱାର୍କ ଓ ପ୍ରିଣ୍ଟେଡ ପ୍ରଭୃତି । ସେହିପରି ତାକୁ ମ୍ୟାଚ କଲା ପରି ପ୍ୟାଣ୍ଟ ସାର୍ଟ ଓ ଜ୍ୟାକେଟ ମଧ ବଜାରରେ ଉପଲବ୍ଧ ।

## ଫୁଲକୋବି ନାଡରେ ଭରିରହିଛି ବହୁ ଭିଟାମିନ



ଆପଣ ଫୁଲକୋବିର ନାଡକୁ ଫୋପାଡ଼ି ଦେଉଛନ୍ତି କି ? ଯଦି ହଁ, ଏହା କରନ୍ତୁ ନାହିଁ । କାରଣ ଫୁଲକୋବି ନାଡରେ ଏମିତି କିଛି ଭିଟାମିନ ଭରପୁର ମାତ୍ରାରେ ଅଛି ଯାହାକି ଆପଣଙ୍କ ଶରୀରକୁ ଶକ୍ତି ଦେବା ସହ କିଛି ରୋଗରୁ ସୁରକ୍ଷା ଦେଇଥାଏ । ଯେତିକି ଲାଭ ଫୁଲକୋବିରୁ ମିଳିଥାଏ ସେତିକି ଫାଇଦା ନାଡରୁ ମଧ ମିଳିଥାଏ । ଫୁଲକୋବି ନାଡରେ କ୍ୟାଲୋରୀ ମାତ୍ରା କମ ଥିବାବେଳେ ଭିଟାମିନ ବହୁତ ପରିମାଣର ଥାଏ । ଜାଣନ୍ତୁ ଫୁଲକୋବି ନାଡରେ କଣ ସବୁ ଭିଟାମିନ ଥାଏ ଓ ଆମ ଶରୀର ପାଇଁ ଏହା କେତେ ଉପଯୋଗୀ ? ଫୁଲକୋବି ନାଡରେ ଭିଟାମିନ୍ ଏ ଥାଏ ଯାହାକି ଆଖିର ଦୃଷ୍ଟିଶକ୍ତିକୁ ଭଲ ରଖେ । ଯେଉଁମାନେ ନିୟମିତ ଭାବେ ଫୁଲକୋବି ନାଡ ଖାଇଥାନ୍ତି, ସେହି ଲୋକଙ୍କର ଆଖିରେ କମ୍ ସମସ୍ୟା ଥାଏ । ଫୁଲକୋବି ନାଡ ଯକ୍ଷ୍ମା ରୋଗରୁ ଉପଶମ ଦେଇଥାଏ । ଯଦି ଆପଣ ଉଚ୍ଚ ରକ୍ତଚାପ ସମସ୍ୟାର ଶିକାର ହେଉଛନ୍ତି ତେବେ ଫୁଲକୋବି ନାଡ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରରେ ରଖିବାରେ ସାହାଯ୍ୟ କରିଥାଏ ।

ଫୁଲକୋବି ନାଡରେ କମ୍ କାର୍ବୋହାଇଡ୍ରେଟ୍, କମ୍ କ୍ୟାଲୋରୀ ଥାଏ ଯାହା ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ଫୁଲକୋବି ନାଡରେ ଭିଟାମିନ୍ କେ ମିଳିଥାଏ, ଯାହା ହାଡକୁ ଶକ୍ତ ରଖିବାରେ ସାହାଯ୍ୟ କରିଥାଏ । ଫୁଲକୋବିର ନାଡ ଖାଇବା ଦ୍ୱାରା ଅସନ୍ତୁଳିତ ହରମୋନ୍ ସନ୍ତୁଳିତ ହୋଇପାରେ । ଏପରି ପରିସ୍ଥିତିରେ ଅସନ୍ତୁଳିତ ହରମୋନ୍ ସମ୍ବନ୍ଧୀୟ ରୋଗ ଦୂର ହୋଇପାରିବ ।

## ଦୀର୍ଘାୟୁ ଜାପାନୀ




ବର୍ତ୍ତମାନ ସମୟରେ ଦିନକୁ ଦିନ ଲୋକଙ୍କ ଆୟୁ କମିଯାଉଥିବାବେଳେ ବହୁତ କମ ଲୋକ ୧୦୦ବର୍ଷ ପର୍ଯ୍ୟନ୍ତ ଜୀଇଁପାରୁଛନ୍ତି । କିନ୍ତୁ ଜାପାନରେ ଅଧିକାଂଶ ଲୋକ ୧୦୦ବର୍ଷରୁ ଅଧିକ ବର୍ଷ ବଞ୍ଚିପାରୁଥିବାର ଜଣାଯାଇଛି । ତେବେ ନିକଟରେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଜାପାନର ସର୍ବମୋଟ ୬୭, ୭୮୫ଜଣ ବୃଦ୍ଧ ଅଛନ୍ତି ଯାହାଙ୍କ ଆୟୁ ୧୦୦ବର୍ଷରୁ ବି ଅଧିକ ଅଟେ । ଏହି ଦୀର୍ଘାୟୁ ବରିଷ୍ଠଙ୍କ ମଧ୍ୟରେ ୮୮.୧ ପ୍ରତିଶତ ଲୋକ ମହିଳା ଅଟନ୍ତି । ତେବେ ଏନେଇ ଜାପାନ ସରକାର କହିଛନ୍ତି ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଓ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟକୁ ନେଇ ଗଢ଼ିଉଠିଥିବା ଜାଗରଣ ହିଁ ମୁଖ୍ୟ କାରଣ । ଏହି ତାଲିକାରେ ଜାପାନର ପୂର୍ବ ପ୍ରଧାନମନ୍ତ୍ରୀ ୟାସୁହିରୋ ନାକାସୋନେ ଯେ ଏହି ବର୍ଷ ୧୦୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି ତାଙ୍କୁ ମଧ ଏହି ତାଲିକାରେ ସାମିଲ କରାଯାଇଛି । ୧୯୭୧ ଠାରୁ ଜାପାନରେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କୁ ଦେଖିବାକୁ ମିଳିଥିଲା । ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପପୁଲେସନ୍ ଆଣ୍ଡ ସିକ୍ୟୁରିଟି ରିସର୍ଚ୍ଚ ଅନୁସାରେ ଆଗାମୀ ୫ବର୍ଷରେ ୧୦୦ରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୧ଲକ୍ଷକୁ ପାର କରିଯିବ ।

## ବିବର୍ଣ୍ଣ ଅଙ୍ଗ ପାଇଁ...





ତ୍ୱଚାରେ ଦାଗ ହେବା ଏକ ସାଧାରଣ ସମସ୍ୟା କିନ୍ତୁ ଏ ସାଧାରଣ ସମସ୍ୟା ଆପଣମାନଙ୍କ ଶରୀରର ସୌନ୍ଦର୍ଯ୍ୟକୁ କ୍ଷତି ପହଞ୍ଚାଏ । ତେବେ ଶରୀରର ଏ ସାମାନ୍ୟ ଦାଗ ଆପଣଙ୍କ ସୁନ୍ଦର ଶରୀରକୁ ବିବର୍ଣ୍ଣ କରିଦିଏ । ହାଇ-ପିଗମେଣ୍ଟେସନ୍ ଦ୍ୱାରା ଆପଣମାନଙ୍କ ଅଙ୍ଗୁଳି ଗଣ୍ଠି, ଆଣ୍ଠୁ, ଗୋଇଠି ଓ ଶରୀରର ଗଣ୍ଠିମାନଙ୍କରେ ପିଗମେଣ୍ଟେସନର ପ୍ରତିଫଳନ ଅଧିକମାତ୍ରାରେ ଜଣାପଡ଼େ ଯାହାଫଳରେ ଆପଣମାନଙ୍କ ତ୍ୱଚାର ରଙ୍ଗ ଗୋଟିଏ ପ୍ରକାର ହୋଇଥିଲେ ଗଣ୍ଠି ଆଦିର ରଙ୍ଗ ଭିନ୍ନ ହୋଇଥାଏ । ଏ ପରିପ୍ରେକ୍ଷୀରେ ଆପଣଙ୍କ ଶରୀର ବିବର୍ଣ୍ଣ ଦେଖାଯାଏ । ତେବେ ଚାଲନ୍ତୁ ଜାଣିବା ପ୍ରାକୃତିକ ଉପାୟରେ ଆପଣମାନେ କିପରି ଏହି ସାଧାରଣ ସମସ୍ୟାରୁ ତ୍ରାହି ପାଇପାରିବେ ।

- ବିବର୍ଣ୍ଣ ଗଣ୍ଠିମାନଙ୍କରେ ଥିବା ମୃତ କୋଷୀକାକୁ ହାଟାଇବା ପାଇଁ ଆପଣମାନେ ପ୍ରାକୃତିକ ଜିନିଷ ବ୍ୟବହାର କରିପାରିବେ ।
- ଦେହରେ ବଡ଼ିଲୋସନ ବା କ୍ରିମ୍ ଲଗେଇବା ପରେ ସନସ୍କ୍ରିନ ଲଗେଇବାକୁ ଜମା ଭୁଲିବେ ନାହିଁ ।
- ବିବର୍ଣ୍ଣ ଅଂଶରେ ପ୍ରାକୃତିକ ତେଲ ଅଲିଭ ଅଏଲ, ଆଲମଣ୍ଡ ଅଏଲ, କୋକାନଟ୍ ଅଏଲ ଆଦି ତେଲକୁ ପ୍ରତିଦିନ ଭଲଭାବେ ମସାଜ କରିବେ ।
- ଧ୍ୟାନ ଦେବେ ଆପଣ ବ୍ୟବହାରର କରୁଥିବା କ୍ରିମ୍ ସେ ବିବର୍ଣ୍ଣ ଜାଗାରେ ସକରାତ୍ମକ କାର୍ଯ୍ୟ କରୁଥିବ । ଅର୍ଥାତ ବ୍ୟବହାର କରୁଥିବା କ୍ରିମ ଆପଣଙ୍କ ଦାଗ ହଟାଇବାରେ ସାହାଯ୍ୟ କରିପାରୁଥିବା ନିହାତି ଦରକାର ।
- ଗଣ୍ଠି ଜାଗାକୁ ହାଲୁକା ମସାଜ କରିବେ । ସବୁବେଳେ ସ୍କ୍ରିବିଂଠାରୁ ଦୂରେଇ ରହିବେ ।
- ପାରିଲେ ପ୍ରତି ସପ୍ତାହରେ ପେଡ଼ିକିଓର ଓ ମାନିକିଓର କରନ୍ତୁ ।

ଉପର ଲିଖିତ ନିୟମର ସଠିକ୍ ପାଳନ କଲେ ଦେଖିବେ ଆପଣଙ୍କ ବିବର୍ଣ୍ଣ ଗଣ୍ଠିର ରଙ୍ଗ ପରିବର୍ତ୍ତନ ହୋଇ ଆପଣଙ୍କ ତ୍ୱଚାର ରଙ୍ଗ ସହ ସମାନ ହୋଇଯିବ ।

## ସ୍ୱାସ୍ଥ୍ୟ ସମାଚାର

ପିଲାଦିନେ ପାଟିରେ କୌଣସି ସଂକ୍ରମଣ ହୋଇଥିଲେ କିମ୍ବା ଦାନ୍ତରୋଗ ଥିଲେ ଏହା ବୟସାଧିକ୍ୟ ବେଳକୁ ଆଥେରୋସ୍କ୍ଲେରୋସିସ୍ ପରି ଜଟିଳ ହୃଦରୋଗର କାରଣ ହୋଇପାରେ । ଏଥିରେ ଧମନୀର ଭିତର କାନ୍ଥରେ ଚର୍ବିଜାତୀୟ ପଦାର୍ଥ ଜମା ହୋଇଯାଏ । ଏହି ତଥ୍ୟ ଜାମା ନେଟୱର୍କ ଓପନ ପତ୍ରିକାରେ ପ୍ରକାଶିତ । ରକ୍ତ ପରୀକ୍ଷା ଦ୍ୱାରା ଆଲଜାଇମର ରୋଗର ଲକ୍ଷଣ ପ୍ରକାଶ ପାଇବାର ପ୍ରାୟ ଆଠବର୍ଷ ପୂର୍ବରୁ ଏହା ସଂକ୍ରାନ୍ତରେ ଜଣାପଡ଼ିପାରିବ । ଏଥିରେ ରକ୍ତରେ ଏକପ୍ରକାର ପ୍ଲାକ୍ ସୃଷ୍ଟି ହେବା ଲକ୍ଷ୍ୟ କରାଯାଏ । ଏହି ତଥ୍ୟ ଆଲଜାଇମର୍ସ ଆଣ୍ଡ ଡିମେନସିଆ ହାଇଗ୍ନୋସିସ୍, ଆସେସମେଣ୍ଟ ଆଣ୍ଡ ଡିଜିଜ ମନିଟରିଂ ପତ୍ରିକାରେ ପ୍ରକାଶ ପାଇଛି ।

## ଦୈନିକ ଗାଜର, ବିଟ୍ ଓ ସେଓ ଖାଇବା ଦ୍ୱାରା ହୁଏ ନାହିଁ ଏହି ଶାରୀରିକ ସମସ୍ୟା

ଯଦି ଆପଣ ବାରମ୍ବାର ଥକ୍କାପଣ, ମୁଣ୍ଡ ବୁଲାଇବା, ଓଜନ ବଢିବା ଏବଂ ମାଂସପେଶୀ ଦୁର୍ବଳ ଲାଗିବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କର ଥାଇରଏଡ୍ ଥାଇପାରେ ବୋଲି ଧରିନିଅନ୍ତୁ । ଏଭଳି ସମୟରେ ଫାଇବର ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ ।

★ ଥାଇରଏଡ୍ ଭଳି ସମସ୍ୟାକୁ ନିଜଠାରୁ ଦୂରେଇବା ପାଇଁ ଦୈନିକ ଗାଜର ଖାଆନ୍ତୁ । ଗାଜରରେ ଆଣ୍ଟିଅକ୍ସିଡେଣ୍ଟସ୍ ଏବଂ ବିଟା କେରୋଟିନ୍ ତତ୍ତ୍ୱ ଥାଏ ଯାହା ଥାଇରଏଡ୍‌ର ହାମୋର୍ନକୁ ନିୟନ୍ତ୍ରିତ କରିଥାଏ । ତେଣୁ ପ୍ରତିଦିନ ଗୋଟିଏ ଲେଖାଁ ଗାଜର ଖାଇଲେ ଥାଇରଏଡ୍‌ରୁ ମୁକ୍ତି ମିଳିବ । ଏଥିରେ ଆଇରନ୍ ଏବଂ ଫାଇବର୍ ଅଧିକ ଥିବାରୁ ଥାଇରଏଡ୍ ପାଇଁ ବହୁତ ଭଲ ହୋଇଥାଏ । ଯଦି ଆପଣ ୨୦ ଦିନ ଲଗାତାର ଗାଜର ଖାଇବେ ତେବେ ଆପଣଙ୍କ ଥାଇରଏଡ୍ ସମସ୍ୟା କମିଯିବ ।

★ ସେଓରେ ମଧ ପେକ୍ଟିନ୍ ଏବଂ ଫାଇବର୍ର ଥାଏ, ଯାହା ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସଫଳ ହୋଇଥାଏ । ଦିନରେ ଗୋଟିଏ ବିଟ୍ ମଧ ଖାଇବାକୁ ଚେଷ୍ଟା କରନ୍ତୁ । ଏଥିରେ ଥାଇରଏଡ୍ କମ୍ କରିବାର ତତ୍ତ୍ୱ ଥାଏ । ଏଥିରେ ଇମ୍ୟୁନ୍ ସିଷ୍ଟମ୍ ବଢିଥାଏ ଏବଂ ଥାଇରଏଡ୍ ହରମୋନ୍ ନିୟନ୍ତ୍ରିତ ହୋଇଥାଏ ।

★ ଯେଉଁ ଲୋକଙ୍କଠାରେ ଥାଇରଏଡ୍ ଭଳି ସମସ୍ୟା ଦେଖାଯାଏ ସେମାନେ ଆଖୁ ଖାଆନ୍ତୁ ନାହିଁ । ଥଣ୍ଡାପାନୀୟ, ଦହି, ଚକଲେଟ୍ , କୁକିଜ୍ , ପେଷ୍ଟ୍ରି ଆଦିର ସେବନ କରନ୍ତୁ ନାହିଁ । ଏହାଛଡ଼ା ଅଧିକ ଲୁଣ ଖାଇବା ଦ୍ୱାରା ମଧ ଥାଇରଏଡ୍ ଅଧିକ ବଢିଥାଏ । ଯଦି ଆପଣ ପୂର୍ବରୁ ଏହି ରୋଗରେ ପୀଡିତ ଅଛନ୍ତି ତେବେ ମିଠା, ଲୁଣି, ରାଗ ଅଧିକ ଖାଆନ୍ତୁ ନାହିଁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବଦଳୁଛି କଳେବର...

ବୈଶ୍ୱିକ ମହାମାରୀ କରୋନା ବିରୁଦ୍ଧରେ ଭାରତ ସମେତ ସମଗ୍ର ବିଶ୍ୱର ସଂଗ୍ରାମକୁ ଏକବର୍ଷ ପୂରି ସାରିଛି। ଏହି ସମୟ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ସତ୍ତ୍ୱେ ଏହା ସ୍ୱୀକାର କରିବାକୁ ହେବ ଯେ, କରୋନା ଉପରେ ଅନେକାଂଶରେ ନିୟନ୍ତ୍ରଣ ପ୍ରାପ୍ତ ହୋଇଛି। ସେଥିପାଇଁ ହଜାର ହଜାର କୋଟି ଟଙ୍କାର ଅର୍ଥ ବ୍ୟୟ କରିବାକୁ ପଡ଼ିଛି। ଭାରତର କରୋନା ବିରୋଧୀ ଲଢ଼େଇ ସମଗ୍ର ବିଶ୍ୱ ନିମନ୍ତେ ଏକ ଅନୁକରଣୀୟ ଉଦାହରଣ ପାଲଟିଛି। ଏବେ ଭାରତରେ କରୋନାର ଦୈନିକ ସଂକ୍ରମଣ ସଂଖ୍ୟା ଓ ମାତ୍ରା ହ୍ରାସ ପାଉଥିବାବେଳେ ଏବେ କରୋନାର ଆଉ ଦୁଇଟି ନୂଆ କିସମ (ବିବର୍ତ୍ତିତ ରୂପ) ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେ ଦୁଇଟି ପରିବର୍ତ୍ତିତ କରୋନା ଭୂତାଣୁ ହେଲେ-ଦକ୍ଷିଣ ଆଫ୍ରିକା କିସମ ଓ ବ୍ରାଜିଲ କିସମ। ଏହାର ଅର୍ଥ ବୈଜ୍ଞାନିକମାନେ ଯାହା ଆଶଙ୍କା କରୁଥିଲେ, ତାହା ସତ୍ୟରେ ପରିଣତ ହୋଇଛି। ତାହା ହେଲା କରୋନା ଭୂତାଣୁ ମାନବ ସମାଜରୁ ନିର୍ଶ୍ଚିହ୍ନ ହେବନାହିଁ। ଏହା ତା'ର କାୟା ବଦଳାଇ ବିଭିନ୍ନ ରୂପରେ ଭିନ୍ନ ଭିନ୍ନ ସମୟରେ ଦୃଶ୍ୟମାନ ହେବ। ଦୃଶ୍ୟ, ଅର୍ଥାତ୍ ସଂକ୍ରମଣ। ପ୍ରଥମେ କୋଭିଡ୍-୧୯ ଅବା ନଭେଲ କରୋନା ଭୂତାଣୁ ଯେତେବେଳେ ଚୀନ ସମେତ ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇଲା, ବୈଜ୍ଞାନିକମାନେ ଆଶଙ୍କା କରଉଥିଲେ ଯେ ଏହା ମହାପ୍ରଳୟଙ୍କରୀ ରୂପ ଧାରଣ କରିବ। ଉଣାଅଧିକେ ପରିଣାମ ସେଇଆ ହେଲା। ଏହାପରେ ବ୍ରିଟେନରୁ କରୋନାର ଏକ ନୂଆ ଷ୍ଟ୍ରେନଯୁକ୍ତ ଭୂତାଣୁ ଜନ୍ମନେଲା ଓ ତାହା ଏପର୍ଯ୍ୟନ୍ତ ସେ ଦେଶରେ ଆତଙ୍କ ଖେଳାଇ ଚାଲିଛି। ବ୍ରିଟେନରୁ ତାହା ଭାରତ ସମେତ ଆହୁରି ଅନେକ ରାଷ୍ଟ୍ରକୁ ବ୍ୟାପିଛି। ଏହି କାରଣରୁ ଭାରତର କିଛିଦିନ ପାଇଁ ବ୍ରିଟେନ ସହ ସ୍ୱାଭାବିକ ବିମାନ ଯାତାୟାତ ବାତିଲ କରିଥିଲା। ପୁଣି ଦେଶରେ କେଇ ଡଜନ ବ୍ରିଟେନ ଷ୍ଟ୍ରେନଯୁକ୍ତ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ସେମାନଙ୍କ ଲାଗି ସରକାର ଅଧିକ କଡ଼ାକଡ଼ି ଭାବେ ସଂଗରୋଧ ବ୍ୟବସ୍ଥା କରିଥିଲେ। ଏହାର କାରଣ ହେଲା, ବ୍ରିଟେନ ଷ୍ଟ୍ରେନଯୁକ୍ତ କରୋନା ଭୂତାଣୁର ମାରକ କ୍ଷମତା। ଏହା ସାଧାରଣ କରୋନା ଭୂତାଣୁଠାରୁ ଯେତିକି ଅଧିକ ସଂକ୍ରମଣଶୀଳ, ତାହାଠାରୁ ଅଧିକ ଭୟଙ୍କର ଅର୍ଥାତ, ସଂକ୍ରମିତଙ୍କ ପ୍ରାଣହାନି ଘଟିବା ଆଙ୍କା ବେଶୀ। ଏଭଳି ପୃଷ୍ଠଭୂମିରେ କରୋନାର ଦୁଇଟି ନୂଆ ସ୍ୱରୂପ ଦକ୍ଷିଣ ଆଫ୍ରିକା ଷ୍ଟ୍ରେନ ଓ ବ୍ରାଜିଲ ଷ୍ଟ୍ରେନ ଏବେ ଲୋକଲୋଚନକୁ ଆସିଛି। ଏହି ଦୁଇ ଷ୍ଟ୍ରେନ ମଧ୍ୟ ଅନୁରୂପ ଭାବେ ବିପଦଜନକ ବୋଲି ଆଶଙ୍କା କରାଯାଉଛି। ଆମେରିକାର ବୈଜ୍ଞାନିକମାନେ ଦକ୍ଷିଣ ଆଫ୍ରିକା ଷ୍ଟ୍ରେନର କରୋନା ଭୂତାଣୁକୁ ପରୀକ୍ଷା କରି ଜାଣିବାକୁ ପାଇଛନ୍ତି ଯେ ଏହାର ମାରକ କ୍ଷମତା ଏତେ ଅଧିକ ଯେ ପ୍ରତିଷେଧକ ଟିକା ନେଇଥିବା ବ୍ୟକ୍ତିଙ୍କୁ ସୁଦ୍ଧା ଏହା ସଂକ୍ରମଣ କରିପାରେ। ଟିକା ଗ୍ରହଣକାରୀଙ୍କ ଶରୀରର ଆଂଟିବଡ଼ିକୁ ପ୍ରାୟ ତିନି-ଚତୁର୍ଥାଂଶ କମାଇ ଦେବାକୁ ଏହା ସକ୍ଷମ। ତେଣୁ ଫାଇଜର/ବାୟୋଏନଟେକ ଏସଇ ଟିକା ଏହାକୁ କାଟୁ କରିନପାରେ ବୋଲି ବୈଜ୍ଞାନିକମାନେ ପ୍ରମାଦ ଗଣୁଛନ୍ତି। ଅର୍ଥାତ, ଏହି ନୂତନ ଭୂତାଣୁ ଲାଗି ଆହୁରି ନୂଆ ପ୍ରତିଷେଧକ ଖୋଜାଯିବ, ଯାହାକି ପୁଣି ଏକ ନୂତନ ଚାଲେଂଜ ଭାବେ ବିବେଚିତ ହେବ। ଏବେ ପ୍ରଶ୍ନ ଉଠେ, ସତରେ କ'ଣ କରୋନା ଏପରି ଏକ ଅମରବର ପ୍ରାପ୍ତ ଭୂତାଣୁ ଯାହା ସମୟାନ୍ତରେ ତା'ର କାୟା ବଦଳାଇ ମାନବ ସମାଜକୁ ଅସ୍ତବ୍ୟସ୍ତ କରି ଚାଲିଥିବ? ଏହାର କୌଣସି ଚୂଡ଼ାନ୍ତ ପ୍ରତିକାର ନାହିଁ। କିଛି ବୈଜ୍ଞାନିକଙ୍କ ଦାବି ଯେ, କେଇବର୍ଷ ପରେ କରୋନା ସାଧାରଣ ଥଣ୍ଡାଜ୍ୱର ଓ ସର୍ଦ୍ଦି ଭଳି ସ୍ୱାଭାବିକ ହୋଇଯିବ। କେଉଁଟି ସତ୍ୟ, କ'ଣ ବାସ୍ତବତା ତାହା ଈଶ୍ୱରଙ୍କୁ ଜଣା। କିନ୍ତୁ ବର୍ତ୍ତମାନର ସତ୍ୟଟି ହେଲା, ଏ ବିପଦ ତଥାପି ଟଳିନାହିଁ ଓ ଆମକୁ ଏକ ଅନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଏଥିରେ ଘାଂଟିହେବାକୁ ପଡ଼ିବ। ତେଣୁ ସତର୍କତା ହିଁ ଏହାର ଏକମାତ୍ର ବାସ୍ତବ ଉପଚାର।

# ବିଶ୍ୱ ପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀ

**ବିଶ୍ୱନାଥ ରଣା**

ମୁକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିମ୍
ଯତ୍ କୃପା ତମ ହଂ ବନ୍ଦେ ପରମାନନ୍ଦ ମାଧବମ
(ଶ୍ରୀଧର କୃତ)

ଜଗତରେ ଆଧ୍ୟାତ୍ମିକ ଆକାଶରେ ଯେତେ ଯେତେ ଜ୍ଞାନୀ, ଗୁଣୀ, ପଣ୍ଡିତ ମହାପୁରୁଷ ବୃନ୍ଦ ଜନ୍ମ ଗ୍ରହଣ କରିଛନ୍ତି ତନ୍ମଧ୍ୟରୁ ପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀ ଅନ୍ୟତମ।

ତାଙ୍କ ଜୀବିତ ଅବସ୍ଥାରେ ବାରାଣସୀର ସଙ୍କୀର୍ଣ୍ଣମନା ଜ୍ଞାନୀ ପଣ୍ଡିଗତ ଶ୍ରୀଧରଙ୍କ ସୁବୋଧିନୀ ଟୀକାର ପ୍ରାଧ୍ୟାନ୍ୟକୁ ସମ୍ମାନ ଦେବାରେ ଅନିଚ୍ଛା ପ୍ରକାଶ କରିବାରୁ ତାଙ୍କ ଲିଖିତ ସଂସ୍କୃତ ପାଣ୍ଡୁଲିପି କାଶୀ ବିଶ୍ୱନାଥଙ୍କ ସମ୍ମୁଖରେ ରାତ୍ରରେ ଉପସ୍ଥାପନ କରାଗଲା।

ସ୍ୱୟଂ ବିଶ୍ୱନାଥ ସ୍ୱପ୍ନାଦେଶ ଦେଲେ

ଅହଂ ବେତ୍ତି ଶୁକୋ ବେତ୍ତି ବ୍ୟାସୋ ବେତ୍ତି ନ ବେତ୍ତିବା
ଶ୍ରୀଧର ସକଳଂବେତ୍ତି ଶ୍ରୀ ନୃସିଂହ ପ୍ରସାଦତଃ

ତାଙ୍କ ରଚିତ ଶ୍ରୀମଦ୍ ଭାଗବତ୍ ଗୀତାର ସୁବୋଧିନୀ ଟୀକା ପୃଥିବୀ ବିଖ୍ୟାତ। ଶ୍ରୀମଦ୍ ଭଗବତ୍ ଗୀତା ପୃଥିବୀରେ ବହୁ ଭାଷାରେ ଅନୁବାଦ ହୋଇଅଛି।

ପୁରୀସ୍ଥିତ ଆଦି ଶଙ୍କରାଚାର୍ଯ୍ୟ ପ୍ରତିଷ୍ଠିତ ଗୋବର୍ଦ୍ଧନ ମଠର ସଂସ୍କୃତ ପୋଥି ରେକର୍ଡ଼ରୁ ଜଣାଯାଏ ଶ୍ରୀଧର ସ୍ୱାମୀ ସେହି ମଠର ମଠାଧିଶ ଗୋସ୍ୱାମୀ ରାମକୃଷ୍ଣାନନ୍ଦଙ୍କ ଶିଷ୍ୟ ଥିଲେ।

ପରବର୍ତ୍ତୀ ସମୟରେ ଗଜପତି ପ୍ରତାପ ଭାନୁଦେବ ଢ଼େଙ୍କାନାଳ ଶିଖରରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ସେବାପୂଜା ପାଇଁ ଗୋସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ପ୍ରେରଣ କଲେ। ଦୀର୍ଘ ଦିନ ପରେ ତାଙ୍କ ସ୍ୱର୍ଗାବାସ ହେବାରୁ ଶିଷ୍ୟ ଶ୍ରୀଧରର କପିଳାସ୍ଥିତ ସେହି ନୈସର୍ଗିକ ପ୍ରାକୃତିକ ଶିବଧାମରେ ଚନ୍ଦଶେଖର ଏବଂ ଭଗବାନ ନୃସିଂହଙ୍କ ଉପାସନା ପୂର୍ବକ କଠୋର ତପଶ୍ଚର୍ଯ୍ୟା କରି ସିଦ୍ଧିପ୍ରାପ୍ତ ହେଲେ। ବେଲୁଡ଼ ମଠସ୍ଥ ରାମକୃଷ୍ଣ ଧର୍ମଚକ୍ରର ବିଦ୍ୱାନ ଗବେଷକ ପଣ୍ଡିତ ଜଗଦୀଶ୍ୱରାନନ୍ଦ ଆଲୋକପାତ କରିଛନ୍ତି ଶ୍ରୀଧରସ୍ୱାମୀକୃତ ସୁବୋଧିନୀ ଟୀକା ସର୍ବାପେକ୍ଷା ସରଳ, ସାରଗର୍ଭକ ଏବଂ ସଂକ୍ଷିପ୍ତ।

ପାଠକ ପାଠିକାଙ୍କ ପାଇଁ ସୁଖପ୍ରଦ, ଜ୍ଞାନ ଓ ଭକ୍ତିର ସୁନ୍ଦର ସମନ୍ୱୟର ଟୀକା।

ତାଙ୍କର ଶ୍ରୀମଦ୍ ଭାଗବତର ଟୀକା 'ଭାବାର୍ଥ ଦୀପିକା' ପାଠ କରି ଶ୍ରୀ ଚୈତନ୍ୟ ଦେବ ଶ୍ରୀଧର ସ୍ୱାମୀଙ୍କୁ ଗୁରୁ ରୂପେ ବରଣ କରି ଜଗତ୍‌ଗୁରୁ ବୋଲି କହିଛନ୍ତି।

"ଶ୍ରୀଧର ପ୍ରସାଦେତେ ଆମ ଭାଗବତ ଜାନି ଶ୍ରୀଧର ସ୍ୱାମୀକେ ଗୁରୁବୋଲି ମାନି"

ଶ୍ରୀଧର ସ୍ୱାମୀଙ୍କୁ ଲୋକ ଲୋଚନକୁ ଆଣିଥିଲେ, ରେମୁଣାରେ ଜନ୍ମିତ ବିଶିଷ୍ଟ ଶିକ୍ଷାବିତ୍ ୰ ଚନ୍ଦ୍ରମୋହନ ମହାରଣା।

ସେ କଟକରେ ଅବସ୍ଥାନ କରୁଥିବା ସମୟରେ ମୟୂରଗ୍ରାମସ୍ଥ ୰ ମହାଦେବ ପତିଙ୍କଠୁଁ ସେ ଶ୍ରୀଧର ସ୍ୱାମୀଙ୍କ ବଂଶଧର ବୋଲି ଜାଣି ଅବାକ୍ ହୋଇଥିଲେ।

ତାଙ୍କୁ କେଉଁ ଶ୍ରୀଧର ସ୍ୱାମୀ ବୋଲି ପ୍ରଶ୍ନ କରିଥିଲେ?

ତାଙ୍କଠୁ ଜାଣିଲେ ଶ୍ରୀଧର ଦାସଙ୍କ ବଂଶ ନିବଂଶ ହେବାରୁ ଏହି ପତିସଂଜ୍ଞାଧାରୀ ବଂଶର ପୂର୍ବ ପୀଢ଼ିର କେହି ପୋଷ୍ୟ ପୁତ୍ର ରୂପେ ଶ୍ରୀଧରଙ୍କ ବଂଶକୁ ଯାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଭୂସମ୍ପତ୍ତି ଜମିଜମାର ଓ୍ୱାରିସଦାର ହୋଇ ଜମିବାଡ଼ି ଭୋଗଦଖଲ କଲେ।

ପୂର୍ବରୁ ପତି ବଂଶ ଦାୟଦଙ୍କ ନିକଟରେ ବହୁ ଦୁଷ୍ପ୍ରାପ୍ୟ ଜ୍ଞାନଗର୍ଭକ ସଂସ୍କୃତ ତାଳପତ୍ର ପୋଥିମାନ ଥିଲା। ଅବସ୍ଥା ଚକ୍ରରେ ନିଜର ଦାରିଦ୍ରତା ଯୋଗ୍ୟ ସେ ବଂଶର ଦାୟଦମାନେ ଅଳ୍ପ ଟଙ୍କାରେ ପୋଥି ଗୁଡ଼ିକୁ ଅନ୍ୟକୁ ବିକ୍ରୟ କରିଛନ୍ତି ଏବଂ ବନ୍ଧା ଦେଇଛନ୍ତି। ୧୯୭୩ ମସିହା ମିଳିତ ନଦୀ ଗଙ୍ଗାହାର, ସୋନ ଏବଂ ବଳଙ୍ଗ ବନ୍ୟାରେ ସେହି ଗ୍ରାମ ଜଳମଗ୍ନ ହେବାରୁ ଅନ୍ୟାନ୍ୟ ଘର ସହ ପତି ବଂଶଙ୍କ ଘର ଏବଂ ଅନେକ ପୋଥି ଭାସିଯାଇଥିଲା। ରେମୁଣାର ଏହି ମହାପୁରୁଷ ସମ୍ପର୍କରେ ବିଦ୍ୱାନ ଶିକ୍ଷାବିତ୍ ୰ ଚନ୍ଦ୍ରମୋହନ ମହାରଣା, ବିଶିଷ୍ଟ ଭୂଦାନକର୍ମୀ ୰ ଶରତ ମହାରଣା, ଲଳିତ କବି ୰ ଲକ୍ଷ୍ମୀନାରାୟଣ ମହାରଣା ଏବଂ ରସରାଜ ୰ ବଟବିହାରୀ ଦାସ ତାଙ୍କ ଲେଖନୀ ମୁନରେ ଆଗାମୀ ପିଢ଼ୀଙ୍କ ନିମନ୍ତେ ଶ୍ରୀଧର ସ୍ୱାମୀଙ୍କ ପରିଚୟ, ଜୀବନୀ ଏବଂ କର୍ମ ବିସ୍ତୃତ ଭାବେ ରଚନା କରିଯାଇଛନ୍ତି।

ସେ କିଭଳି ଭାବେ ପତ୍ନୀ ଓ ପୁତ୍ରଙ୍କୁ ହରାଇ ସଂସାର ତ୍ୟାଗ କଲେ। ଆଧ୍ୟାତ୍ମିକ ଜଗତକୁ ପ୍ରବେଶ କରି କିଭଳି ଜ୍ଞାନାଲୋକ ପ୍ରାପ୍ତ ହେଲେ ତାହା ହିଁ ତାଙ୍କର ପରିଚୟ।

ଲାଲଦାସକୃତ ବଂଗଳାର 'ଭକ୍ତମାଳା ନାମକ ଗ୍ରନ୍ଥରୁ ଜଣାଯାଏ ଶ୍ରୀଧର ସ୍ୱାମୀ ଶ୍ରୀ ପରମାନନ୍ଦ ପୁରି ନାମକ ନିଜ ଗୁରୁ ସନ୍ୟାସୀଙ୍କ କୃପାରୁ ନୃସିଂହ ମନ୍ତ୍ର ସାଧନ କରି ସିଦ୍ଧିପ୍ରାପ୍ତ ହୋଇଥିଲେ।

ମହର୍ଷି ବେଦବ୍ୟାସକୃତ ସଂସ୍କୃତ ଭାଗବତ ଅଠର ହଜାର ଶ୍ଳୋକ ଅତ୍ୟନ୍ତ ଦୁର୍ବୋଧ ଥିବାରୁ ଶ୍ରୀଧର ସ୍ୱାମୀ ତାହାକୁ ଦୀର୍ଘ ଚବିଶ ହଜାର ଶ୍ଳୋକରେ ସମ୍ପୂର୍ଣ୍ଣ କଲେ।

ଉତ୍କଳରେ ଓଡ଼ିଆ ଭାଗବତ ରଚନା ପାଇଁ ପରବର୍ତ୍ତୀ ସମୟରେ ଅତିବଡ଼ି ଜଗନ୍ନାଥ ଦାଶ ତାଙ୍କ ରଚନାରେ ପ୍ରଭାବିତ ହୋଇଥିଲେ।

ମୋର ବାରିପଦା ରହଣି କାଳରେ ବ୍ୟାଙ୍କର ଜୈନିକ ଗ୍ରାହକ ବନାରସ ନିବାସୀ ଗୁଜୁରାଟି ବ୍ୟବସାୟିକଙ୍କ ସହ କଥାବାର୍ତ୍ତା ପରେ ସେ ଶ୍ରୀଧର ସ୍ୱାମୀଙ୍କ ହିନ୍ଦୀ ପୁସ୍ତକ ଗୁଡ଼ିକ ଆଣିବା ପାଇଁ ସମ୍ମତି ପ୍ରଦାନ କରିଥିଲେ। ନିଜ ଗୃହ ବନାରସଠାରେ ମଟରସାଇକେଲ ଦୁର୍ଘଟଣା ଯୋଗୁଁ ସେ ଭଦ୍ରବ୍ୟକ୍ତି ଆଉ ବାରିପଦା ଆସିଲେ ନାହିଁ। ତାଙ୍କ ବାରିପଦା ଦୋକାନ ବନ୍ଦ ହୋଇଗଲା। ମୁଁ ପୁସ୍ତକ ପ୍ରାପ୍ତିରୁ ବଂଚିତ ହେଲି।

ଓଡ଼ିଶାରେ ମୁଦ୍ରଣ ଶିଳ୍ପର ଅଭାବ ଯୋଗୁଁ କାଶୀରେ ଶ୍ରୀଧର ସ୍ୱାମୀକୃତ ସଂସ୍କୃତ ଗ୍ରନ୍ଥ ଓ କାବ୍ୟ ହିନ୍ଦୀ ଭାଷା ମୁଦ୍ରଣରେ ମିଳିଥାଏ। ହିନ୍ଦୀଭାଷାରେ ରଚନା ପାଇଁ ଅନେକ ତାଙ୍କୁ ଗୁଜୁରାଟି କିମ୍ବା ଉତ୍ତର ଭାରତ ବାସିନ୍ଦା ବୋଲି ଜାଣନ୍ତି।

ବର୍ତ୍ତମାନ ମଧ୍ୟ ଓଡ଼ିଶାର ଯେତେ ଗୁଡ଼ିଏ ଓଡ଼ିଆ ପାଂଜି ବାହାରୁଛି, କୌଣସିଥିରେ ପବିତ୍ର ମାଘ ସପ୍ତମୀ ଜଗତ୍ ଗୁରୁ ଟୀକାକାର ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ବୋଲି ପ୍ରକାଶ ହେଉନାହିଁ।

ଆଜିବି ଓଡ଼ିଆ ଜାତି ଭାରତ ତଥା ପୃଥିବୀ ବକ୍ଷରେ ମୁଣ୍ଡ ଟେକି ଛିଡ଼ା ହେବା ଶିଖିପାରିଲା ନାହିଁ। କବି ଜୟଦେବ ଓଡ଼ିଶାର ଏବଂ ବକ୍ସି ଜଗବନ୍ଧୁଙ୍କୁ ବାଲେଶ୍ୱରଠାରେ ଫାଶି ଦିଆହେବା ବହୁ କଷ୍ଟରେ ପ୍ରମାଣିତ ହୋଇଅଛି। ଲଳିତ କବି ୰ ଲକ୍ଷ୍ମୀନାରାୟଣ ତାଙ୍କ କବିତାରେ ଲେଖିଛନ୍ତି:-

"ଭାରତୀ ବରପୁତ୍ର ସ୍ୱାମୀ ଶ୍ରୀଧର
ରେମୁଣା ଗଉରବ ତୁଙ୍ଗ ଶିଖର"

ଛଅଶତ ବର୍ଷ ପୂର୍ବରୁ ମହିମା ପୁରୁଷ ପୃଥିବୀ ପୃଷ୍ଠରେ ଜନ୍ମଲାଭ କରିବେ ବୋଲି ସ୍ୱପ୍ନରେ ଶ୍ରୀଧର ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଶ୍ରୀଧରଙ୍କ ସିଦ୍ଧ ଚନ୍ଦ୍ରିକା ପୁସ୍ତକରୁ ଏହି ତଥ୍ୟ ମିଳିଥାଏ, ସେଥିରେ ଲେଖାଅଛି:-

"ଯୋରନ୍ଦାଦ ନାମେ ଏକ ଗ୍ରାମ
ସେ ଗ୍ରାମ ନିତ୍ୟ ଗୁପ୍ତ ଧାମ"

ଦୁଃଖର ବିଷୟ ରେମୁଣାର ପାଂଚ ଶତାଂଶ ଜନସାଧାରଣ ଜଗତ୍ ଗୁରୁ 'ଶ୍ରୀଧର ସ୍ୱାମୀ'ଙ୍କ ସମ୍ପର୍କରେ ଅଜ୍ଞ। ବାଲେଶ୍ୱର ଅବସ୍ଥା ତଦ୍ରୂପ। ମାଘସପ୍ତମୀ ଦିନ କିଛି ଓଡ଼ିଆ କାଗଜରେ ଶ୍ରୀଧର କଥା ପ୍ରକାଶ ହେଉଅଛି। ଶ୍ରୀଧର ଓଡ଼ିଶା କିମ୍ବା ଅନ୍ୟ ରାଜ୍ୟର ବୋଲି ଓଡ଼ିଶାବାସୀ ସନ୍ଧିୟାନ, ଏହାହିଁ ଓଡ଼ିଶାରେ ଶ୍ରୀଧର ସ୍ୱାମୀଙ୍କ ପରିଚୟ ଏବଂ ପ୍ରଚାର ଓ ପ୍ରସାରର ଅନ୍ତରାୟ।

ବଂଧୁ ଡ. ଭାଗବତ ଦାସ ଏବଂ ତାଙ୍କର ସାଥୀ ସହଯୋଗୀ ସର୍ବଶ୍ରୀ ହରେକୃଷ୍ଣ ପଣ୍ଡା, ହରେକୃଷ୍ଣ ଗିରି, ନିରଂଜନ ସାହୁ, ପ୍ରଦୀପ ମିଶ୍ର ଏବଂ ଗୋବିନ୍ଦ ପାଢ଼ୀ ପ୍ରମୁଖ ଦୀର୍ଘ ବ୪୦ର୍ଷରୁ ଉର୍ଦ୍ଧ୍ୱକାଳ ଧରି ମୟୂରଗ୍ରାମରେ ଶ୍ରୀଧର ସ୍ୱାମୀଙ୍କ ନାମରେ ବିଦ୍ୟାଳୟ, ପାଠାଗାର ଏବଂ ସ୍ମୃତି ସଂସଦ ପ୍ରତିଷ୍ଠା କରି ପଣ୍ଡିତ ବଳଦେବ ବିଦ୍ୟାଭୂଷଣ ଏବଂ ଟୀକାକାର ଶ୍ରୀଧର ସ୍ୱାମୀଙ୍କ ପୁସ୍ତକ ପ୍ରକାଶନ ସମାଜର ସେବା କରିଆସୁଛନ୍ତି। ସୁଦୂର ଢ଼େଙ୍କାନାଳର ଶ୍ରୀଧର ସ୍ୱାମୀଙ୍କ ନାମରେ କଳା ଓ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଅଛି। ଓଡ଼ିଶା ସରକାରଙ୍କର ସଂସ୍କୃତି ବିଭାଗ ମୟୂରଗ୍ରାମଠାରେ ଶ୍ରୀଧର ସ୍ୱାମୀଙ୍କ ପୀଠରେ କମନୀୟ ମାର୍ବଲ ପ୍ରସ୍ତର ମୂର୍ତ୍ତି ସ୍ଥାପନ କରିଛନ୍ତି।

ଜୈନିକ ସିଙ୍ଗାଣିଆ ନାମଧେୟ ଓଡ଼ିଶା ବାହାରର ଜଣେ ଧର୍ମାନୁରାଗୀ ବ୍ୟବସାୟୀ ୧୧ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀଧର ସ୍ୱାମୀଙ୍କ ଏକ ସୁନ୍ଦର ଭବ୍ୟ ମନ୍ଦିର ମୟୂରଗ୍ରାମରେ ନିର୍ମାଣ କରିଛନ୍ତି। ଯାହା ଜନମାନସଙ୍କୁ ଭକ୍ତି ଓ ଆନନ୍ଦ ପ୍ରଦାନ କରିଆସୁଅଛି। ବୈଦିକ ରୀତିରେ ବହୁ ନରନାରୀଙ୍କ ଗହଣରେ ଏହା ପ୍ରତିଷ୍ଠା ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ୧୯୯୭ ମସିହାଠାରୁ ମାଘ ସପ୍ତମୀ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ମୟୂରଗ୍ରାମରେ ପାଳନ ପାଇଁ ସମସ୍ତ ସାହାଯ୍ୟ ସହଯୋଗ କରିଆସୁଅଛି।

ରେମୁଣାର ମେଡିକାଲ କଲେଜ ନିର୍ମାଣ ସମୟରେ ଏହି ଅନୁଷ୍ଠାନ ଶ୍ରୀଧର ସ୍ୱାମୀଙ୍କ ନାମରେ ନାମିତ କରିବା ପାଇଁ ମୁଁ ଖବର କାଗଜରେ ପ୍ରକାଶ କରିଥିଲି। କିନ୍ତୁ ତାହା ଅନୁମୋଦିତ ହେଲା ନାହିଁ। ଆମର ଦୁର୍ଭାଗ୍ୟ ବହୁ ଜ୍ଞାନୀ, ଗୁଣୀ, ମହାପୁରୁଷ ଘରର ନିଅଁ ଭଳି ଲୋକଲୋଚନକୁ ନ ଆସି ମାଟି ତଳେ ଚାପି ରହିଯାଉଛନ୍ତି।

ଯୋଗଜନ୍ମା ପଣ୍ଡିତ ମହାପୁରୁଷ ସିଦ୍ଧସାଧକ ଶ୍ରୀଧର ସ୍ୱାମୀଙ୍କ ଉପରେ ରିତିମତ ଗବେଷଣା ଏବଂ ତାଙ୍କର ସଂସ୍କୃତ ରଚନା ଓଡ଼ିଆରେ ପ୍ରକାଶନ କରାଗଲେ ତାହାହିଁ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇପାରନ୍ତା। ତାଙ୍କ କୃତି ଓ ଜ୍ଞାନର ପରିଚୟ ପାଇଁ ସାରା ପୃଥିବୀ ଅଶତ ଭାରତର ଗୌରବକୁ ସ୍ମରଣ କରିପାରନ୍ତେ।

ଆଜିର ଚିନ୍ତନ ଆତ୍ମସମୀକ୍ଷା ଦ୍ୱାରା ବିସ୍ମରଣ ଅତୀତ ଗୌରବ ଐତିହ୍ୟର ପୁନଃରୁଦ୍ଧାର।

"ଜୟତୁ ଶ୍ରୀଧର ସ୍ୱାମୀ"

+ସମ୍ପାଦକ ଜଗତଗୁରୁ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ
ବାଲେଶ୍ୱର,
ଐତିହ୍ୟଭବନ, ପଦ୍ମୁଆଁପଦା,
ବାଲେଶ୍ୱର
ମୋ: ୯୪୩୯୨୨୦୪୩୨

# ସୁସ୍ଥ ଜଗତୀକରଣ ପ୍ରକ୍ରିୟାରେ ସାମାଜିକ ନ୍ୟାୟର ବ୍ୟବସ୍ଥା



**ବିପିନ ବିହାରୀ ମହାନ୍ତି**

କୌଣସି ବ୍ୟକ୍ତିର ସୁସ୍ଥତା କହିଲେ ଶାରିରୀକ, ମାନସୀକ, ସାଂସ୍କୃତିକ ଏବଂ ସାମାଜିକ ସୁସ୍ଥତାକୁ ବୁଝାଏ। ସାମାଜିକ ସୁସ୍ଥତା ହେଉଛି ସେହି ସୁସ୍ଥତା ଯାହାକି ଜଣେ ବ୍ୟକ୍ତି ଅଭାବ ଏବଂ ଅନାଟନର ଦୂରରେ ରହି ସୁଖ ଏବଂ ଶାନ୍ତିରେ ସମାଜରେ ବସବାସ କରିପାରିବ । ସାମାଜିକ ସୁସ୍ଥତାର ବାଧକ ହେଉଛି ଦାରିଦ୍ର୍ୟ, କିଛି ବଂଞ୍ଚିତ ବା ବର୍ଜିତ କାରଣ ତଥା ବେକାରୀ ସମସ୍ୟା। କୌଣସି ପ୍ରକାରେ ଏହି ତିନୋଟି ଆବଶ୍ୟକ କୌଣସି ବ୍ୟକ୍ତି ପାଖରେ ପହଞ୍ଚି ପାରିଲେ, ଏ ସମସ୍ୟା ରହିବନାହିଁ। ନୋହିଲେ ଏହାହିଁ ଆମ ଦୁଃଖର କାରଣ । ସମାଜରେ ଏ ନେଇ ବୈଷମ୍ୟ ରହିଥିବା ହେତୁ ଏବଂ ଜଣଙ୍କ ପାଖରେ ତା'ର ମୌଳିକ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଏବଂ ବାସଗୃହର ଅଭାବ ରହିବା କାରଣରୁ ସେ ସାମଜିକ ସ୍ୱାସ୍ଥ୍ୟ ପାଇପାରେ ନାହିଁ। ଏହି ପ୍ରକାର ବ୍ୟକ୍ତିମାନେ ସମାଜରେ ବଡ଼ ଦୟନୀୟ ଅବସ୍ଥାରେ ବାସ କରନ୍ତି। ଏ ବିଶ୍ୱରେ ଏହିପରି ଅନେକ ବଂଞ୍ଚିତ ଅଥବା ବର୍ଜିତ ଗୋଷ୍ଠୀ ଦୈନନ୍ଦିନ ବହୁଦୁଃଖରେ କାଳାତିପାତ କରନ୍ତି। ବିଶ୍ୱର ଏହି ଦୁଃଖ ଦେଖି ସନ୍ଥ କବି ଭୀମଭୋଇ ଆର୍ତ୍ତନାଦ ସ୍ୱରରେ ଯେଉଁ ପଂକ୍ତିଟି ଗାଇ ଉଠୁଥିଲେ :-

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ଏ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ।।

ଭୀମଭୋଇଙ୍କର ଏହି ଉକ୍ତିଟି ଜାତିସଂଘର ସନନ୍ଦ ସ୍ତମ୍ଭରେ ଲିଖିତ ହୋଇଅଛି ଯାହାର ଅର୍ଥ ହେଉଛି ଆସ ଏହି ଅନ୍ଧ କବିଙ୍କ ଲାଖେ ବିଶ୍ୱର ମଂଗଳ ପାଇଁ କାନ୍ଦିବା ଏବଂ ସେମାନଙ୍କ ପିଣ୍ଡ ପାଇଁ ମଣ୍ଡ ଯୋଗାଇଦେବା ପୂର୍ବକ ସେମାନଙ୍କଠୁ ଆନନ୍ଦର ହସ ଟିକିଏ ଦାବୀକରିବା।

ସୁସ୍ଥ ଜଗତୀକରଣ ପକ୍ରିୟାରେ ସାମାଜିକ ସୁସ୍ଥତା ପାଇଁ ସାମାଜିକ ନ୍ୟାୟ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହି ସାମାଜିକ ନ୍ୟାୟ ବିଶ୍ୱସ୍ତରରେ କାର୍ଯ୍ୟକାରୀ ହେଲେ ବିଶ୍ୱରୁ ଦାରିଦ୍ର୍ୟ, ବେକାରୀ ବା ବର୍ଜିତ ସମସ୍ୟା ରହିବ ନାହିଁ । ଏହାକୁ ଆଖିରେ ରଖି ଏବଂ ଏ ଜନିତ ସକଳ ସମସ୍ୟାର ସମାଧାନ ଏବଂ ଉନ୍ନତି କଳ୍ପେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ୨୬ ନଭେମ୍ବର ୨୦୦୭ରେ ଘୋଷଣାନାମା ହୋଇଅଛି ଏବଂ ଏହି ଘୋଷଣା ନାମା ଅନୁସାରେ ପ୍ରତିବର୍ଷ ୨୦ଫେବୃୟାରୀକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ରୂପେ ପାଳିତ ହେବାକୁ ନିଷ୍ପତ୍ତି ହୋଇଛି ଏବଂ ୨୦୦୯ ଠାରୁ ପାଳିତ ହୋଇଆସୁଛି। ମିଳିତ ଜାତିସଂଘର ଶିଖର ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ବିଶ୍ୱରେ ସାମାଜିକ ପ୍ରଗତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ସାମାଜିକ ପ୍ରଗତି ଯଥାକ୍ରମେ ସାମାଜିକ ନ୍ୟାୟ, ସଂହତି, ପାରସ୍ପରିକ ନିର୍ଭରଶୀଳତା ଏବଂ ସମାନତା ଉପରେ ଗୁରୁତ୍ୱ ଦିଏ । ପୁନଶ୍ଚ ସାମାଜିକ ନ୍ୟାୟ, ସମତା ଏବଂ ନିରପେକ୍ଷତା ମିଶି ସମାଜର ମୌଳିକ ମୂଲ୍ୟବୋଧର ଉପଯୋଗିତାକୁ ବୁଝାଏ। ମିଳିତ ଜାତିସଂଘ ମତରେ ଆମେ ଏମିତି ଏକ ସମାଜ ଚାହୁଁ ଯାହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିବ( A Society for all) ଯେଉଁଠି ପ୍ରତିଟି ବ୍ୟକ୍ତି ତା'ର ସାମାଜିକ ନ୍ୟାୟ ଜାତୀୟ, ଆଞ୍ଚଳିକ ଏବଂ ଆର୍ନ୍ତଜାତିକ ସ୍ତରରେ ଉପଲବ୍ଧି ହେଉଥିବ। ଏହି ସାମାଜିକ ନ୍ୟାୟ ମତେ ପ୍ରତିଟି ବ୍ୟକ୍ତି ସେ ଅଞ୍ଚଳ ବା ଦେଶ ଅଥବା ବିଶ୍ୱର ଅର୍ଜନ ଏବଂ ସଂପଦର ସମ୍ୟ ବଣ୍ଟନର ଉପଭୋଗ୍ୟତା ଲାଭ କରୁଥିବ ଯେଉଁଥିରେ ନିରପେକ୍ଷତା, ସମାନତା ଏବଂ ସମାନ ସୁଯୋଗ ସମସ୍ତଙ୍କୁ ଉପଲବ୍ଧ ଥିବ। ସମସ୍ତଙ୍କ ପାଇଁ ଗୋଟିଏ ସମାଜ ସାଧାରଣତଃ ସାମାଜିକ ନ୍ୟାୟ ଏବଂ ମାନବିକ ଅଧିକାର ତଥା ମୌଳିକ ସ୍ୱାଧୀନତା ଉପରେ ସମ୍ମାନ ଦେଇ ଆଧାରିତ ଥିବ। ବିଶ୍ୱର ଦେଶ ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧଶାଳୀ ସହବାସ୍ଥାନ ପଛରେ ସାମାଜିକ ନ୍ୟାୟ କାମ କରେ । ଏଇ ସାମାଜିକ ନ୍ୟାୟ ଲିଙ୍ଗ ସ୍ଥାନ, ଦେଶାନ୍ତୀକରଣ, ସ୍ଥାନାନ୍ତୀକରଣ ତଥା ଅଧିଷ୍ଠାନର ଭେଦଭାବ ଉର୍ଦ୍ଧ୍ୱରେ ସର୍ବତ୍ର ସମାନ ଭାବରେ କାର୍ଯ୍ୟକରେ। ସାମାଜିକ ନ୍ୟାୟ ଠିକ୍ ଭାବରେ ସେଠି କାମ କରୁଛି ବୋଲି ଆମେ ଭାବିବା ଯେତେବେଳେ ଏହା କୌଣସି ଦେଶର ସୀମା ସରହଦ ଡ଼େଇଁ ଲିଙ୍ଗ, ବୟସ, ଜାତି, ଧର୍ମ, ସଂସ୍କୃତି, କ୍ଷମ ଏବଂ ଅକ୍ଷମ ଉର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ସମାନ ନ୍ୟାୟ ଯୋଗାଉଥିବ। ମଣିଷର ବ୍ୟକ୍ତିତ୍ୱ ଏବଂ ଉନ୍ନତି କଳ୍ପେ ଜଗତୀକରଣ ପ୍ରକ୍ରିୟାରେ ଏହି ସାମାଜିକ ନ୍ୟାୟ ବିଶ୍ୱରେ ସର୍ବତ୍ର ସମାନ ଭାବରେ କାର୍ଯ୍ୟକରିବା ଉପରେ ଜାତିସଂଘ ଗରୁତ୍ୱ ଦିଏ। ବିଶ୍ୱବାସୀଙ୍କର ସୁଖ ,ଶାନ୍ତି ଏବଂ ଉନ୍ନତି କଳ୍ପେ ଆଜିର ଏ ସଙ୍କୁଚିତ ପୃଥିବୀରେ, ଏ ବିଶ୍ୱ ଏକ ପରିବାର ନ୍ୟାୟରେ, ଆମେ ପ୍ରତିଟି ବ୍ୟକ୍ତି ସେ ପରିବାରର ସଦସ୍ୟ ବିଚାରରେ, ବଂଚିବାରେ ନିର୍ଶ୍ଚିତ ଭାବରେ ଆନ୍ତର୍ଜାତିକ ସ୍ତରରେ ଏହାର ପ୍ରଗତି କଳ୍ପେ କାର୍ଯ୍ୟ କରିବାରେ ସହାୟକ ହେବା ସହିତ ଦାରିଦ୍ର୍ୟ ନିରାକରଣ, ମାନବ ସମ୍ବଳର ଯଥାର୍ଥ ବିନିଯୋଗ, ବେକାରୀ ସମସ୍ୟାର ସମାଧାନ ଏବଂ ମନଲାଖି ଅଥବା ପସନ୍ଦ ମୁତାବକ କର୍ମ ସୁଯୋଗଲାଭ ପୂର୍ବକ ସବୁର ଉର୍ଦ୍ଧ୍ୱରେ ରହି ନିଜକୁ ସାମିଲ କରି ସାମାଜିକ ନ୍ୟାୟ ସର୍ଭିଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରିପାରିଲେ, ଗୋଟିଏ ସୁସ୍ଥ ଏବଂ ବାସପଯୋଗୀ ବିଶ୍ୱଟିଏ ସୃଷ୍ଟି କରିହେବ। ଏହି ଉଦ୍ଦେଶ୍ୟ ନେଇ ମିଳିତ ଜାତିସଂଘ ତରଫରୁ ଆନ୍ତର୍ଜାତିକ ଶ୍ରମିକ ସଂଗଠନ କାମକରୁଅଛି। ଏହି ବିଶ୍ୱ ସାମାଜିକ ନ୍ୟାୟ ଦିବସଟିକୁ ମିଳିତ ଜାତିସଂଘର ୧୮୨ଟି ସଭ୍ୟ ରାଷ୍ଟ୍ର ପାଳନ କରନ୍ତି ଏବଂ ଏହି ଅବସରରେ ସାମାଜିକ ନ୍ୟାୟ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ ରଖିଥାନ୍ତି। ନିଜର ତଥା ବିଶ୍ୱର ମଂଗଳାର୍ଥେ ଆମ୍ଭେମାନେ ଏହାର ଅଂଶୀଦାର ହେବା ଉଚିତ୍।

+ବିକାଶ ନଗର,ଜଟଣୀ,
ମୋ-୯୯୩୮୩୪୧୩୮

## କବିତା କୋଣାର୍କ



### ସମୟ ..

**ଅମରନାଥ ବାରିକ୍**

ସମୟ ପରିଧି ମାପିଲେ କେବେ ହେଁ
ମିଳିବନି ତା'ର ଅନ୍ତ
ସମୟ ସୀମାରେ ରହି କାର୍ଯ୍ୟ କଲେ
ସୁଖି ହେବ ବଳବନ୍ତ ।

ସମୟ କା ପାଇଁ କରେନି ଅପେକ୍ଷା
ସମୟ ସ୍ରୋତରେ ଚାଲେ
ସମୟ ଟା ହେବ ଅତି ବଳବାନ
ସଦ୍‌ଉପଯୋଗ କଲେ।

ସମୟ ଆଗରୁ ସଚେତନ ହେଲେ
ନଆସଇ କେବେ ଦୁଃଖ
ସମୟ ସରିଲେ ମିଳିବନି କିଛି
ଜାଣି ସଦା ମନେ ରଖ ।

ସମୟ ନୁହେଁ କା ହାତର ଗଣ୍ଡିଲି
ଚାହିଁଲେ ଜାବୁଡ଼ି ଦେବ
ସମୟ ଚାଲଇ ନିୟମିତ ଭାବେ
ଗଡ଼ି ଗଡ଼ି ସେ ତ ଯିବ ।

ସମୟ ନାହିଁ ମୋ ପାଖରେ କୁହନ୍ତି
ଅନେକ ପ୍ରକାର ଲୋକ
ସମୟ କାହାକୁ ମିଳେନା ଜୀବନେ
ନିଜକୁ ପରଖି ରଖ ।

ସମୟ ପାଇଲେ କର କିଛି କାମ
ନକରି ଏହାକୁ ନଷ୍ଟ
ସମୟ ଡୋରୀରେ ନିଜକୁ ବାନ୍ଧିଲେ
ଆସିବନି କେବେ କଷ୍ଟ ।

ସମୟ ଚକରେ ସଂସାରଟା ବନ୍ଧା
ମିଳେ କାକୁ ମିଳେ ନାହିଁ
ସମୟେ ସମୟେ ଚାଲିଯାଏ ଦିନ
ଜଣା କେବେ ପଡେ ନାହିଁ ।

+ଯାଜପୁର, ମଙ୍ଗଳପୁର, କୟାଁ
ଓଡ଼ିଶା - ୭୫୫୦୧୧
ଦୂରଭାଷ-୯୫୪୦୩୦୮୦୯୫

## କବିତା କୋଣାର୍କ

### ହେ ଜନମ ମାଟି...

**ଅରୁପ କୁମାର ବିଶ୍ୱାଳ**

ଏଇ ଆକାଶ ଛାତ ମୋହର
ଏଇ ମାଟି ମୋ ଘର,
ସଭିଏଁ ମୋର ନିଜର ଏଠି
କେହି ନୁହେଁ ମୋ ପର।

ଫୁଲ ଫଳରେ ସଜା ହୋଇଛି
ମୋ ମାଟି ମାଆ କୋଳ,
ଭୋକ କଲେ ସେ ଦିଅଇ ମୋତେ
କେତେ ଯେ ମିଠା ଫଳ।

ଶୋଷ ମୋହର ମେଣ୍ଟାଇଦିଏ
ପିଇଲେ ଝର ପାଣି,
ରଖିଛି ସିଏ ସାଇତି ପରା
ମୋ ପାଖେ ସବୁ ଆଣି।

ଯନ୍ତ୍ରଣା ହେଲେ ଯଦି ବା କେବେ
ଡାକେ ମୁଁ ଲୁହ ଢାଳି,
ସେନେହ ତାର ବୃକ୍ଷର ଛାଇ
ଦେହେ ମୋ ଦିଏ ବୋଳି।

ଆସେ ବରଷା ଆସଇ ଶୀତ
ବସନ୍ତ ଯେବେ ଆସେ,
ବାର ମାସର ରଙ୍ଗରେ ତାର
ଖିଲିଖିଲି ମୁଁ ହସେ।

କେତେ ଯେ ଫୁଲ ତା ବଣ ବିଲେ
ଅଛି ସାଗର ନଈ,
ଛୁଟିଯାଏ ମୁଁ ଦେଖିବା ପାଇଁ
ଖୁସିର ଗୀତ ଗାଇ।

ଆଖିରେ ମୋର ଭରି ଦିଅଇ
ଦେଖିଲେ ତାର ଶୋଭା,
ହୃଦୟ ମୋର ନାଚିଉଠଇ
ପାଇଲେ ତାର ଆଭା।

ବାନ୍ଧିଛି ମୋତେ ସ୍ନେହ ଡୋରିରେ
ଏଇ ମୋ ଛୋଟ ଗାଆଁ,
ଭୁଲିହୁଏନି ମନରୁ ମୋର
ପାଇ ତା ମିଠା ଛୁଆଁ।

କୋଟି ଜନ୍ମର ପୁଣ୍ୟଫଳେ
ଜନମ ମୋର ଏଠି,
କୋଟି ପ୍ରଣାମ ତୋ ପାଦ ତଳେ
ମୋର ଜନମ ମାଟି।

+ସହକାରୀ ଶିକ୍ଷକ
ଏନ୍.ଏ.ସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ।
ମୋ-୯୦୪୦୮୭୦୧୦୦

### ଦେବକି ଟିକିଏ ସ୍ଥାନ...

**ଶରତ ଚନ୍ଦ୍ର ଜାଲି**

ମହାପ୍ରଭୁ ତୁମ ଚରଣକମଳେ
ଦେବକି ଟିକିଏ ସ୍ଥାନ
ମଣିବି ମଣିମା କୋଟି ବ୍ରହ୍ମାଣ୍ଡରେ
ନିଜକୁ ମୁଁ ଭାଗ୍ୟବାନ ।

ଭ୍ରମର ହୋଇ ମୁଁ ସେ ପଦକମଳେ
ମଧୁ କରି ଆସ୍ୱାଦନ
ମକରନ୍ଦେ ଚିତ୍ତ ନିତ୍ୟାନନ୍ଦ କରି
ସଂଚୁଥିବି ପ୍ରେମଧନ ।

ଦିବସ ଶର୍ବରୀ ଭକତି ଆଚରୀ
ଅନ୍ତେ ପଦେ ହେବି ଲୀନ
ପାପ ପଙ୍କିଳରେ ହନ୍ତସନ୍ତ ମତେ
କରିବନି ଭଗବାନ ।

ଯେମିତି ରଖିଛ ଯେଉଁଠି ରଖିଛ
ସେଥିରେ ସନ୍ତୋଷ ମନ
ପଦପଦବୀର ମାୟା କୁହୁକକୁ
ଦୂରୁ କରେ ସମର୍ପଣ ।

ବିଷ୍ଠା ପରି ନିଷ୍ଠା ସଂସାର ବାସନା
ନଛୁଉଁ ମୋ ଅପଘନ
ପୂଜା,ପ୍ରାର୍ଥନାରେ ପ୍ରାଣ ପୁଷ୍ପାଞ୍ଜଳି
ସାଦରେ ଆଦରେ ଘେନ ।

ନିଶ୍ଚଳ ନୟନେ ଚାହିଁ ରହିଥିବି
ବ୍ରହ୍ମରୂପ କରି ଧ୍ୟାନ
ଅନ୍ତରେ ବାହ୍ୟରେ ଭୁବନ ମୋହନ
ନାମେ ମଜିରହୁ କାନ ।

ଭ୍ରମିତ କରନା ଏମନ ଭ୍ରମର
ଖୋଜିବୁଲେ ମଧୁବନ
ଶେଷ ଆଶ୍ରୟ ମୋ ଲଭିଛି ଏଣିକି
ସ୍ଥିରେ ରଖ ମୋ ଜୀବନ ।

କହିବାକୁ ଆଉ କଥା କିଛି ନାହିଁ
ତୁମେ ମୋର ଗଣ୍ଠିଧନ
ପାଦପଦ୍ମେ କରେ କାମନା ଏତିକି
ମୁହିଁ ଅରକ୍ଷିତ ଜନ ।

+ପଥରା, ଖଲ୍ଲିକୋଟ, ଗଂଜାମ
ମୋ-୮୨୪୯୫୩୪୨୭୪





## ବିନୟ ଭୂଷଣ ପାଣିଗ୍ରାହୀ

# ॥ ଜଙ୍ଗଲରେ ଶାନ୍ତି କମିଟି ॥



ସହରର ଜଣେ ବ୍ୟବସାୟୀଙ୍କର ପୋଷା ଗଧଟି ଦୀର୍ଘଦିନ ଧରି ଭାର ବୋହିବୋହି ଅତିଷ୍ଠ ହେଇଯାଇଥାଏ। ଦିନେ ଓର ଉଣ୍ଡି ମାଲିକଙ୍କ ଆଖିରେ ଧୂଳିଦେଇ ସହର ସୀମାନ୍ତରେ ଥିବା ଜଙ୍ଗଲ ଭିତରକୁ ପଳାଇଗଲା। ସେଠାରେ କିଛି ଦିନ ମୁକ୍ତ ପରିବେଶରେ ରହିବା ଭିତରେ ସେ ଦେଖିଲା ଜଙ୍ଗଲର ଅନେକ ନିରୀହ ପ୍ରାଣୀ ଅନ୍ୟ ବଳବାନ ପଶୁମାନଙ୍କ ନିର୍ଯ୍ୟାତନାର ଶୀକାର ହେଉଛନ୍ତି। ସେମାନଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ କୌଣସି ସଂସ୍ଥା କି ସଂଗଠନ ନାହିଁ। ଦିନେ ସେ ଚିନ୍ତାକଲା , ଅନେକ ସମୟରେ ମଣିଷମାନଙ୍କ ଭିତରେ ବିଭିନ୍ନ ପ୍ରକାର ବାଦ-ବିବାଦ ଉପୁଜିଥାଏ। ସେଇସବୁ ବିବାଦର ସମାଧାନ କରି ପରସ୍ପର ସହ ମିଳିମିଶି ଚଳିବା ପାଇଁ ସେମାନେ ନାନା ପ୍ରକାର ସଂଗଠନ ଓ କମିଟିମାନ ତିଆରି କରିଥାନ୍ତି। ମୋ ଜଙ୍ଗଲରେ 'ଜୋର ଯା'ର ମୁଲକ ତା'ର ନିତିଯୋଗୁଁ ପ୍ରତିଦିନ ଅସଂଖ୍ୟ ଜୀବଜନ୍ତୁ ନାନାବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଚେଷ୍ଟାକରି ଜଙ୍ଗଲର ସବୁ ପ୍ରାଣୀଙ୍କୁ ମନାଇ ଏକ ସ୍ଥାୟୀ ଶାନ୍ତିକମିଟି ଗଢିଦିଆଯାଏ ତେବେ ଜଙ୍ଗଲ ଯାକର ପ୍ରାଣୀଏ ଆନନ୍ଦରେ କାଳାତିପାତ କରିବେ। ତା'ସହିତ ମୋର ଏପରି ଏକ ମହାନ କାର୍ଯ୍ୟପାଇଁ ଏ ଜଙ୍ଗଲ ମୋ'ନାମକୁ ଯୁଗଯୁଗ ପାଇଁ ମନେରଖିବ।

ଅଳ୍ପ କେଇଦିନର ରହଣି ଭିତରେ ପରୋପକାର ମନୋବୃ ି ହେତୁ ଗଧ ସଭିଙ୍କର ପ୍ରିୟପାତ୍ର ହେଇଯାଇଥିଲା। ସେଥିପାଇଁ, ତା'ର ବିଶ୍ୱାସ ହେଲା ଯେ ସେ ଜଙ୍ଗଲରେ ଶାନ୍ତିକମିଟି ଗଠନର ପ୍ରସ୍ତାବ ଦେଲେ ସମସ୍ତେ ତାହାକୁ ସାଦରେ ଗ୍ରହଣ କରିବେ।

ଯେକୌଣସି ଶୁଭକାର୍ଯ୍ୟ ଆରମ୍ଭ କରିବାପୁର୍ବରୁ ବୟୋଜ୍ୟେଷ୍ଠ ମାନଙ୍କ ସହ ଆଲୋଚନା କରାଯିବାର ବିଧିକୁ ସମ୍ମାନ ଜଣାଇ ଗଧ ଯାଇ ପହଁଚିଲା ଜଙ୍ଗଲରେ ସଭିଙ୍କର ପ୍ରିୟ ଚତୁର ବିଲୁଆ ପାଖରେ। ଚତୁର ହେଇଥିବାରୁ ବିଲୁଆ ଜଙ୍ଗଲ ଭିତରେ ପଶୁମାନଙ୍କ ଭିତରେ ହେଉଥିବା ଝଗଡାଝାଟି ଅତି ସହଜରେ ମେଂଟେଇ ଦେଇ ପାରୁଥିଲା ବୋଲି ସମସ୍ତଙ୍କ ସାଥିରେ ତା'ର ସୁସମ୍ପର୍କ ରହିଥିଲା। ସେ କେତେବେଳେ ମହାବଳ ସାଥିରେ ମଧ୍ୟାହ୍ନ ଭୋଜନ କରୁଥିଲା ତ ଆଉ କେତେବେଳେ ଠେକୁଆ ସାଙ୍ଗରେ ଦୁଃଖସୁଖ ହେଉଥିଲା। ଗଧ ଦଣ୍ଡବତ ଜଣାଇ କୁଶଳ ଜିଜ୍ଞାସା କରିସାରିବାପରେ ବିଲୁଆକୁ ମନରେ ପୋଷଣ କରିଥିବା ମହତ ଯୋଜନା ବିଷୟରେ ଅବଗତ କରାଇଲା। ସବୁକଥା ଶୁଣିସାରି ବିଲୁଆ ଗଧର ଭାବନାକୁ ପ୍ରଶଂସା କଲା । ତାପରେ ତାକୁ ବୁଝାଇବାକୁ ଯାଇ କହିଲା, 'ମଣିଷମାନେ ସାମାଜିକ ପ୍ରାଣୀ। ତେଣୁ ସେମାନଙ୍କ କ୍ଷେତ୍ରରେ ଯାହାସବୁ ସମ୍ଭବ ସେସବୁ ଜଙ୍ଗଲରେ ବସବାସ କରୁଥିବା ପଶୁମାନଙ୍କ କ୍ଷେତ୍ରରେ ସମ୍ଭବ ନୁହେଁ। କାରଣ, ମଣିଷମାନଙ୍କ ପରି ଜଙ୍ଗଲର ଜୀବଜନ୍ତୁମାନେ ନିଜନିଜର ଖାଦ୍ୟର ଆବଶ୍ୟକତା ପୂରଣ କରିବାପାଇଁ ନିଜେ କିଛି ଉପୁଜାଇନଥାନ୍ତି। ତା'ସହିତ ଜଙ୍ଗଲର ଅଧିକସଂଖ୍ୟକ ପଶୁ ଶାକାହାରି ହେଇଥିଲେ ମଧ୍ୟ ଏଠାରେ ବାଘ ଓ ସିଂହ ମାନଙ୍କ ପରି ସ୍ୱଳ୍ପସଂଖ୍ୟକ କ୍ରୁର ମାଂସାହାରୀ ପଶୁଙ୍କର ମନମାନି ଚାଲେ। କାରଣ, ସେମାନେ ବଳଶାଳୀ ଏବଂ ବିଚାରହୀନ। ତେଣୁ, ତୋର ଏ ଭାବନାକୁ ଭାବନା ହେଇ ରହିବାକୁ ଦେ। ଅନ୍ୟଥା, ଗୁଡାଏ ପରିଶ୍ରମ କରିସାରିବା ପରେ ଫଳ ସ୍ୱରୂପ ଗୁଡ଼ାଏ ମନସ୍ତାପ ଭୋଗିବୁ।'

ବିଲୁଆର କଥାଶୁଣି ଗଧ ଭାବିଲା ତାକୁ ନିରୁତ୍ସାହିତ କରିବାପାଇଁ ବିଲୁଆ ଏମିତି କହୁଛି। କାରଣ, କମିଟି ତିଆରି ହେଇଗଲାପରେ ପଶୁଜନ୍ତୁମାନେ ଆଉ ଝଗଡା-ଲଢେଇ କରିବେନାହିଁ କିମ୍ବା ବିଲୁଆକୁ ମଧ୍ୟସ୍ଥତା ପାଇଁ ଡାକରା ଆସିବନାହିଁ। କ୍ରମେକ୍ରମେ ବିଲୁଆର ଗୁରୁ ୍ କମିଯିବ। ତେଣୁ ସେ ଆଉ କାହାରିକୁ କିଛି ନ କହି ସିଧା ଯାଇ ପହଁଚିଗଲା ଜଙ୍ଗଲର ରଜା ସିଂହ ପାଖରେ। ସେତେବେଳେ ମନ୍ତ୍ରୀ ମହାବଳ ରାଜାଙ୍କ ପାଖରେ ବସି କିଛି ମନ୍ତ୍ରଣା କରୁଥିଲେ। ଗଧ ରାଜା ଓ ମନ୍ତ୍ରୀଙ୍କୁ ଓଳଗି ହେଇ ବିନମ୍ରତାର ସହ ଠିଆହେଲା। ଏକୁଟିଆ ଗୋଟାଏ ଗଧର ସାହସ ଦେଖି ଉଭୟ ବିସ୍ମିତ ହେଇହଲେ। ତେବେ, ଉପରକୁ ଶାନ୍ତ ଭାବ ପ୍ରଦର୍ଶନ ପୂର୍ବକ ଗଧକୁ ଅବେଳରେ ଆସିବାର କାରଣ ଜିଜ୍ଞାସା କରିବାରୁ ଗଧ ତା ମନର କଥା ପ୍ରକାଶ କଲା। ଗଧର ପ୍ରସ୍ତାବ ଶୁଣି ସିଂହ ଓ ବାଘ ପରସ୍ପର ମୁହଁକୁ ଚାହିଁଲେ। ଗଧକୁ ସେଇଠି ଅପେକ୍ଷା କରିବାପାଇଁ କହି ଦୁହେଁ ଗୁମ୍ଫା ଭିତରକୁ ଯାଇ କିଛି ଆଲୋଚନା କରିବା ପରେ ବାହାରକୁ ଆସି ଗଧର ବୁଦ୍ଧିକୁ ବହୁତ ତାରିଫ କରି ସେମାନେ ତାହାର ସେଇ କଲ୍ୟାଣକାରୀ ଯୋଜନାକୁ ତତ୍କାଳ ଅନୁମୋଦନ କରିବା ସଙ୍ଗେ ସଙ୍ଗେ ପ୍ରସ୍ତାବିତ ଶାନ୍ତି କମିଟି ଗଠନ ସମ୍ବନ୍ଧରେ ଅଧିକ ଆଲୋଚନା କରିବା ପାଇଁ ଦିନ ଓ ସ୍ଥାନ ନିର୍ଦ୍ଦିଷ୍ଟ କରି ଜଙ୍ଗଲର ସବୁ ପଶୁମାନଙ୍କ ପାଖକୁ ଖବର ପଠେଇଦେଲେ।

ଶାନ୍ତିକମିଟି ଗଠନ ପ୍ରସ୍ତାବ ବିଷୟରେ ପ୍ରାରମ୍ଭିକ ଆଲୋଚନା ପାଇଁ ସ୍ଥିରୀକୃତ ହେଇଥିବା ଦିନର ଧାର୍ଯ୍ୟ ସମୟ ପୂର୍ବରୁ ଜଙ୍ଗଲ ଯାକର ପଶୁ ପୂର୍ବନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ହେଇଗଲେ। ସମସ୍ତେ ବଡ଼ ଉତ୍କଣ୍ଠାର ସହିତ ଅପେକ୍ଷା କରୁଥାନ୍ତି ମହାରାଜ ସିଂହ ଏବଂ ମହାବଳ ମନ୍ତ୍ରୀବର ଆସିଲେ ସଭାକାର୍ଯ୍ୟ ଆରମ୍ଭ ହେବ।

ଗଧ ଦେଖିଲା ଅନ୍ୟସବୁ ପ୍ରାଣୀମାନେ ଯେତେ ସଂଖ୍ୟାରେ ଆସିଛନ୍ତି ସେଇ ଅନୁପାତରେ ହରିଣମାନଙ୍କ ସଂଖ୍ୟା ବହୁତ କମ୍। ଜଙ୍ଗଲର ପଶୁଜନ୍ତୁମାନଙ୍କ ବିଷୟରେ ସବୁଠାରୁ ଅଧିକ ତଥ୍ୟ ବିଲୁଆ ପାଖରେ ଥାଏ। ଗଧ ଟିକେ ଆଡ଼ ଆଡ଼ ହେଇ ବିଲୁଆ ପାଖକୁ ତା'ର କାନ ପାଖକୁ ମୁହଁ ନେଇ ଯାଇ ଧୀର ସ୍ୱରରେ ପଚାରିଲା,'ବିଲୁଆ ଭାଇ, ଗୋଟିଏ କଥା ମୁଁ ବୁଝିପାରୁନାହିଁ । ଶାନ୍ତି କମିଟି ନଥିବାରୁ



ହରିଣମାନଙ୍କର ନିରାପ । ସବୁଠାରୁ କମ୍ ଏବଂ ସେମାନେ ଡରିମରି ଜୀବନ ଅତିବାହିତ କରୁଛନ୍ତି। ସେ ଦୃଷ୍ଟିରୁ ପ୍ରସ୍ତାବିତ ଶାନ୍ତି କମିଟିକୁ ନେଇ ସେମାନେ ସବୁଠାରୁ ଅଧିକ ଆଗ୍ରହ ପ୍ରଦର୍ଶନ କରିବା କଥା। ମାତ୍ର, ଯାହା ଦେଖାଯାଉଛି, ସ୍ୱଳ୍ପ ସଂଖ୍ୟକ ବୃଦ୍ଧ ହରିଣଙ୍କୁ ଛାଡି ଅନ୍ୟ ହରିଣ ମାନେ କେହି ଆସିନାହାନ୍ତି। ଏହାର କାରଣ କଣ ହେଇଥାଇପାରେ ? ଏହା ଏକପ୍ରକାର ରାଜାଦେଶର ଅବମାନନା ନୁହେଁକି ?'

ଗଧ କଥା ଶୁଣି ଚତୁର ବିଲୁଆ କହିଲା, 'ତୋ କଥାରେ କିଛି ସତ୍ୟତା ନିଶ୍ଚୟ ଅଛି। ହେଇପାରେ ସେମାନେ ଆସିବା ବାଟରେ କୌଣସି ଘାସ ପଡ଼ିଆ ଦେଖି ଖାଦ୍ୟଲୋଭରେ ଅଟକିଯାଇଛନ୍ତି। ମୋର ବିଶ୍ୱାସ ସେମାନେ ଖୁବ୍ ଶୀଘ୍ର ଆସି ପହଂଚିଯିବେ। ତେବେ,ମହାରାଜ ସିଂହ ଓ ମନ୍ତ୍ରୀ ମହାବଳ ଉଭୟ ବେଶ ସମାୟାନୁବ ର୍ ହେଇ ମଧ୍ୟ ଏପର୍ଯ୍ୟନ୍ତ ଆସିନାହାନ୍ତି। ତୁ ଟିକେ ଗୁମ୍ଫା ଭିତରକୁ ଯାଇ ଦେଖିଲୁ ସେମାନଙ୍କର କିଛି ଅସୁବିଧା ହେଇଛିକି କଣ।

ବିଲୁଆର କଥାଶୁଣି ଗଧ ଭାବିଲା, 'ଠିକ କଥା, ହରିଣ ମାନେ ଟିକେ ପଛରେ ଆସିଲେ ଚଳିବ ମାତ୍ର, ରଜା ଓ ମନ୍ତ୍ରୀ ଆସି ତୁରନ୍ତ ସଭାକାର୍ଯ୍ୟ ଆରମ୍ଭ କରିଦେବା ଆବଶ୍ୟକ।' ନିୟମ ଅନୁସାରେ ଜଙ୍ଗଲର କୌଣସି ଜନ୍ତୁ ରାଜାଙ୍କୁ ଭେଟି କିଛି ନିବେଦନ କରିବାପାଇଁ କିମ୍ବା କୌଣସି ଅଭିଯୋଗ କରିବାପାଇଁ ଆସିଲେ ସିଂହ ନିଜେ ଗୁମ୍ଫାରୁ ନବାହାରିବା ପର୍ଯ୍ୟନ୍ତ ଗୁମ୍ଫାଦ୍ୱାର ନିକଟରେ ଅପେକ୍ଷା କରନ୍ତି। ମାତ୍ର,ଅଳ୍ପ ବୁଦ୍ଧି ହେତୁ ଗଧ ସେମିତି ନକରି ସିଧାସଳଖ ଗୁମ୍ଫା ଭିତରକୁ ପଶିଗଲା। ପ୍ରଥମ ଦ୍ୱାର ପାରିହେଲାପରେ ଦେଖିଲା ଦ୍ୱିତୀୟ ଦ୍ୱାର ଭିତରପଟୁ ବନ୍ଦ ଅଛି । ଆଗକୁ ପାଦ ଉଠେଇଲା ବେଳକୁ ଭିତରୁ ରାଜା ଓ ମନ୍ତ୍ରୀଙ୍କ ମଧ୍ୟରେ କିଛି ଗୁରୁ ୍ପୂର୍ଣ୍ଣ ଆଲୋଚନା ହେଉଥିବାର ଶୁଣିବାକୁ ପାଇଲା। ସିଂହ ବାଘକୁ କହୁଥିଲା,' ଆମର ପ୍ରଜାମାନେ ପୂର୍ବରୁ ଏତେ ବୋକା ନଥିଲେ ଏବେ ବୋକଚାବୁହା ଗଧ ବୁଦ୍ଧିରେ ପଡି ସେମାନେ ମଧ୍ୟ ଗଧ ପରି ନିର୍ବୋଧ ପାଲଟିଯାଇଛନ୍ତି। ସେମାନଙ୍କ ନିର୍ବୋଧତାରୁ ଭରପୁର ଫାଇଦା ଉଠାଇବା ପାଇଁ ଆଜି ଶାନ୍ତି କମିଟିର ମୁଖିଆ ହେଲା ପରେ ସମସ୍ତଙ୍କ ସାମ୍ନାରେ ଘୋଷଣା କରିବି ଯେ ଆଜିଠାରୁ ଆମେ ଆଉ କୌଣସି ପ୍ରାଣୀଙ୍କୁ ଶିକାର କରିବାନାହିଁ। ମାଂସ ଭକ୍ଷଣ କରିବା ପରିତ୍ୟାଗ କରି ନିରାମିଷ ଭୋଜନ ଗ୍ରହଣ କରିବା। ସେମାନଙ୍କର ବିଶ୍ୱାସଭାଜନ ହେବାପାଇଁ ଜଙ୍ଗଲର ଖୋଲା ପରିବେଶରେ ସେମାନଙ୍କୁ ଏକୁଟିଆ ଅବସ୍ଥାରେ ଦେଖିଲେ ମଧ୍ୟ ଶିକାର କରିବାନାହିଁ। ମୁଁ ଅଧିକାଂଶ ସମୟ ସେମାନଙ୍କ ଗହଣରେ କାଟିବି ଏବଂ ସେମାନେ ଜାଣିବେ ଯେ ମୋ ଅନୁପସ୍ଥିତିରେ ତମେ ଗୁମ୍ଫାରେ ରହି ରାଜକାର୍ଯ୍ୟ ଦେଖାଶୁଣା ଲରୁଛ ବୋଲି। ଏହାଦ୍ୱାରା ଆମ ପ୍ରତି ସେମାନଙ୍କ ମନରେ ଥିବା ଭୟ କମିଯିବ ଏବଂ ସେମାନେ ବେଳ ଅବେଳ ନଦେଖି ଏକୁଟିଆ ଆମ ଗୁମ୍ଫା ପାଖକୁ ଆସିବାପାଇଁ କୁଣ୍ଠିତ ହେବେନାହିଁ। ତୁମେ ଅଧିକାଂଶ ସମୟ ମୋର ଏଇ ଗୁମ୍ଫା ଭିତରେ ରହିବ। ଶିକାର ମାନେ ନିଜେ ଚାଲିଚାଲି ଗୁମ୍ଫା ଭିତରକୁ ଆସିଲେ ତୁମେ ସେମାନଙ୍କୁ ମାରିଦେଇ ରଖିବ, ମୁଁ ଆସିଲେ ସାଥୀହେଇ ଖାଇବା। ...'

ଏକଥା ଶୁଣି ଗଧକୁ ଲାଗିଲା ସତେ ଯେମିତି ତା ପାଦ ତଳର ମାଟି ପାତାଳ ଭିତରକୁ ଚାଲିଯାଉଛି। ସେ ବୁଝିପାରିଲା ଯେ ବିଲୁଆର ଉପଦେଶକୁ ଗ୍ରହଣ ନକରି ସେ ଯେଉଁ ଭୁଲ କରିଛି ସେ ଭୁଲକୁ ସୁଧାରିବା ପାଇଁ ତା'ପାଖରେ ଥିବା ସ୍ୱଳ୍ପ ସମୟର ସଦୁପଯୋଗ କରିବାରେ ସାମାନ୍ୟ ବିଳମ୍ବ ହେଲେ ଜଙ୍ଗଲର ନିରୀହ ପଶୁଜନ୍ତୁମାନଙ୍କର ଜୀବନ ବିପନ୍ନ ହେଇଯିବ। ତେଣୁ, ସେଠାରେ ଆଉ ମୁହୂ ର୍ ସମୟ ନଷ୍ଟ ନକରି ଦଉଡି ଦଉଡି ଆସି ସମବେତ ପଶୁମାନଙ୍କ ଉଦ୍ଦେଶ୍ୟରେ ବଡ଼ପାଟିରେ କହିଲା, 'ଭାଇ ଓ ଭଉଣୀମାନେ, ମୁଁ ଗଧଟିଏ ଏବଂ ମୋର ବୁଦ୍ଧିବୃ ି କମ୍। ତେଣୁ, ମୁଁ ଭାବିପାରିନଥିଲି ଯେ ଜଙ୍ଗଲର କାନୁନ ଓ ବୁଦ୍ଧିମାନ ତଥା ବିଚାରଶୀଳ ମଣିଷ ମାନଙ୍କ ଆଇନକାନୁନ ଭିତରେ ଆକାଶପାତାଳ ଫରକ୍ ରହିଛି।ଯାହା ସେମାନଙ୍କ ସମାଜରେ ସମ୍ଭବ ତାହା ଆମର ଏ ଜଙ୍ଗଲରେ କଦାପି ସମ୍ଭବପର ନୁହେଁ। ଏଇଠି ଯାହା ଯେମିତି ଚାଲିଛି ,ସବୁ ଠିକ ଠାକ ଚାଲିଛି। ଏଠି ଚାଲିଥିବା ବିଧି-ବ୍ୟବସ୍ଥାରେ ସାମାନ୍ୟ ବ୍ୟତିକ୍ରମ ଜଙ୍ଗଲ ଯାକର ଜୀବଜନ୍ତୁଙ୍କପାଇଁ ପ୍ରବଳ କ୍ଷତିକାରକ ହେବ। ତେଣୁ, ଦୟାକରି ଜଙ୍ଗଲରେ ଶାନ୍ତିକମିଟି ଗଠନ କଥା ମନରୁ ପୋଛିଦେଇ ତମେମାନେ ସମସ୍ତେ ଯଥାଶୀଘ୍ର ଏ ସ୍ଥାନ ଛାଡି ନିଜନିଜର ନିରାପଦ ବାସସ୍ଥାନକୁ ଚାଲିଯାଅ। ଗଧର ଭାଷଣ ସରିବା ବେଳକୁ ପ୍ରତ୍ୟେକ ପଶୁ ଡିଆଁ କୁଦା ମାରି କିଏ କୁଆଡେ ଯାଇସାରିଥିଲେ। ଗଧ ଆଉ ଡେରି ନକରି ପ୍ରାଣ ବିକଳରେ ସହରରେ ନିଜ ମାଲିକର ଘରମୁହାଁ ହେଇ ଧାଇଁବାକୁ ଲାଗିଲା।


+ହରସିଂହ ପୁର, ପୀରହାଟ ବଜାର
ଭଦ୍ରକ-୩୧
ମୋ: ୯୯୩୭୫୪୮୪୩୧




## କାର୍ତ୍ତିକ ସାଇଁ

## ବିଜ୍ଞାନ ଟୁର୍ଙ୍କି - ୩୨

# ଆପୋଲୋ ପ୍ରୋଗ୍ରାମ(ଘ)



ଭାରତର ଗଗନଯାନର କାମ ଆରମ୍ଭ ହୋଇ ଯାଇଛି । ପ୍ରଥମ ଦୁଇଟି ଉଡ଼ାଣ ବା ଉତ୍କ୍ଷେପଣକୁ ଟେଷ୍ଟ ଫ୍ଲାଇଟ୍ ବା ପରୀକ୍ଷଣ ଉତ୍କ୍ଷେପଣ/ଉଡ଼ାଣ ବୋଲି କୁହାଯିବ, ଯେଉଁଥିରେ କେହି ଯାତ୍ରୀ ରହିବେ ନାହିଁ । ଏହା ପୃଥିବୀର ଏକ ଅଳ୍ପ ଉଚ୍ଚତା କକ୍ଷକୁ (Low Earth orbit) ଯାଇ ପୃଥିବୀପୃଷ୍ଠକୁ ଫେରିବ ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ତାର ଚନ୍ଦ୍ରଯାନ ମିସନ୍‌କୁ ଆଗକୁ ନେବାକୁ କାର୍ଯ୍ୟରତ । ଚନ୍ଦ୍ରଯାନ-୧ ସଫଳତା ସହିତ ୧୦୦ ଦିନରୁ ଅଧିକ ଦିନ କାମ କରିଥିଲା ଓ ଚନ୍ଦ୍ର ପୃଷ୍ଠରେ ଜଳ ଥିବାର ବଳିଷ୍ଠ ପ୍ରମାଣ ଯୋଗାଇ ଥିବ । ଚନ୍ଦ୍ରଯାନ-୨ରେ ଥିଲା ଲ୍ୟାଣ୍ଡର ବିକ୍ରମ ଓ ରୋଭର-ପ୍ରଜ୍ଞା । ମାତ୍ର ଦୁର୍ଭାଗ୍ୟବଶତଃ ଏହି ମିଶନର ଶେଷ ଲକ୍ଷ୍ୟ ପୂରଣ ହୋଇ ପାରିଲାନି ।

ବର୍ତ୍ତମାନ ଇସ୍ରୋ (ISRO)ର ବୈଜ୍ଞାନିକ ଓ ଇଂଜିନିୟରମାନେ ଚନ୍ଦ୍ରଯାନ-୩ କାମରେ ଲାଗି ପଡ଼ିଛନ୍ତି । ଚନ୍ଦ୍ରଯାନ-୨ରେ ଯେଉଁ ତ୍ରୁଟି ଥିଲା ତାର ସୁଧାର କରି ଭାରତୀୟ ଯାନକୁ ଚନ୍ଦ୍ରପୃଷ୍ଠରେ ସଫଳତା ସହିତ ଅବତରଣ କରିବା କାମରେ ସମସ୍ତେ ବ୍ୟସ୍ତ ।

ପ୍ରଫେସର ଆମେରିକାର ଆପୋଲୋ ପ୍ରୋଗ୍ରାମ କଥା କହୁଥିଲେ । ମଝିରେ ମଝିରେ ଭାରତୀୟ ଅନ୍ତରୀକ୍ଷ ଗବେଷଣା କଥା ମଧ୍ୟ କହୁଥିଲେ ।

ଆମେରିକା ଆପୋଲୋ ପ୍ରୋଗ୍ରାମ କାମ ବେଶ୍ ଉତ୍ସାହ ଓ ଉଦ୍ଦୀପନା ସହିତ ଆରମ୍ଭ କରିଥିଲା । ମହାକାଶ ଯାତ୍ରା ଓ ବିଜ୍ଞାନ କ୍ଷେତ୍ରରେ ସେମାନେ ସୋଭିଏତ ରୁଷିଆ ଠାରୁ ଆଗରେ ରହିବାକୁ ଚାହୁଁଥିଲେ । ଆପୋଲୋ-୧ର ପରୀକ୍ଷଣ ୧୯୬୩ ଫେବୃଆରୀ ମାସର ୨୧ ତାରିଖ ଦିନ କରାଯାଇଥିଲା । ମାତ୍ର ଦୁଃଖର କଥା, ଏହି ପରୀକ୍ଷଣରେ ସମସ୍ତ ଯାତୀଦଳ ଉତ୍କ୍ଷେପଣ ଯାଗାରେ ହଠାତ୍ ନିଆଁ ଲାଗି ଯାଇଥିବାରୁ ମୃତ୍ୟୁମୁଖରେ ପଡ଼ିଥିଲେ । ତା ପରେ ପରେ ରକେଟ୍ ସଟର୍ନ-୫ ସଫଳତା ସହିତ ପରୀକ୍ଷଣ ସାରିଥିଲା । (ଆପୋଲୋ-୪) । ଏଥିରେ କୌଣସି ଯାତ୍ରୀଦଳ ନଥିଲେ। ଆମେରିକାର ବୈଜ୍ଞାନିକମାନେ ବିଫଳତାରୁ ଅନେକ କଥା ଶିଖିଥିଲେ ।

ମହାକାଶ ଯାତ୍ରା ଓ ପରୀକ୍ଷଣରେ ସଦା ସର୍ବଦଦା କିଛି ନା କିଛି ବିପଦ ଥାଏ । ତେଣୁ କୌଣସି ଯାନରେ ମହାକାଶ ଯାତ୍ରୀଙ୍କୁ ମହାକାଶକୁ ପଠାଇବା ଆଗରୁ ବହୁତ ପରୀକ୍ଷଣ କରିବାକୁ ପଡ଼େ । ଆମେରିକାର ମହାକାଶ ସଂସ୍ଥା ନାସା (NASA) ସେ କାମ କରୁଥିଲା । ଏବେ ଆମ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ସେହି କାମରେ ଲାଗିଛି । ଆପୋଲୋ ୪,୫, ଓ ୬ ରେ କୌଣସି ମହାକାଶ ଯାତ୍ରୀ ନଥିଲେ । ଏହି ସବୁ ଯାନରେ ଚନ୍ଦ୍ର କକ୍ଷକୁ ଯିବା ଲାଗି ଆବଶ୍ୟକ ପରୀକ୍ଷଣ ସଫଳତା ସହିତ କରାଯାଇଥିଲା । ଏ ସବୁ ପରୀକ୍ଷଣରେ ଆମେରିକାର ସବୁଠାରୁ ଶକ୍ତିଶାଳୀ ରକେଟ୍ (ସେ ସମୟର) ସଟର୍ନକୁ ବ୍ୟବହାର କରାଯାଇଥିଲା । ଏହି ରକେଟ ମଣିଷକୁ ମହାକାଶକୁ ନେବାଲାଗି ଉପଯୁକ୍ତ ବୋଲି ପରୀକ୍ଷଣ କରାଯାଇଥିଲା ।

ଆପୋଲୋ-୭ ରେ ପୁଣି ମହାକାଶ ଯାତ୍ରୀମାନେ ମହାକାଶକୁ ଯିବା ଆରମ୍ଭ କଲେ ଓ ଚନ୍ଦ୍ରକକ୍ଷକୁ ଯିବାବାଟ ଦେଖାଇଲେ । ମହାକାଶ ଯାତ୍ରୀ ୱାଲି ସିରା, ୱାଲ୍ଟ କନିଙ୍ଗହାମ୍ ଓ ଡନ୍ନ ଏଇସେଲ ସଟର୍ନ-୧ ରେ ମହାକାଶକୁ ଯାଇ ବିଭିନ୍ନ ପରୀକ୍ଷଣ କରି ଚନ୍ଦ୍ର ଯାତ୍ରା ଲାଗି ପ୍ରସ୍ତୁତ ପର୍ବ ଆରମ୍ଭ କଲେ ।

ଏବେ ସେଇ କାମରେ ଆମେ ଭାରତୀୟ ବେଜ୍ଞାନିକମାନେ କାର୍ଯ୍ୟରତ । ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗରେ ସବୁକାମ ସୁରୁଖୁରୁରେ ଚାଲିଛି । (ଆରଥରକୁ)

## ମାନିଛି ମୁଁ ଗୁରୁଜନ କଥା..

### ବିନୟ କୁମାର ଦାସ



ବାପା ମୋତେ କହିଥିଲେ
ଶୋଇବୁନି ଦିନରେ
ପର ପାଇଁ ହିଂସା କେବେ
ଆଣିବୁନି ମନରେ।

ଅଳସୁଆପଣ କେବେ
ରଖିବୁନି ପାଖରେ
କଟୁକଥା ଆଣିବୁନି
କେବେ ତୋର ମୁଖରେ।

ବୋଉ ମୋତେ କହିଥିଲେ
ମନ ଦେଇ ପଢିବୁ
ସୁନ୍ଦର ଭାବରେ ନିଜ
ଚରିତ୍ରକୁ ଗଢିବୁ।

ମାନୁଥିବୁ ସବୁବେଳେ
ଗୁରୁଜନ କଥାକୁ
ସେମାନଙ୍କ ଆଗେ ସଦା
ନଇଁ ଦେବୁ ମଥାକୁ।

ବଡଭାଇ କହିଥିଲେ
ଧୀରେ କଥା କହିବୁ
ମାଆ ଯାହା ଦେବେ ତୋତେ
ଖୁସିମନେ ଖାଇବୁ।

ଭାଙ୍ଗିପଡିବୁନି କେବେ
ଆସୁ ଯେତେ ବିପଦ
ସଭିଙ୍କୁ ତୋଷିବୁ କହି
ମିଠା କଥା ଦି ପଦ।

ମାନିଚି ସଭିଙ୍କ କଥା
ଚି  କରି ହରଷ
ମୋ ଜୀବନ ଲାଗୁଅଛି
ସେଥିପାଇଁ ସରସ।

ମୁଁ ଭାବୁଛି ଗୁରୁଜନ
କଥା ଯିଏ ମାନିବ
ଜୀବନ ଯୁଦ୍ଧରେ ସିଏ
ନିଷ୍ଟେ ଦିନେ ଜିଣିବ।


+ଅନାମିକା ନୀଡ,
ଅଂଗାରଗଡିଆ, ବାଲେଶ୍ୱର-୧


## ପରଜାପତି ..

### ଧ୍ରୁବ ଚରଣ ବେହେରା



ଉଡି ଉଡି ଯାଏ ପରଜାପତି
ଝାଡି ଦିଏ ଟିକି ଡେଣା
ଫୁଲ ବଗିଚାକୁ ନିଜର କରି
ହୁଏ ନାହିଁ ବାଟ ବଣା ।

ଫୁଲରୁ ଫୁଲକୁ ଚୁମି ଚୁମି ବୁଲେ
ହରଷ ମନକୁ ନେଇ
ସବୁଜ ସୁନ୍ଦର ବଗିଚା ସମ୍ଭାର
ଶୋଭାର ଉପମା ପାଇଁ ।

କେବେ ବୁଲି ଯାଏ ଆକାଶ କୋଳରେ
କେବେ ବସେ ଗଛ ଡାଳେ
କେବେ ସେ ପ୍ରକୃତି ଫୁଲବନ ମିତ
କେବେ ହସେ ଫୁଲ କୋଳେ ।

ଟିକି ଜୀବ ସିନା ରୂପଟି ଡାଉଳ
ଖୁସିର ସନ୍ତକଟିଏ
ମନ ପ୍ରାଣ ଢାଳି କୁସୁମ ବନରେ
ଧରଣୀର ଗୀତ ଗାଏ ।

ପିଲାଦିନ ମୋର ସ୍ମୃତିର ପଲକେ
ରହିଛି ପରଜାପତି
ରଙ୍ଗ ବେରଙ୍ଗର ଧରିଥିଲି କେତେ
ସେ ମୋର ଅତୀତ ସାଥି ।

ସାଥି ବୋଲି ଭାବି ଧରିବାର ଲାଗି
ପଡିଥିଲି କେତେ ତଳେ
ଆଣ୍ଠୁ ଗଣ୍ଠି ଛିଣ୍ଡି କଣ୍ଟା ଲାଗି ମୋର
କମିଜି ଛିଡିଛି ଫାଳେ ।

ଏଇତ ଜୀବନ ଅଭୁଲା ବୟସ
ଭୁଲିହେବ ନାହିଁ କେବେ
ଅତୀତର ସ୍ମୃତି ପିଲାଦିନ କାହିଁ
ମନେ ପଡେ ବେଶି ଏବେ ।

ପରଜାପତିର ବୟସର ଖେଳ
ଯାଇଛି ଅନେକ ଦୂରେ
ଫେରିବନି ତାହା ଅନିଶ୍ଚିତ ସଦା
ସମୟର ପାହାଚରେ ।


+ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


## କବିତା
ତୁମ ପାଇଁ

## ହୋଇବା ସୁନାପିଲା..

### ସୁଦର୍ଶନ ମହାପାତ୍ର



ଏକାଠି ହୋଇ କରିଲେ କାମ
ମନରେ ଆସେ ବଳ
ଖେଳିବା ସାଥେ ଆନନ୍ଦ ମନେ
ନକରି କେବେ ଗୋଳ ।

କାଲିର କାମ ଆଜି କରିବା
ଆଜିର କାମ ଏବେ
ଠିକ ସମୟେ ସାରିଲେ କାମ
ଚିନ୍ତା ନଥିବ କେବେ ।

ମନ ଲଗାଇ ପଢିବା ପାଠ
ନକରି ହେଳା କେବେ
ବିଦ୍ୟାଳୟରେ ଶୁଣିବା ଯାହା
ଗୁରୁଜୀ ବତାଇବେ ।

କହିବା ସତ ନଡରି କେବେ
ଶପଥ ଆଜି ନେବା
ସମୟ ମୂଲ୍ୟ ବଡ ଅମୂଲ୍ୟ
ଆଜିଠୁ ବୁଝି ଯିବା ।

ଚାହିଁଲେ କେହି ସାହାଯ୍ୟ ଟିକେ
ମନା କରିବା ନାହିଁ
ଭୋକିଲା ପେଟେ ଆହାର ଦେବା
ମଧୁର କଥା କହି ।

ଗୁରୁଜନଙ୍କୁ ସମ୍ମାନ ଦେବା
ଲଭିବା ତାଙ୍କ ଶ୍ରଦ୍ଧା
ବାପା ମାଆଙ୍କ କଥା ମାନିଲେ
ଜୀବନେ ନାହିଁ ବାଧା ।

ଦୁଷ୍ଟଙ୍କ ସାଥେ ମିତ ବସିବା
କାହିଁକି ଆମେ ଭଲା
ଭଲଗୁଣକୁ ଆଦରି ନେଇ
ହୋଇବା ସୁନାପିଲା ।


+କୁଞ୍ଜବିହାରୀ ଲେନ,କଟକ
ମୋ-୮୯୮୧୭୩୭୨୨୮

### ଶ୍ରମ ବିଭାଗରେ ୯ କୋଟି ଟଙ୍କା ଦୁର୍ନୀତି ଅଭିଯୋଗ ମାମଲା

# ସଠିକ୍ ସମୟ ଭିତରେ ଭିଜିଲାନ୍ସ ତଦନ୍ତ ଆଗଉନଥିବାରୁ ଲୋକାୟୁକ୍ତଙ୍କ ବିରକ୍ତି ପ୍ରକାଶ

ରାଉରକେଲା,୧୯।୨ (ନି.ପ୍ର): ରାଉରକେଲା ଶ୍ରମ ବିଭାଗରେ ଶ୍ରମିକ ମାନଙ୍କୁ ସାଇକେଲ ଓ ବିଭିନ୍ନ ଉପକରଣ ଯୋଗାଇବାରେ ପାଖା ପାଖି ୯କୋଟି ଟଙ୍କାର ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗ ଆଣି ଲୋକାୟୁକ୍ତଙ୍କ ପାଖରେ ହୋଇଥିବା ମାମଲାରେ ମାନ୍ୟବର ଲୋକାୟୁକ୍ତ ୩ ମାସ ଭିତରେ ଏନେଇ ତଦନ୍ତ କରି ରିପୋର୍ଟ ଦେବାକୁ ଭିଜିଲାନ୍ସକୁ କହିଥିବା ବେଳେ ଭିଜିଲାନ୍ସ ଏନେଇ ରିପୋର୍ଟ ଦାଖଲ କରିବାରେ ବିଫଳ ହେବାରୁ ଆଜି ମାନ୍ୟବର ଲୋକାୟୁକ୍ତ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣା ପଡିଛି । ତିନିମାସ ତଳେ ଲୋକାୟୁକ୍ତ ଏନେଇ ରାଜ୍ୟ ଭିଜିଲାନ୍ସ ଡିଜିଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ । ସେହି ଅନୁସାରେ ରାଜ୍ୟ ଭିଜିଲାନ୍ସ ରାଉରକେଲା ଭିଜିଲାନ୍ସ ଏସପିଙ୍କୁ ଦାୟିତ୍ୱ ଦେଇଥିଲେ । ହେଲେ ଦୁଃଖର କଥା, ବାରମ୍ୱାର ଏନେଇ ରାଉରକେଲା ଶ୍ରମ ବିଭାଗକୁ ବିଭିନ୍ନ ତଥ୍ୟ ଭିଜିଲାନ୍ସ ମାଗୁଥିବା ସତ୍ୱେ ସ୍ଥାନୀୟ ଶ୍ରମ ବିଭାଗ ଏନେଇ ଅସହଯୋଗ କରିଚାଲିଥିବା ନେଇ ଖୋଦ୍ ଭିଜିଲାନ୍ସ ରାଉରକେଲା ପ୍ରକାଶ କରିଥିଲେ । ତେବେ ଏହି ଦୁର୍ନିତୀକୁ ନେଇ ତଦନ୍ତ ବେଳେ ଆବଶ୍ୟକ ହେଉଥିବା ଫାଇଲ୍, କାଗଜ ପତ୍ର ଆଦି ଦେବା ଲାଗି ରାଜ୍ୟ ଶ୍ରମ ବିଭାଗର ମୁଖିଆଙ୍କର ଅନୁମତି ଦରକାର, ସେହି ଅନୁମତି ଏଯାଏ ମିଳି ପାରୁନାହିଁ । ବିଭାଗୀୟ ମନ୍ତ୍ରୀ ନିକଟରେ ରାଉରକେଲା ଆସି ଶ୍ରମ ବିଭାଗରେ ଚାଲିଥିବା ତଦନ୍ତରେ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି କହିଥିବା ବେଳେ ବାସ୍ତବ ସତ୍ୟ କଣ ଆଜି ଜଣା ପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ, ରାଉରକେଲା ଶ୍ରମ ବିଭାଗରେ ଜାଲ୍ ଶ୍ରମିକ କାର୍ଡ ତିଆରି କରାଯାଇ ସରକାରଙ୍କ ପକ୍ଷରୁ ଯୋଗାଯାଇଥିବା ସାଇକେଲ, ସୁରକ୍ଷା ଉପକରଣ ଓ ଶ୍ରମିକର ସମସ୍ତ ସାମଗ୍ରୀ ଆଦି ବିତରଣରେ ପାଖା ପାଖି ୯କୋଟି ଟଙ୍କାର ହରିଲୁଟ ହୋଇଥିବା ନେଇ ଆରଟିଆଇ ତଥ୍ୟକୁ ଆଧାର କରି ରାଉରକେଲାର ବିଶିଷ୍ଟ ନେତା ତଥା ଆରଟିଆଇ ଆକ୍ଟିଭିଷ୍ଟ ରଶ୍ମିରଂଜନ ପାଢୀ ଏନେଇ ମାନ୍ୟବର ଲୋକାୟୁକ୍ତଙ୍କ ପାଖରେ ବର୍ଷେ ତଳେ ଏକ ଅଭିଯୋଗ କରିଥିଲେ । ସେହି ମାମଲା ପରେ ସେ ରାଉରକେଲା ଭିଜିଲାନ୍ସ ପାଖରେ ଆଉଏକ ହରିଲୁଟର ଅଭିଯୋଗ ଶ୍ରମ ବିଭାଗ ବିରୋଧରେ ଆଣିଥିଲେ । ତାହାର ତଦନ୍ତ ଏଯାଏ ଆଗେଇ ପାରି ନାହିଁ । ତେବେ ଆଜିର ତାରିଖରେ ମାନ୍ୟବର ଲୋକାୟୁକ୍ତ ଏହି ମାମଲାରେ ତଦନ୍ତର ଅଗ୍ରଗତି ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ପୁର୍ନବାର ଭିଜିଲାନ୍ସ ତଦନ୍ତ ଲାଗି ଏପ୍ରିଲ ମାସ ୧୯ ତାରିଖ ଯାଏ ସମୟ ଦେଇଥିବା ଖବର ମିଳିଛି । ଅନ୍ୟପକ୍ଷରେ ଅଭିଯୋଗକାରୀ ଶ୍ରୀ ପାଢୀଙ୍କୁ ଏନେଇ ପଚରା ଜିବାରେ ସେ କହିଛନ୍ତି, ତାଙ୍କର ଲୋକାୟୁକ୍ତ ଓ ଭିଜିଲାନ୍ସଙ୍କ ଉପରେ ସମ୍ପୂର୍ଣ୍ଣ ଭରଷା ରହିଛି । ରାଜ୍ୟ ସରକାର ମଧ ଲୋକୟୁକ୍ତଙ୍କୁ ବିଭିନ୍ନ ମାମଲା ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି, ତେଣୁ ଲୋକଙ୍କ ଟିକସ ଦିଆ ସରକାରୀ ଅର୍ଥ ହରିଲୁଟ୍ ଓ ଶ୍ରମିକ ମାନଙ୍କ ନାମରେ ଲୁଟପାଟ୍ କରିଥିବା ଓ ସେଥିରେ ସହଯୋଗ କରିଥିବା ବାବୁ ମାନଙ୍କ ବିରୋଧରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ବିଶ୍ୱାସ ରଖିଛନ୍ତି ।

## ବଳଦେବଜୀଉ ଟ୍ରଷ୍ଟବୋର୍ଡ ବୈଠକ: ରଥ ନିର୍ମାଣ ପାଇଁ କେନ୍ଦୁଝର ବନଖଣ୍ଡରୁ ଆସିବ ୬୮୯ଘନ ଫୁଟ କାଠ

କେନ୍ଦ୍ରାପଡା,୧୮।୨: ଶ୍ରୀ ବଳଦେବଜୀଉ ଟ୍ରଷ୍ଟବୋର୍ଡର ବୈଠକ ଇଛାପୁରସ୍ଥିତ ବଳଦେବଜୀଉ ଯାତ୍ରୀ ନିବାସଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଜିଲ୍ଲାପାଳ ତଥା ଟ୍ରଷ୍ଟବୋର୍ଡର ସଭାପତି ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟତ ଆସନ୍ତା ରଥ ନିର୍ମାଣ ପାଇଁ ଆବଶ୍ୟକୀୟ ଶାଳକାଠ ଯୋଗାଇବା ପାଇଁ ସରକାରଙ୍କ ନିକଟରେ ଅନୁରୋଧ କରାଯାଇଥିଲା । ଓଡିଶା ଜଙ୍ଗଲ ବିଭାଗର ମୁଖ୍ୟ ବନ ସଂରକ୍ଷକ କେନ୍ଦୁଝର ଜିଲ୍ଲା ବନଖଣ୍ଡ ଜଙ୍ଗଲରୁ ଆବଶ୍ୟକୀୟ ୬୮୯ଘନଫୁଟ୍ କାଠ ଯୋଗାଇ ଦେବେ ବୋଲି ପତ୍ର ମାଧମରେ ଜଣାଇଛନ୍ତି । ତେଣୁ ଏହି କାଠ ଆସିବା ପାଇଁ ଟ୍ରଷ୍ଟବୋର୍ଡ ପକ୍ଷରୁ ସୁବନ୍ଦବସ୍ତ କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା । ଶ୍ରୀ ବଳଦେବଜୀଉ ମନ୍ଦିରରେ ନୀତିକାର୍ଯ୍ୟ ପାଇଁ ଆବଶ୍ୟକୀୟ ହେଉଥିବା ବିଭିନ୍ନ ସାମଗ୍ରୀ ଯୋଗାଣ ପାଇଁ , ପୁରୁଣା ଚନ୍ଦନ ପୋଖରୀ ଅଧିଗ୍ରହଣ,ଆୟ ବ୍ୟୟ ଓ ଶ୍ରୀ ବଳଦେବଜୀଉଙ୍କ ଭୂସମ୍ପ ିରେ ବେଆଇନ ଦଖଲ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ରାଇଜିଙ୍ଗ ୟୁଥ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

କେନ୍ଦ୍ରାପଡା,୧୯।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଇଜିଙ୍ଗ ୟୁଥ୍ କ୍ଲବ ତରଫରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଗୁରୁବାର ଏହି ରକ୍ତଦାନ ଶିବିରକୁ ସମାଜସେବୀ ତଥା କ୍ଲବର ସଦସ୍ୟ ତପନ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବ୍ଲକର ବିଭିନ୍ନ ଅଂଚଳରୁ ଯୁବକ ଯୁବତୀ ଓ ସମାଜସେବୀ ପ୍ରମୁଖ ଉହି ରକ୍ତଦାନ ଶିବିର ରେ ଯୋଗଦେଇ ରକ୍ତଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବର ସଂପାଦକ ସଂଜୟ ପରିଡା, ଜ୍ୟୋତି ପ୍ରକାଶ ପରିଡା, ରମାକାନ୍ତ ବାରିକ, ଲକ୍ଷ୍ମଣ ରଥ, ଆୟୁସକାନ୍ତ ବେହେରା, ସୁଦିପ୍ ପରିଡା, ମୃତ୍ୟୁଞ୍ଜୟ ପଣ୍ଡା, ସୌରଭ ମଲ୍ଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସେକ୍ଟର ଅଫିସରମାନଙ୍କ ତାଲିମ

ପୁରୀ,୧୯।୨ (ନି.ପ୍ର): ପିପିଲି ଉପ-ନିର୍ବାଚନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ ବେଳେ ବୁଥ ପରିଚାଳନା କ୍ଷେତ୍ରରେ ସେକ୍ଟର ଅଧିକାରୀ ମାନଙ୍କ ଭୂମିକା ସଂକ୍ରାନ୍ତୀୟ ତାଲିମ ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି । ଏଥିରେ ୩୫ ଜଣ ସେକ୍ଟର ଅଧିକାରୀ ଏବଂ ୧୮ ଜଣ ସେକ୍ଟର ପୁଲିସ ଅଧିକାରୀ ସାମିଲ ଥିଲେ । ବୁଥ ପରିଚାଳନା ଓ ମତଦାନ ନିମନ୍ତେ ସମନ୍ୱୟ ରକ୍ଷା କରିବା କ୍ଷେତ୍ରରେ ସେକ୍ଟର ଅଧିକାରୀ ମାନେ କାମ କରିବେ । ପ୍ରତ୍ୟେକ ସେକ୍ଟର ଅଧିକାରୀ ମାନେ ୧୦ ରୁ ୧୨ଟି ବୁଥ ଦାୟିତ୍ୱରେ ରହିବେ । ପୋଲିଂ ପାର୍ଟି ଗୁଡିକର ଯିବା ଆସିବା, ଶୃଙ୍ଖଳିତ ମତଦାନ, ଇଭିଏମ୍, ଭିଭିପ୍ୟାଟ ପରିଚାଳନା ଦିଗରେ ସହଯୋଗ କରିବେ । ଏଥିସହ କୋଭିଡ କଟକଣା ଯୋଗୁଁ ବୃଦ୍ଧବୃଦ୍ଧା ମାନଙ୍କ ପୋଷ୍ଟାଲ ବାଲାଟ, ଭିନ୍ନକ୍ଷମ ମାନଙ୍କ ମତଦାନ ଉପରେ ନଜର ରଖିବେ । ମତଦାନ ଦିନ ପ୍ରତି ୨ ଘଣ୍ଟାରେ ସଂପୃକ୍ତ ବୁଥ ପରିଦର୍ଶନ କରି ମତଦାନ ଅଗ୍ରଗତି ସଂପର୍କରେ ନିୟନ୍ତ୍ରଣ କକ୍ଷକୁ ତଥ୍ୟ ପ୍ରଦାନ କରିବେ । ଏହି ଅବସରରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ,ସୁଭାଷ ଚନ୍ଦ୍ର ନାଥଶର୍ମା, ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ଜିତେନ୍ଦ୍ର କୁମାର ପାତ୍ର, ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ବିଡିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନରେ ବାଇପାସ ରାସ୍ତା ଓ ବସଷ୍ଟାଣ୍ଡ ସଂପ୍ରସାରଣ ପାଇଁ ଦାବି

ଭୁବନ ,୧୯।୨ (ନି.ପ୍ର): ଏସିଆ ମହାଦେଶର ସର୍ବବୃହତ ଗ୍ରାମ "ଭୁବନ" ୧୯୭୨ ମସିହାରେ ବିଜ୍ଞାପିତ ଅଂଚଳ ପରିଷଦ ଭାବେ ମାନ୍ୟତା ପାଇଛି । ଗାଡିମୋଟର ଚଳାଚଳ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବାର ଟ୍ରାଫିକସମସ୍ୟା ସାଙ୍ଗକୁ ଶବ୍ଦ ଓ ବାୟୁ ପ୍ରଦୂଷଣ ମୁଖ୍ୟ ସମସ୍ୟା ପାଲଟିଛି । ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଭୁବନ ବୁଦ୍ଧେଶ୍ୱର ମନ୍ଦିର ଠାରୁ ହିଙ୍ଗୁଳା ମନ୍ଦିର ଦେଇ ବାଘୁଆପୋଲ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା ,ରଗଡି ଛକ ଠାରୁ ବେଠିଆପାଳ (କଲେଜଛକ) ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା, ନୂଆଭୁବନ ରୁ ପୁରୁଣା ଭୁବନ ସଂଯୋଗୀକରଣ ରାସ୍ତା, ଭୁବନ ବସଷ୍ଟାଣ୍ଡ ର ସଂପ୍ରସାରଣ ଓ ଫୋଲିସ ଫାଣ୍ଡି ସ୍ଥାପନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଭୁବନ ର ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱର ମନ୍ଦିର ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ଭାବେ ସ୍ଥାନ ପାଇବା ପରେ ଦିନକୁ ଦିନ ପର୍ଯ୍ୟଟକ ଙ୍କ ସଂଖ୍ୟା ବୃଦ୍ଧି ହେଉଛି । ବିଭିନ୍ନ ପର୍ବପର୍ବାଣୀରେ ଅସମ୍ଭବ ଭିଡ ହେଉଛି । ବିବାହ ନିମନ୍ତେ ଏହା ପ୍ରମୁଖସ୍ଥାନ ପାଲଟି ଥିବାରୁ ବିବାହ ଋତୁରେ ଦୈନିକ ୧୦ ରୁ ଉର୍ଦ୍ଧ୍ୱ ବିବାହସଂପନ୍ନ ହେଉଛି । ବାହାରୁ ଆସୁଥିବା ବରଯାତ୍ରୀ ଗାଡିଗୁଡିକ ଭୁବନ ନୂଆବଜାର ଓ ନୂଆଭୁବନ ଗାଁ ଭିତରେ ପଶି ଯାଉଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି । ପର୍ଯ୍ୟଟକ ଙ୍କ ସୁବିଧା ନିମନ୍ତେ ବୁଦ୍ଧେଶ୍ୱର ମନ୍ଦିର ଠାରୁ ହିଙ୍ଗୁଳାମନ୍ଦିର ଦେଇ ଭୁବନ-ଢେଙ୍କାନାଳ ରାସ୍ତାର ବାଘୁଆପୋଲ ପର୍ଯ୍ୟନ୍ତ ସଂଯୋଗୀକରଣ (ବାଇପାସ) ରାସ୍ତା ନିର୍ମାଣ କରାଗଲେ ଏହ ିସମସ୍ୟାର ସମାଧାନ ହୋଇପାରନ୍ତା । ବ୍ରାହ୍ମଣୀ ନଦୀ ଉପରେ ବାଜିରାଉତ ସେତୁ ଲୋକାର୍ପିତ ହେବା ପରେ ଭୁବନ ରୁ ଢେଙ୍କାନାଳ , କଟକ, ଯାଜପୁର, ଅନୁଗୁଳ ପ୍ରଭୃତି ଅଂଚଳକୁ ବହୁସଂଖ୍ୟାରେ ଯାତ୍ରୀବାହୀ ବସ ସମେତ ମାଲବାହୀ ଟ୍ରକ ଚଳାଚଳ କରୁଛି । କାଳୀବଜାର ଠାରୁ ଗୋଡିପୋଖରୀ ଛକ ମଧ୍ୟରେ ଦୈନିକ ପରିବାମାର୍କେଟ , ଏକାଧିକ ବ୍ୟାଙ୍କ ସମେତ ପ୍ରାଥମିକ, ଉଚ୍ଚବିଦ୍ୟାଳୟ ଓ ପବ୍ଲିକସ୍କୁଲ ରହିଅଛି । ଏହି ରାସ୍ତାରେ ଦୈନିକ ଏକାଧିକ ଯାତ୍ରୀବାହୀ ବସ ସମେତ ଶତାଧିକ ମାଲବୋଝେଇ ଟ୍ରକ, ଡମ୍ଫର, ହାଇଓ୍ୱା ଚାଲୁଥିବାରୁ କାଳୀବଜାର ଠାରୁ ଗୋଡିପୋଖରୀ ଛକ ପର୍ଯ୍ୟନ୍ତ ରାସ୍ତା ସବୁବେଳେ ଜାମ୍ ରହି ଟ୍ରାଫିକ ସମସ୍ୟା ଉପୁଜୁଛି ଓ ଦୁର୍ଘଟଣା ମଧ୍ୟ ହେଉଅଛି । ସୁକିନ୍ଦା ଅଂଚଳରୁ କ୍ରୋମାଇଟ ବୋଝେଇ ଟ୍ରକ ଗୁଡିକ ଏହି ରାସ୍ତା ଦେଇ ଯାଉଥିବାରୁ ଟ୍ରାଫିକ ସମସ୍ୟା ସହିତ ମାତ୍ରାଧିକ ବାୟୁ ଓ ଶବ୍ଦ ପ୍ରଦୂଷଣ ହେଉଅଛି । ରଗଡି ଛକ ଠାରୁ ବେଠିଆପାଳ (କଲେଜଛକ) ପର୍ଯ୍ୟନ୍ତ ଏକ ସଂଯୋଗୀକରଣ (ବାଇପାସ) ରାସ୍ତା ନିର୍ମାଣ କରାଗଲେ ଏହି ସମସ୍ୟା ର ସମାଧାନ ହୋଇପାରନ୍ତା । ୧୫ ଟି ଓ୍ୱାର୍ଡକୁ ନେଇ ଗଠିତ ଭୁବନ ଏନଏସି ର କେବଳ ୩ ନମ୍ବର ଓ୍ୱାର୍ଡ ବନ୍ଧାଳ (ନୂଆଭୁବନ) ଟି ପୁରୁଣାଭୁବନ ରୁ ବିଚ୍ଛିନ୍ନ ହୋଇରହିଛି । ୩ ନମ୍ବର ଓ୍ୱାର୍ଡ ର ସାହଣଦେଇ ଛକ ଠାରୁ ୪ ନମ୍ବର ଓ୍ୱାର୍ଡ ର ପାହାଚପୋଖରୀ ଶିବମନ୍ଦିର ପର୍ଯ୍ୟନ୍ତ ଏକ ସଂଯୋଗୀକରଣ ରାସ୍ତା ନିର୍ମାଣ କରାଗଲେ ପୁରୁଣାଭୁବନ - ନୂଆଭୁବନ ମଧରେ ଦୂରତା ହ୍ରାସ ପାଇ ପାରନ୍ତା ।

## ୩ବର୍ଷ ହେଲା ମିଳୁନି କ୍ଷତିପୂରଣ: ଭେଟେନାରୀ ଅଫିସ ଘେରାଉ କଲେ ଦୁଗ୍ଧଚାଷୀ

କେନ୍ଦ୍ରାପଡା,୧୯।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକର ଦୁଗ୍ଧଚାଷୀ ଗୋପାଳକ ମାନେ କ୍ଷତିପୂରଣ ମିଳିବାରେ ଅସହଯୋଗ କରିଥିବା ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟ କାର୍ଯ୍ୟାଳୟକୁ ଦୀର୍ଘ ସମୟ ଧରି ଘେରାଉ କରି ରଖିଥିଲେ । ୨୦୧୮ ମସିହାରେ ଘଟିଥିବା ଲଗାଣ ବର୍ଷା ଓ ପବନରେ କ୍ଷତିଗ୍ରସ୍ତ ହୋଇଥିବା ଏହି ଚାଷୀମାନଙ୍କୁ କ୍ଷତିପୂରଣ ଦେବାରେ ବିଭାଗ ଅବହେଳା ପ୍ରଦର୍ଶନ କରିଥିବାରୁ ଦୁଗ୍ଧଚାଷୀ ମାନେ ଗୁରୁବାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଘେରାଉ କରିଥିଲେ । ଅଭିଯୋଗ ମୁତାବକ ଗାଈ, ଛେଳି, ମେଣ୍ଢା, କୁକୁଡା, ବତକ ପ୍ରଭୃତି ପାଳନ କରି ଏହି ଗୋପାଳକ ମାନେ ପରିବାର ପ୍ରତିପୋଷଣ କରୁଥିବା ବେଳେ ୨୧୮ ସେପ୍ଟେମ୍ବର ମାସରେ ପ୍ରବଳ ଝଡିବର୍ଷା ଯୋଗୁଁ ସେମାନଙ୍କର ବହୁ ସଂଖ୍ୟକ ଛେଳି, ମେଣ୍ଢା, କୁକୁଡା, ବତକ ଓ ଗାଈ କ୍ଷତିଗ୍ରସ୍ତ ହେଇଥିଲେ । ବିଭାଗ ପକ୍ଷରୁ ଏହାକୁ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ କ୍ଷତିପୁରଣ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ଥିଲେ ମଧ ଜିଲ୍ଲା ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ଏଦିଗରେ ଆଗ୍ରହ ପ୍ରକାଶ କରାଯାଇ ନଥିଲା । ଦୀର୍ଘ ୩ବର୍ଷ ହେଲା ଏହି ଚାଷୀମାନେ କ୍ଷତିପୁରଣ ନପାଇ ଆର୍ଥିକ ସଂକଟରେ ପଡିଛନ୍ତି । ୭ଦିନ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆସନ୍ତା ୨୫ ତାରିଖରେ ଏମାନେ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ମା' ଦକ୍ଷିଣ କାଳୀଙ୍କର ନୂତନ ମନ୍ଦିର ଗୃହ ନିର୍ମାଣର ଶୁଭାରମ୍ଭ ଓ ଭୂମି ପୂଜନ

କନ୍ଧମାଳ,୧୯।୨ (ନି.ପ୍ର): ମଙ୍ଗଳବାର ଦିନ ସକାଳ ୯ଟାରେ ଶ୍ରୀ ଶ୍ରୀ ମାଦକ୍ଷିଣକାଳୀଙ୍କର ନୂତନ ମନ୍ଦିର ଗୃହ ନିର୍ମାଣର ଶୁଭ ଦିଆଯାଇଥିଲା । ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମ୍ପାଦକ ଅଜିତ ମହାରଣା,ସହ ସମ୍ପାଦକ ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କ ସମେତ ପୂଜକ ପ୍ରଭାକର ଶତପଥି, ସୂର୍ଯ୍ୟ ପାଣିଗ୍ରାହୀ, ପୁର୍ଣ୍ଣେନ୍ଦୁ ତ୍ରିପାଠୀ, ଆଶିଷ କୁମାର ଶତପଥି ଓ ପରଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ହୋମରେ କର୍ତ୍ତା ଭାବରେ ଅମରେଶ ପ୍ରସାଦ ରଥ ଆହୁତି ପ୍ରଦାନ କରିଥିଲେ । ପରେ ମାଙ୍କୁ ପୁରାତନ ଗୃହରୁ ବାହାର କରି ନିକଟରେ ଥିବା ଆଉ ଏକ ଗୃହକୁ ଅଣାଯାଇଥିଲା । ମନ୍ଦିର ନିର୍ମାଣ ଶେଷ ହେବା ପର୍ଯ୍ୟନ୍ତ ଏଠାରେ ମାଙ୍କ ପୂଜା ଅର୍ଚ୍ଚନା ଜାରୀ ରହିବ ଏବଂ ଭକ୍ତ ମାନେ ଦର୍ଶନ କରିପାରିବେ ବୋଲି ପରିଚାଳନା କମିଟି ସଭାପତି ପ୍ରଦୀପ ପଣ୍ଡା କହିଛନ୍ତି । ଏହି ଅବସରରେ ଶ୍ରଦ୍ଧାଳୁ ମାନଙ୍କର ଭିଡ ସମେତ ବାଦ୍ୟ ହୁଳହୁଳିରେ ସମଗ୍ର ମନ୍ଦିର ପରିବେଶ ପ୍ରକମ୍ପିତ ହେଉଥିଲା । କୋଭିଡ ଗାଇଡଲାଇନ ଅନୁସାରେ ଏହିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସ୍କୁଲ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥବା ଶିକ୍ଷକଙ୍କୁ ଘଣ୍ଟ ଘୋଡାଉଛି ଶିକ୍ଷା ବିଭାଗ

କନ୍ଧମାଳ,୧୯।୨ (ନି.ପ୍ର): ଗତ ସାଧାରଣ ନିର୍ବାଚନ ସମୟରେ ସ୍କୁଲ ରେ ପଂଚମ ଶେଣୀ ରେ ପାଠପଢୁଥିବା ଜଣେ ନାବାଳିକା ସହିତ ଅସଦାଚରଣ କରିବା ପରେ କଥା ପ୍ରଘଟ ହେବାରୁ ଗ୍ରାମବାସୀ ଙ୍କ ଭୟରେ ଦିର୍ଘଦିନ ଧରି ଫେରାର ଥିବା ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଏକ ସ୍କୁଲ ରେ ଜିଲ୍ଲା ଶିକ୍ଷା ବିଭାଗ ଅବସ୍ଥାପିତ କରିଥିବା ଘଟଣା ଏବେ ସାରା ଫିରିଙ୍ଗିଆ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାଙ୍କ ପ୍ରତି ଆହେତୁକ ଅନୁକମ୍ପା ଦେଖାଇଛି ଶିକ୍ଷା ବିଭାଗ । ଅଭିଯୁକ୍ତ ଶିକ୍ଷକଙ୍କ କଳା କାରନାମ କୁ ଘଣ୍ଟ ଘୋଡଇବାକୁ ଚେଷ୍ଟା କରିଛନ୍ତି କିଛିଦିନ ତଳେ ଅବସର ନେଇଥିବା ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଳୟରେ କାର୍ଯ୍ୟରତ ଥିବା ତତ୍‌କାଳିନ ଜଣେ ବରିଷ୍ଠ କିରାଣୀ । ତେବେ ସୂଚନା ଯୋଗ୍ୟଯେ ଗତ ସାଧାରଣ ନିର୍ବାଚନ ସମୟରେ ଅର୍ଥାତ ୧୬.୦୪.୨୦୧୯ ତାରିଖ ଦିନ ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ଠାରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ମହେନ୍ଦ୍ର କୁମାର ପଣ୍ଡା ନାମକ ଜଣେ ଶିକ୍ଷକ ସେହି ସ୍କୁଲ ରେ ପଂଚମ ଶ୍ରେଣୀରେ ପାଠପଢୁଥିବା ଜଣେ ନାବାଳିକା ସହିତ ଅସଦାଚରଣ କରିଥିଲେ । ସେତେବେଳେ ସମ୍ପୃକ୍ତ ନାବାଳିକା ଜଣକ ଏହି ଘଟଣା ବିଷୟରେ ତାର ଅଭିଭାବକ ମାନଙ୍କୁ କହିବାରୁ ଗ୍ରାମବାସୀ ଙ୍କ ସହ ସମ୍ପୃକ୍ତ ନାବାଳିକା ର ପରିବାର ଲୋକେ ସ୍କୁଲ କୁ ଆସି ସମ୍ପୃକ୍ତ ଯୌନ କେଲେଙ୍କାରି ଶିକ୍ଷକ ଙ୍କୁ ମାଡ ମଧ୍ୟ ମାରିଥିଲେ । ପରେ ଏହି ଘଟଣାକୁ ନେଇ ଗ୍ରମବାସୀ ଙ୍କ ସହ ସ୍କୁ ଶିକ୍ଷା କମିଟି ର ସଭାପତି ସମ୍ପାଦକ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ଲିଖିତ ଭାବରେ ମଧ୍ୟ ଜଣେଇ ଥିଲେ । ସେହି ଦିନଠାରୁ ସମ୍ପୃକ୍ତ କରିତକର୍ମା ଶିକ୍ଷକ ଜଣକ ଫେରାର ହୋଇଯାଇଥିଲେ । ତେବେ ଏଭଳି କାମ କରିଥିବା ଶିକ୍ଷକଙ୍କ ଦୋଷକୁ ଲୁଚାଇବାକୁ ଯାଇ କେବଳ ଦୀର୍ଘଦିନ ପର୍ଯ୍ୟନ୍ତ ସ୍କୁଲରେ ଅନୁପସ୍ଥିତ ରହିଥିବାରୁ ସମ୍ପୃକ୍ତ କେଲେଙ୍କାରି ଶିକ୍ଷକ ଙ୍କୁ କିଛିଦିନ ପାଇଁ ନିଲମ୍ବିତ କରି କାମ ସାରିଦେଇଥିଲେ ଫିରିଙ୍ଗିଆ ଶିକ୍ଷା ବିଭାଗର ବଡବଡିଆ ବାବୁ ମାନେ । ଏହି ଘଟଣାକୁ ପ୍ରାୟ ଦୁଇ ବର୍ଷ ବିତିଯାଇଥିବା ବେଳେ ଗ୍ରାମବାସୀ ଙ୍କ ଅଭିଯୋଗ ଉପରେ ଆଜିପର୍ଯ୍ୟନ୍ତ କୌଣଷି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ବେଳେ ପୁଣି ଥରେ ସମ୍ପୃକ୍ତ ଶିକ୍ଷକ ଙ୍କୁ ଫିରିଙ୍ଗିଆ ଶିକ୍ଷା ବିଭାଗ ଫିରିଙ୍ଗିଆ ବ୍ଲକ ନେଡିପଦର ଉନ୍ନିତ ଉଚ୍ଚବିଦ୍ୟାଳୟରେ ପୁନଃ ସ୍ଥାପିତ କରିଛନ୍ତି । ଏହାକୁ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି ସମ୍ପୃକ୍ତ ନାବାଳିକା ର ପରିବାର ସହ ସାଡିଙ୍ଗିଆ ଗ୍ରାମବାସୀ ଓ ସାଡିଙ୍ଗିଆ ଉନ୍ନିତ ଉଚ୍ଚ ବିଦ୍ୟାଳୟର ସ୍କୁଲ ପରିଚାଳନା କମିଟି ର ସଦସ୍ୟ ମାନେ । ତେବେ ଏଭଳି କୁତ୍ସିତ ମାନସିକତା ଥିବା ଶିକ୍ଷକଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ସହ ଏହିଘଟଣାର ପୁନଃ ତଦନ୍ତ କରାଯାଇ ଅଭିଯୁକ୍ତ ଶିକ୍ଷକଙ୍କୁ ଚାକିରିରୁ ବହିସ୍କାର କରାଯିବା ଉଚିତ ବୋଲି ଫିରିଙ୍ଗିଆ ଅନଚଳର ବୁଦ୍ଧିଜିବୀ ମାନେ ଦାବି ଜଣେଇଛନ୍ତି । ଅନ୍ୟପଟେ କନ୍ଧମାଳ ଜିଲ୍ଲାପାଳ ଏହି ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ଶିକ୍ଷକ ଙ୍କ ଦୋଷ ଲୁଚାଇବା ପାଇଁ ଚେଷ୍ଟା କରିଥିବା କର୍ମଚାରି ମାନଙ୍କ ବିରୁଦ୍ଧରେ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ବୁଦ୍ଧିଜିବୀ ମାନଙ୍କ ମହଲ ରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ତେବେ ଆଗାମି ଦିନରେ ଏହିଘଟଣାକୁ ନେଇ ପୁନଃ ତଦନ୍ତ ଦାବୀ କରିବା ସହ ଦୋଷୀ ଶିକ୍ଷକ ଙ୍କୁ ବିରୁଦ୍ଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ସାଡିଙ୍ଗିଆ ଅଂଚଳ ବାସୀ ।

## ୨୧ ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଭୁବନ ,୧୯।୨ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୬ ନମ୍ବର ଓ୍ୱାର୍ଡ ଅରାସାହି ଯାଦବ ସମାଜ କୀର୍ତ୍ତନ ମଣ୍ଡଳୀ ତରଫରୁ ସିନେମା ହଲ ସମ୍ମୁଖରେ ୨୧ ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗତ ମଙ୍ଗଳବାର ସରସ୍ୱତୀ ପୂଜା ଅପରାହ୍ନରେ ଶତାଧିକ ମାନସିକଧାରୀ ଶ୍ରଦ୍ଧାଳୁ ଭକ୍ତ କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରି ଘଟସ୍ଥାପନ କରିଥିଲେ । ଗତ ବୁଧବାର ପ୍ରାତଃ ସମୟରୁ ନାମଯଜ୍ଞ ଆରମ୍ଭ ହୋଇ ଆଜି ପୂର୍ଣ୍ଣାହୂତୀ ଦିଆଯାଇଥିଲା । ଏଥିରେ ୧୦ ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ । ଅପରାହ୍ନରେ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ଓ ସଂଧ୍ୟାରେ ସାମୁହିକ ପ୍ରସାଦ ସେବନ କରାଯାଇଥିଲା । ଗଙ୍ଗାଧର ନାୟକ ଙ୍କ ନେତୃତ୍ୱରେ ଯାଦବସମାଜ କୀର୍ତ୍ତନମଣ୍ଡଳୀର ସମସ୍ତ ସଦସ୍ୟ ଓ ସିନେମାହଲ ନିକଟସ୍ଥ ଜନସାଧାରଣ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

## ଭିନ୍ନ ଧରଣର ଶଗଡରେ ଗଦା ଯାତ୍ରା: ଶ୍ରୀକ୍ଷେତ୍ରରୁ ଆଙ୍କାମାଳ ଗଲା ଶିରୁଳି ମହାବୀର

ପୁରୀ,୧୯।୨ (ନି.ପ୍ର): ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶିରୁଳି ମହାବୀରଙ୍କ ପୀଠରେ ବିଶ୍ୱ କଲ୍ୟାଣ ଯଜ୍ଞ ପାଇଁ ଏକ ନୂଆ ପରମ୍ପରା ଓଡିଆ ଚଳନିରେ ଏକ ବିରାଟ ଶଗଡ ଶୋଭଯାତ୍ରା ଶିରୁଳିଠାରୁ ଶ୍ରୀକ୍ଷେତ୍ର ଆସିଥିଲା । ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଶଗଡକୁ ସୁସଜ୍ଜିତ କରାଯାଇ ମହାବୀରଙ୍କ ଲାଙ୍ଗୁଡ ଶୋଭାପାଉଥିଲା । ଶିରୁଳି ମହାବୀରଠାରୁ ଶୋଭାଯାତ୍ରା ବାହାରିବା ସମୟରେ ସଂକୀର୍ତ୍ତନ ଦଳ ସହ ମହାବୀର ଭଜନ, ଅନୁମାନ ଚାଳିଶା, ମହାବୀର ଶ୍ଳୋକ ବାଜୁଥିଲା । ଗାଁ ଗାଁରେ ଭକ୍ତମାନେ ଶଗଡ ଆଗରେ ମୁଣ୍ଡିଆ ମାରିବା ସହ ଫୁଲ ଓ ମାଳ ପ୍ରଦାନ କରିଥିଲେ । ଶଗଡ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ନରେନ୍ଦ୍ରକୋଣଠାରେ ଶଗଡ ଅଟକିଥିଲା । ୪ଟି ଶଗଡ ମରଚିକୋର୍ଟ ଛକ ପର୍ଯ୍ୟନ୍ତ ଯାଇଥିଲା । ଆଙ୍କାମାଳ ଆସିବା ପରେ ୪ଟି ଶଗଡ ସହ ଅନ୍ୟ ଶଗଡଗୁଡିକ ଶୋଭାଯାତ୍ରାରେ ଫେରିଥିଲେ । ବିଶ୍ୱକଲ୍ୟାଣ ପାଇଁ ଆଜିଠାରୁ ୨୨ତାରିଖ ପର୍ଯ୍ୟନ୍ତ ଯଜ୍ଞ ସହ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଜାରି ରହିବ । ଆଜି ଗୁରୁବାର ଗଦାଯାତ୍ରା, ଅନୁମାନ ଚାଳିଶା ପାଠ, ୧୦୦୮ ଦୀପଦାନ, ଚଣ୍ଡିପାଠ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆସନ୍ତାକାଲି ୧୯ରେ କଳସ ଶୋଭାଯାତ୍ରା, ଗୋପୂଜା, ଅଗ୍ନି ସ୍ଥାପନ ଓ ମହାଯଜ୍ଞର ପ୍ରଥମ ଅର୍ଘ୍ୟ ପ୍ରଦାନ କରାଯିବ ।

## ଡାକ୍ତରଖାନା ପ୍ରସୂତି ବିଭାଗର ଡ୍ରେନ ପାଣି ଲହଡି ଭାଙ୍ଗୁଛି ରାସ୍ତାରେ

କେନ୍ଦ୍ରାପଡା,୧୯।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରେ ଥିବା ପ୍ରସୂତି ବିଭାଗର ଡ୍ରେନ ପାଣି ଡାକ୍ତରଖାନା ପରିସର ରେ ଲହଡି ଭାଙ୍ଗୁଥିବା ଦେଖିବାକୁ ମିଳୁଛି । ପ୍ରସୂତି ବିଭାଗ ନିକଟରେ ଥିବା ଡ୍ରେନଟ ସିଷ୍ଟମ ଜାମ ହୋଇ ଯାଇଥିବାରୁ ବିଭାଗର ଦୂଷିତ ଜଳ ନିସ୍କାଷିତ ହୋଇ ନପାରି ବାହାରେ ଜମି ରହୁଥିବା ବେଳେ ଡାକ୍ତରଖାନା କତୃପକ୍ଷ ଏହାକୁ ସୁଧାରିବାରେ ଦୃଷ୍ଟି ଦେଉ ନାହାଁନ୍ତି । ଏହି ଆବର୍ଜନା ପୂର୍ଣ୍ଣ ପାଣିରେ ପଶି ରୋଗୀ ଓ ତାଙ୍କ ପରିବାର ଲୋକେ ଚଳପ୍ରଚଳ ହେଉଥିବାରୁ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଚିକିତ୍ସାଳୟ କତୃପକ୍ଷ ଏହାକୁ ସୁଧାରିବାକୁ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପିସ୍ତଲ ଦେଖାଇ ଟୁରିଷ୍ଟ ବସ ଡ୍ରାଇଭରଙ୍କଠାରୁ ଟଙ୍କା ଲୁଟ, ୨ ଗିରଫ, ପିସ୍ତଲ ଓ ଗୁଳି ଜବତ

ପୁରୀ,୧୯।୨ (ନି.ପ୍ର): ଅର୍ବାନହାଟଠାରୁ ବସରେ ଯାତ୍ରୀମାନଙ୍କୁ ଓହ୍ଲାଇ ଖାଲି ବସ ଆଣି ଡ୍ରାଇଭର ଫେରୁଥିଲେ । ଗତକାଲି ରାତି ୮ଟା ୪୫ରେ ଦୁଇଜଣ ଯୁବକ ଅର୍ବାନହାଟ ରାସ୍ତାର ଧୋବାସାହିଛକରେ ଧଳା ସ୍କୁଟି ବସ ଆଗରେ ରଖି ବସର ଡ୍ରାଇଭରଙ୍କୁ ଦାଦାବଟି ମାଗିଥିଲେ । ଦାଦାବଟି ନଦେବାରୁ ଯୁବକମାନେ ପିସ୍ତଲ ଦେଖାଇ ଜୀବନରେ ମାରିଦେବାକୁ ଧମକ ଧେଖାଇବା ସହ ବସ ଡ୍ରାଇଭର ନିତାଇ ଦେ (୬୪)ଙ୍କ ସାର୍ଟପକେଟରୁ ୨ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଓଡି ୨ଆର ୭୪୯୯ ବସର ମାଲିକ ଶାନ୍ତିରଞ୍ଜନ ମିଶ୍ର ଓ ଡ୍ରାଇଭର ସିବଚି ଥାନାକୁ ଯାଇ ଏ ସଂପର୍କରେ ଏତଲା ଦେଇଥିଲେ । ଥାନା ପକ୍ଷରୁ ଘଟଣାର ଅନୁସନ୍ଧାନ କରାଯାଇ ଆଜି ଦୁଇଜଣ ଅଭିଯୁକ୍ତ ସଦରଥାନା ଅନ୍ତର୍ଗତ ଷଣ୍ଡପୁରର ରିଙ୍କୁ ଓରଫ ସୁନୀଲ କୁମାର ରାଉତରାୟ (୨୮) ଓ ବାଲିପଡିଆର ରଶ୍ମିରଞ୍ଜନ ପଲେଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଦୁଇଜଣ ଯାକ ମୋଚିସାହି ଛକ ଆହ୍ଲବାଦ ବ୍ୟାଙ୍କ ନିକଟରେ ରହୁଥିଲେ । ସେମାନଙ୍କ ଠାରୁ ଓଡି ୧୩ବି ୩୩୦୦ ଧଳା ରଙ୍ଗର ସ୍କୁଟି ସହ ୟୁଏସଏ ନିର୍ମିତ ୯ଏମଏମ ଗୁଳିଭରା ଏକ ପିସ୍ତଲ ଜବତ କରିଛି । ଏହାସହ ୪ଟି ଜୀବନ୍ତ ଗୁଳି ଓ ୧୬ଶହ ଟଙ୍କା ଜବତ କରିଛି । ଏ ସଂପର୍କରେ ସି ବିଚ ଥାନାରେ ୪୧/୨୦୨୧ରେ ମାମଲା ରୁଜୁ କରାଯାଇ ଦୁଇଜଣଙ୍କୁ ଗିରଫ କରାଯାଇଛି ।

## ବିଧବା ଭତ୍ତା ଅପେକ୍ଷାରେ ବୃଦ୍ଧା: ତୁରନ୍ତ ସହାୟତା ଦାବି

ଧର୍ମଶାଳା,୧୯।୨ (ନି.ପ୍ର): ସରକାର ଗରୀବ ଯୋଜନାରେ ଜନସାଧାରଣଙ୍କର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା ଉପରେ ଯୋଜନା କରୁଛନ୍ତି । ହେଲେ ତାହା ବାସ୍ତବରେ କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହୋଇଛି । ଫଳରେ ଏହି ଯୋଜନାରେ ଅନେକ ଯୋଗ୍ୟ ହିତାଧିକାରୀ ଦୀର୍ଘ ଦିନ ଧରି ଅପେକ୍ଷା କରି ରହୁଛନ୍ତି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତସ୍ଥ ୬ ନଂ ଓ୍ୱାର୍ଡରେ । ଏହି ଓ୍ୱାର୍ଡରେ ସ୍ୱର୍ଗତ ଇବ୍ରାହିମଙ୍କ ପତ୍ନୀ ମିନାତୁନ ବିବିଙ୍କୁ ମିଳୁନି ବିଧବା ଭତା । ଇବ୍ରାହିମ ୧୨ ବର୍ଷ ତଳେ ତାଙ୍କର ପର ଲୋକ ହୋଇଯାଇଥିଲା । ହେଲେ ଏପର୍ଯ୍ୟନ୍ତ ତାଙ୍କ ପତ୍ନୀଙ୍କୁ ବିଧବା ଭର୍ତା ମିଳି ପାରି ନାହିଁ । ଏବେ ତାଙ୍କର ବୟସ ୭୦ ଉପରେ । ଏବେ ସେ ଡାଇବେଟିସ ରୋଗରେ ଆକ୍ରାନ୍ତ । ଔଷଧ ଖାଇବା ପାଇଁ ଝିଅ ଘର ଓ ପୁଅ ବୋହୂଙ୍କ ହାତକୁ ଅନାଇ ବସୁଛନ୍ତି । ଏନେଇ ସେ ଭର୍ତା ଫର୍ମ ପଂଚାୟତରେ ବାରମ୍ବାର ଆବେଦନ କରିଥିଲେ ମଧ୍ୟ କେହି ଏହି କଥାକୁ ଗୁରୁତ୍ୱ ଦେଉ ନ ଥିବା ସେ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷେ ସେ ଏକ ଭଙ୍ଗା ଅଜବେଟସ୍ ଘରେ ରହୁଛନ୍ତି । ଆବାସ ଯୋଜନାରେ ଏକ କଂକ୍ରିଟ ଘର ପାଇବା ପାଇଁ ସେ ଦାବି କରିଛନ୍ତି । ଅବହେଳିତ ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ରାସ୍ତା କଡ଼ କ୍ଷେତକୁ ଓଲଟିଲା ବଲେରୋ: ଅଳ୍ପକେ ବର୍ତ୍ତିଲେ ଚାଳକ

କୋରାଇ,୧୯।୨ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ମାଧପୁର ଗ୍ରାମ ନିକଟରେ ଆଜି ଏକ ବଲେରୋ ଭାରସାମ୍ୟ ହରାଇ ରସ୍ତା ପାର୍ଶ୍ୱ କ୍ଷେତ ମଧକୁ ଓଲଟି ପଡିଛି । ଦୁର୍ଘଟଣାରେ ଗାଡ଼ିର ଚାଳକ ଆହତ ହୋଇଥିଲେ ମଧ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ।

ସୂଚନା ଅନୁଯାୟୀ, ମାଳଆନନ୍ଦପୁର ପଂଚାୟତ ଅନ୍ତର୍ଗତ ବ୍ରଜନଗର ଗ୍ରାମର ପାକୁଆ ଧଳଙ୍କ ପୁଅ ପ୍ରଶାନ୍ତ (୩୨) ତାଙ୍କ ନିଜ ବଲୋରୋ ନଂ (ଓଆର୦୪ଏମ ୩୫୯୫) ଯୋଗେ ଯାଉଥିବା ବେଳେ ହଠାତ୍ କୌଣସି କାରଣରୁ ବଲେରୋଟି ରାସ୍ତା ପାର୍ଶ୍ୱ କ୍ଷେତ ମଧକୁ ଓଲଟି ପଡିଥିଲା । ଫଳରେ ଚାଳକ ତା ଭିତରେ ଚାପି ହୋଇ ରହିଯାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସମ୍ପ୍ରତି ସେ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି ।

## ବୋଲେର ଚାବି ଭାଙ୍ଗି ଲୁଟ

ବାରିପଦା,୧୯।୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାରିପଦା ଟାଉନ ଥାନା ୱାର୍ଡ ନୋ ୧୭ ବଳରାମପୁର ଠାରେ ଦିନ ପ୍ରାୟ ୧୨ଘଟିକା ସମୟରେ ବୋଲେର ଗାଡିର ଚାବି ଭାଙ୍ଗି ନଗଦ ୮୮ହଜାର ଟଙ୍କା, ବ୍ୟାଙ୍କ ପାସବୁକ୍, ଏଟିଏମ କାର୍ଡ, ଚେକ ବୁକ, ଜିଏସ୍ଟି ବିଲ, ଗାଡି କାଗଜପତ୍ର ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ କାଗଜପତ୍ରକୁ ଅଜଣା ବ୍ୟକ୍ତି ଲୁଟ କରିଥିବା ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଚାନ୍ଦୁଆ ଥାନା ଅନ୍ତର୍ଗତ ମାରଙ୍ଗତାଣ୍ଡି ଝିନେଇ ଗ୍ରାମର ଭଗବାନ ଚନ୍ଦ୍ର ଘୋଷ ଗୁରୁବାର ଦିନ ପ୍ରାୟ ୧୨ ସମୟରେ ଭଞ୍ଜପୁର ଷ୍ଟେଟ ବ୍ୟାଙ୍କ ଶାଖାରୁ ୮୮ହଜାର ଟଙ୍କା ଉଠାଇ ହ୍ୟାଣ୍ଡ ବ୍ୟାଗରେ ରଖିଥିଲେ। ଉକ୍ତ ହ୍ୟାଣ୍ଡ ବ୍ୟାଗରେ ଗୁରୁତ୍ୱପୂର୍ଣ୍ଣ ଅନ୍ୟାନ୍ୟ କାଗଜପତ୍ର ଥିଲା। ଉକ୍ତ ହ୍ୟାଣ୍ଡବ୍ୟାଗଟିକୁ ନିଜ ବୋଲେର ଗାଡି ନୋ ଓଡି-୧୧-ଆର-୬୪୧୬ ଭିତରେ ରଖି ଲୋକ କରି ୱାର୍ଡ ନୋ୧୭ ବଳରାମପୁର ସ୍ଥିତ ନିଜ ଶଶୁର ଘରକୁ ଗ୍ୟାସ ଟାଙ୍କି ଦେବାକୁ ଦୁଇ ମିନିଟ ପାଇଁ ଯାଇ ଫେରିବା ବେଳକୁ ଗାଡିର ଚାବି ଭଙ୍ଗା ଯାଇ ଲୁଟ ହୋଇଥିବା ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୩୮/୨୧ ମୂଳେ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ କରୁଥିବା ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ସୂଚନା ଦେଇଛନ୍ତି।

## ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୯।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏକ ଟ୍ୱିଟ ମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, "ମା ଭାରତୀଙ୍କ ଅମର ସୁପୁତ୍ର ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀରେ ଶତ ଶତ ପ୍ରଣାମ । ତାଙ୍କର ଅଦମ୍ୟ ସାହସ, ଅଦ୍ଭୁତ ଶକ୍ତି ଏବଂ ଅସାଧାରଣ ବୁଦ୍ଧିମତା ଦେଶବାସୀଙ୍କୁ ଯୁଗ ଯୁଗ ଧରି ପ୍ରେରିତ କରିଆସୁଥିବ । ଜୟ ଶିବାଜୀ" ।

# ଭଦ୍ରକ ଜିଲ୍ଲାପାଳଙ୍କ ଧାମନଗର ଏନ୍‌ଏସି ଓ ବ୍ଲକ କାର୍ଯ୍ୟାଳୟ ଅଚାନକ ପରିଦର୍ଶନ

ଧାମନଗର,୧୯।୦୨ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉନ୍ନୟନ ପାଣ୍ଠିରୁ ରାଜ୍ୟର ବିଭିନ୍ନ ଦେବାଦେବୀ ମନ୍ଦିର, ମସଜିଦ୍ ଓ ଆସ୍ଥାନକୁ ଉନ୍ନତୀ ସୌନ୍ଦର୍ଯ୍ୟ କରଣ ପାଇଁ ଅର୍ଥ ବ୍ରେ ବରାଦ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। ସେଥିମଧ୍ୟରେ ଧାମନଗର ସ୍ଥିତ ଖାନକାସରିଫ ପୀରବାବାଙ୍କ ଆସ୍ଥାନର ଉନ୍ନତୀ ଓ ସୌନ୍ଦର୍ଯ୍ୟ କରଣ ନିମନ୍ତେ ୧କୋଟି ଅର୍ଥ ମଞ୍ଜୁର ହୋଇ କାମ ଆରମ୍ଭ ହୋଇଛି। ଭଦ୍ରକ ଜିଲ୍ଲାପାଳ ଡ଼ଃ. ଜ୍ଞାନ ଦାସ ଗୁରବାର ପୂର୍ବାହ୍ନରେ ପ୍ରଥମେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଖାନକା ସରିଫ



ପରିଦର୍ଶନକରି କାର୍ଯ୍ୟ କ୍ଷେତ୍ରକୁ ଯାଇ କାର୍ଯ୍ୟର ମାନ ଓ ଅଗ୍ରଗତୀ ସମ୍ପର୍କରେ ବିଭାଗୀୟ ଅଧିକାରୀ ଏସ୍‌ଡ଼ିଓ ଏବଂ ଜେଇଙ୍କୁ ପଋରି ବୁଝି କାର୍ଯ୍ୟକୁ ସଠିକ୍ ଭାବେ କରିବାପାଇଁ ପରାମର୍ଶ ଦେଇଥିଲେ। ପରେ ଧାମନଗର ଏନ୍‌ଏସି ଅଞ୍ଚଳରେ କାର୍ଯ୍ୟରତ ଜରାନିବାସ, ଆହରକେନ୍ଦ୍ର, ମେଡ଼ିକାଲ ପୋଖରୀ, ଐତିହାସିକ ଜଗୁସାଗର ପୋଖରୀ, ସାଗର ଭୁୟାଁ ପାର୍କ, ରାପିତା ଠାରେ ୱେଲଥ ସେଣ୍ଟର ଇତ୍ୟାଦି କାର୍ଯ୍ୟ ଋଲିଥିବା ସ୍ଥାନ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟରେ ବିସ୍ତୃତ ଆଲୋଚନା କରି କାର୍ଯ୍ୟ ଗୁଡ଼ିକୁ ତୁରନ୍ତ ଆଗେଇନବାପାଇଁ ପରାମର୍ଶ ଦେଇଥିଲେ। ସେହିପରି ଧାମନଗର ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଜିଲ୍ଲାପାଳ ଅଚାନକ ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସଯୋଜନା, ବିଜୁ ପକ୍କାଘର, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଅଗ୍ରଗତି, ବାର୍ଦ୍ଧକ୍ୟ, ବିକଳାଙ୍ଗ ମାନଙ୍କୁ ଭତ୍ତା ବଣ୍ଟନ ସମ୍ପର୍କରେ ଆଲୋଚନା କରିବା ସହ ସ୍ୱଛତା ନେଇ ତର୍ଜମା କରିଥିଲେ।

# ୧୧ଦଫା ଦାବି ନେଇ ଅଙ୍ଗନୱାଡି କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

ଭଦ୍ରକ,୧୯।୦୨ (ନି.ପ୍ର): ଅଙ୍ଗନୱାଡି କର୍ମଚାରୀଙ୍କ ମୌଳିକ ସୁବିଧା ଓ ଅଧିକାର ସମ୍ବଳିତ ୧୧ଦଫା ଦାବି ନେଇ ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନୱାଡି କର୍ମଚାରୀମାନେ ବାଲଗୋପାଲ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ଗୁଡ଼ିକ ମଧ୍ୟରେ ଅଙ୍ଗନୱାଡିରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା, ଯେ ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ରୂପେ ଘୋଷଣା କରା ନଯାଇଛି ସେତେ ଦିନ ପର୍ଯ୍ୟନ୍ତ କର୍ମୀଙ୍କୁ ୧୮ ହଜାର ଟଙ୍କା ଓ ସହାୟିକାଙ୍କୁ ୯ ହଜାର ଟଙ୍କା



ମାସିକ ଦରମା ପ୍ରଦାନ କରିବା, ରାଷ୍ଟ୍ରୀୟ ଶିକ୍ଷାନୀତି -୨୦୨୦ ଅନୁଯାୟୀ ଦେଶରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ଦେବା ସହିତ ସମସ୍ତ କର୍ମୀଙ୍କୁ ପ୍ରାଇମେରୀ ଟିଚର ଓ ସହାୟିକାଙ୍କୁ ଆସିଷ୍ଟାଣ୍ଟ ପ୍ରାଇମେରୀ ଟିଚର ଭାବେ ମାନ୍ୟତା ପ୍ରଦାନ, ଅଙ୍ଗନୱାଡିରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ନିମନ୍ତେ ଇପିଏଫ୍, ଇଏସ୍‌ଆଇ, ଗ୍ରାଚ୍ୟୁଇଟି ଏବଂ ପେନ୍‌ସନ ଲାଗୁ କରିବା, ୨୦୧୪ରୁ ସରକାର ଘୋଷଣା କରିଥିବା ଅଙ୍ଗନୱାଡି କେନ୍ଦ୍ର ପରିଚାଳନା ନିମନ୍ତେ ଘରଭଡା ବାବଦକୁ ମାସିକ ୩ହଜାର ଟଙ୍କା ପ୍ରଦାନକୁ ତୁରନ୍ତ ଲାଗୁ କରିବା, ୧୨ ଜାନୁଆରୀ ୨୦୧୯ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବର୍ଦ୍ଧିତ ଦରମା ୧୫ଶହ ଟଙ୍କା ଲାଗୁ କରାଯିବା ପ୍ରଭୃତି ଦାବି ପ୍ରମୁଖ ରହିଛି।

# ଚିତ୍‌ମିଶ୍ରାରେ ମାଗଣା ରକ୍ତଦାନ ଶିବିର : ୫୭ ୟୁନିଟ୍ ସଂଗୃହୀତ

ଜଳେଶ୍ୱର,୧୯/୨(ନିପ୍ର) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଜୀବନବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଜଳେଶ୍ୱରଠାରୁ ୨୦ କିମି ଦୂର ନିପଟ ମଫସଲ ଗାଁ ଚିତ୍‌ମିଶ୍ରା ଗାଁର ୟଙ୍ଗ ଷ୍ଟାର୍ କ୍ଲବର ପ୍ରଚେଷ୍ଟାରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜୀବନବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ମଧୁସୂଦନ ସେନାପତି ଏହାକୁ ଉଦ୍‌ଘାଟନ କରି ରକ୍ତର ଆବଶ୍ୟକତା ଓ ରକ୍ତଦାନ ସଚେତନତା ସଂପର୍କରେ କହିଥିଲେ । ଶିକ୍ଷାବିତ୍ ପ୍ରଫୁଲ୍ଲ ଗିରିଙ୍କ ସହିତ କ୍ଲବର ସଭାପତି ରବିନ୍ଦ୍ର ରଣା,



ସଂପାଦକ ଲେଲିନ୍ ଜେନା, ଜୟନ୍ତ ପାଳ, ସୁଶୀଲ ରଣା, ରଂଜନ ବେହେରା, ରବିନ୍ଦ୍ର ଗିରି, ନିର୍ମାଳ ରଣା, କମଳଲୋଚନ ସେନାପତି, ବଳରାମ ସାହୁ, ଗଗନ ମାଝୀ, ଭାରତୀ ରଣା, ରିତାଂଜଳି ରଣା, ଅମ୍ବିକା ରଣା, ନରେନ୍ଦ୍ର ଜେନା ପ୍ରମୁଖଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ରେଡକ୍ରସ୍ ଡାକ୍ତର ମହେଶ କୁମାର ବିଶ୍ୱାଳ, ଟେକ୍‌ନିସିଆନ୍ ଅକ୍ଷୟ ଜେନା, ଜ୍ୟୋତିଷ ପ୍ରଧାନ, ଅଜୟ ମହାପାତ୍ର ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ । ମୋଟ ୫୭ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିବା ଜଣାଯାଇଛି ।

## କମେଣ୍ଟ ମରାକୁ କେନ୍ଦ୍ର କରି କଲେଜ ମଧ୍ୟରେ ତୁମୁଳ କାଣ୍ଡ

ଜଳେଶ୍ୱର,୧୯/୨(ନିପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ଦୀନକୃଷ୍ଣ କଲେଜରେ ଏକ ହଷ୍ଟେଲରେ ରହୁଥିବା ଝିଅକୁ କମେଣ୍ଟମରା ଘଟଣାରେ +୨ ଦ୍ୱିତୀୟବର୍ଷର ଦୁଇଜଣ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଏପରିକି ମାରପିଟ ହୋଇଥିଲା। ନଛିମପୁର ଅଂଚଳର ଜନୈକ ଅଣଛାତ୍ର କଲେଜ ମଧ୍ୟରେ ପ୍ରବେଶ କରି ରାଜପୁର ଅଂଚଳର ଛାତ୍ରକୁ ମାରପିଟ କରିଥିଲେ । ଏପରି ପରିସ୍ଥିତି ଦେଇ କଲେଜର ଅଧ୍ୟକ୍ଷ ଉଭୟଙ୍କୁ ଆଣି ଅଣ୍ଡରଟେକିଂ ଲେଖାଇ ଛାଡି ଦେଇଛନ୍ତି । ଅନ୍ୟକାମରେ କଲେଜକୁ ଯାଇଥିବା ଜଳେଶ୍ୱର ଥାନାର ଏଏସ୍‌ଆଇଙ୍କୁ ଦେଖି ସେମାନେ ଶାନ୍ତ ପଡିଥିଲେ । ଆଜି ଦିନତମାମ ଏହି ଘଟଣା ଯୋଗୁଁ କଲେଜ ମଧ୍ୟରେ ଉଷ୍ମତା ପ୍ରକାଶ ପାଇଥିଲା ।

## କଲେଜ ଛାତ୍ରୀ ଅପହରଣ ଅଭିଯୋଗ

ବାରିପଦା,୧୯।୦୨ (ନି.ପ୍ର): ଜୈନିକା ନାବାଳିକା ଅପହରଣ ଅଭିଯୋଗ, ଥାନାରେ ମାମଲା। ଗୁରୁବାର ବାରିପଦା ଏମପିସି ଜୁନିୟର କଲେଜରେ ପାଠ ପଢୁଥିବା ଜୈନିକା ନାବାଳିକା ଯିଏକି ବାରିପଦା ଶିତଳା ମନ୍ଦିର ନିକଟସ୍ଥ ବେହେରା ମେସରେ ରହିଥିଲେ। ତାଙ୍କୁ ଗତ ୧୬-୦୨-୨୦୨୧ରିଖ ଅପରାହ୍ନ ୪ଟା ସମୟରେ ରାଇରଙ୍ଗପୁର ଥାନା ଅ'ର୍ଗତ ବାଇଦାପୋଷି ଡୁଙ୍ଗୁରି ସାହି ଗ୍ରାମର ନରେନ୍ଦ୍ର ପାତ୍ରଙ୍କ ପୁଅ ରୋହତ ପାତ୍ର(୨୨) ଅରଫ ଲୁଲୁ ଅପହରଣ କରିନେଇଥିବାର ଜୈନିକା ଅପହୃତ ନାବାଳିକାଙ୍କ ମା ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଏହି ଘଟଣାରେ ୧୩୭/୨୧ରେ ମାମଲା ରୁଜ୍ଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ସୂଚନା ଦେଇଛନ୍ତି।

## ବେଆଇନ୍ ଇଟାଭାଟିରୁ ଇଟା ଋଲାଣ

# ୫ ଟ୍ରକ- ଟ୍ରାକ୍ଟର ଜବତ, ୨୫ହଜାର ଟଙ୍କା ଜରିମାନା ଆଦାୟ

ଧାମନଗର,୧୯।୦୨ (ନି.ପ୍ର): ଧାମନଗର ତହସିଲ ଅଞ୍ଚଳରେ ଶହ ଶହ ସଂଖ୍ୟାରେ ବେଆଇନ୍ ଇଟାଭାଟିମାନ ଗଢିଉଠି ଥିବାରୁ ପରିବେଶ ପ୍ରଦୁଷଣ ହେଉଥିବା ବେଳେ ବ୍ୟାପକ ରାଜସ୍ୱ ହାନି ହେଉଛି। ଧାମନଗର ତହସିଲଦାର ମଝିରେ ମଝିରେ ଇଟାଭାଟି ଉପରେ ଚଢାଉ କରିବା ସହିତ ଇଟାପରିବହନ କରୁଥିବା ଟ୍ରକ ଓ ଟ୍ରାକ୍ଟର ମାନ ଜବତକରି ମୋଟା ଅଙ୍କରେ ଜରିମାନା ଆଦାୟ କରୁଛନ୍ତି। ରାଜସ୍ୱ ଆଦାୟ ବୃଦ୍ଧି କରିବା ଲକ୍ଷରେ ଏପରି କରାଯାଉଥିବାବେଳେ ବେଆଇନ୍ ଇଟାଭାଟି ନିର୍ମାଣରେ ଏହା ପ୍ରତ୍ୟେକ୍ଷ



ଓ ପରୋକ୍ଷ ଭାବେ ପ୍ରୋତ୍ସାହନ ଯୋଗାଉଛି ବୋଲି ଜଣାଯାଇଛି। ଧର୍ମକୁ ଆଖିଠାର ମାରି ମଝିରେ ମଝିରେ ଧାମନଗର ତହସିଲଦାର ଏପରି ଜରିମାନା ଆଦାୟ କରୁଥିବାବେଳେ ଏହା ସରକାରୀ ନୀତିନିୟମକୁ ଉଲଙ୍ଘନ କରୁଥିବା ଜଣାଯାଇଛି। ମାଟି ତିଆରି ଉପର ଭାଟି ଇଟା ନିର୍ମାଣ ଉପରେ ସରକାର ରୋକ ଲଗାଇଥିବାବେଳେ ସ୍ଥାନୀୟ ପ୍ରଶାସନ କେବଳ ଜରିମାନା ଆଦାୟ କରି ଇଟାତିଆରିକୁ ଅନୁମତି ପ୍ରଦାନ କରୁଛନ୍ତି। ଗତ ୨ଦିନରେ ଧାମନଗର ତହସିଲଦାର ୫ଟି ଇଟାବୋଝେଇ ଟ୍ରକ ଓ ଟ୍ରାକ୍ଟର ଜବତକରି ସେମାନଙ୍କ ଠାରୁ ୨୫ଜାର ଟଙ୍କା ଜରିମାନା ଆଦାୟ କରିଥିବା ଜଣାଯାଇଛି। ତେବେ ବେଆଇନ୍ ଇଟାଭାଟି ଗୁଡ଼ିକୁ ବନ୍ଦ କରିବାପାଇଁ ପ୍ରଶାସନ ଦୃଢ ପଦକ୍ଷେପ ନିଅନ୍ତୁ ବୋଲି ଜନସାଧାରଣରେ ଦାବି ହେଉଛି।

# 'ଆଶ୍ରୟ'ରେ ସ୍ଥାପିତ ହେଲା 'ଆମ ପାଠାଗାର' ଅଭିଯାନର ଦ୍ୱିତୀୟ ପାଠାଗାର

ଭୁବନେଶ୍ୱର,୧୯।୦୨ (ନି.ପ୍ର): ଆମ ପାଠାଗାର ଅଭିଯାନର ଦ୍ୱିତୀୟ କାର୍ଯ୍ୟକ୍ରମ ପାଇଁ ପ୍ରେସ ମିଟ୍- ଦାସିଆ ଅଜାଙ୍କ ଦ୍ୱାରା ପରିକଳ୍ପିତ ଓଡ଼ିଶା ପାଠାଗାର ଆନ୍ଦୋଳନକୁ ପୁନଃ ପ୍ରଜ୍ୱଳିତ କରିବା ପାଇଁ ଅଭିନେତ୍ରୀ ତଥା ସମାଜ ସେବୀ ବର୍ଷା ପ୍ରିୟଦର୍ଶିନୀଙ୍କ ଏକ ଅନନ୍ୟ ଅଭିଯାନ । ଏହି ଅଭିଯାନର ପ୍ରେସ ମିଟ୍ ବାଣୀ ବିହାରର ହୋଟେଲ ଶୀତଳରେ ଫେବୃଆରୀ ୧୯, ୨୦୨୧ ଶୁକ୍ରବାର ଦିନ ଅପରାହ୍ନ ୪ ଟା ସମୟରେ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ଲେଖକ ତଥା ସ୍ତମ୍ଭକାର ଡକ୍ଟର ବିଜୟ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପ୍ରଖ୍ୟାତ ଲେଖକ ଦାଶ ବେନହୁର,




ପ୍ରଖ୍ୟାତ ଲେଖକ ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ, ପ୍ରଖ୍ୟାତ ଗୀତିକାର ତଥା ଲେଖକ ଶ୍ରୀ ବିଜୟ ମଲ୍ଲ, ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀ, ଲେଖକ ତଥା ଟାଇମ୍ ପାସ୍ ପ୍ରକାଶକ ସରୋଜ ବଳ ଏବଂ ବର୍ଷା ପ୍ରିୟଦର୍ଶିନୀ ଆଦି ମାନ୍ୟଗଣ ବ୍ୟକ୍ତି ଥିଲେ ଅନ୍ୟତମ । ଓଡ଼ିଶାର ବିଭିନ୍ନ ସୁବିଧାରୁ ବଞ୍ଚିତ ଶିଶୁଙ୍କ ପୁନର୍ବାସ ସମ୍ପର୍କିତ ସେବା କାର୍ଯ୍ୟ କରିବା ସହ ଭୁବନେଶ୍ୱରର ଡମଣାରେ ଏକ ବସ୍ତିର 'ମଧୁଶାଳା'କୁ 'ପାଠଶାଳା'ରେ ପରିଣତ କରିବା ପାଇଁ ସମାଜସେବୀ ରତ୍ନାକର ସାହୁଙ୍କ ମହତ ପଦକ୍ଷେପ ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା । ଦାଶିଆ ଅଜା ଭାବରେ ଜଣାଶୁଣା, ସ୍ୱର୍ଗତ ଦାଶରଥୀ ପଟ୍ଟନାୟକ, ଓଡ଼ିଶାର ପାଠାଗାର ଆନ୍ଦୋଳନର ଅଗ୍ରଣୀ ସଂଗ୍ରାମୀ ଥିଲେ । ନିଜ ପେଡ଼ିରେ ଥିବା ମାତ୍ର ୫ଟି ପୁସ୍ତକରୁ ଆରମ୍ଭ କରି ସେ ଏକ ପାଠାଗାର ପ୍ରତିଷ୍ଠା କରିଥିଲେ, ଯେଉଁଥିରେ ବର୍ତ୍ତମାନ ୧.୫ ଲକ୍ଷରୁ ଅଧିକ ପୁସ୍ତକ, ପତ୍ରିକା, ଖଜୁରୀ ପତ୍ର ପାଣ୍ଡୁଲିପି, ଛବି ଏବଂ ଅନ୍ୟାନ୍ୟ ଅନୁସନ୍ଧାନ ମୂଳକ ପୁସ୍ତକ ଓ ସାମଗ୍ରୀ ରହିଛି । ଦାସିଆ ଅଜାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପାଠାଗାର ଆନ୍ଦୋଳନକୁ ପୁନଃ ଜାଗ୍ରତ କରିବା ପାଇଁ ଅଭିନେତ୍ରୀ ତଥା ସମାଜ ସେବୀ ବର୍ଷା ପ୍ରିୟଦର୍ଶିନୀଙ୍କ ଏହା ଏକ ଅନନ୍ୟ ପ୍ରୟାସ । ଏହି ଅଭିଯାନର ଏକ ଅଂଶ ଭାବରେ, ଓଡ଼ିଶା ତଥା ଅନ୍ୟାନ୍ୟ ପ୍ରାନ୍ତରୁ ଇଚ୍ଛୁକ ଦାତାମାନଙ୍କଠାରୁ ପୁସ୍ତକ ସଂଗ୍ରହ କରି ରାଜ୍ୟର ଅଭାବି ଲୋକଙ୍କୁ ପୁସ୍ତକ ଦାନ କରିବା ସହ ପ୍ରତ୍ୟେକ ଜିଲ୍ଲାରେ ପାଠାଗାର ସ୍ଥାପନକୁ ଉତ୍ସାହିତ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି । ଏହି ଅଭିଯାନରେ ବର୍ତ୍ତମାନ ସୁଦ୍ଧା ହଜାର ହଜାର ପୁସ୍ତକ ସଂଗ୍ରହ ହୋଇ ସାରିଲାଣି । ଶୁକ୍ରବାର ଦିନ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପତିତ ଉଦ୍ଧାର ସମିତି ଦ୍ୱାରା ପରିଚାଳିତ ସମିତି ଦ୍ୱାରା ପରିଚାଳିତ "ଆଶ୍ରୟ" ବୃଦ୍ଧାଶ୍ରମ, ୟୁନିଟ୍-୬ ଭୁବନେଶ୍ୱରଠାରେ ବର୍ଷା ପ୍ରିୟଦର୍ଶିନୀ ଏକ ପାଠାଗାରର ସ୍ଥାପନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ପଶ୍ଚିମବଙ୍ଗରେ ବିଜେପିର ....

ସେଠାରେ କିନ୍ତୁ ଅନେକ ସମସ୍ୟା ସହିତ ରୋଜଗାର ମୁଖ୍ୟ ସମସ୍ୟା ହୋଇଛି । ଅନେକ ଶିଳ୍ପ କାରଖାନା ଗୁଡିକ ବନ୍ଦ ହୋଇ ପଡିଛି । ଫଳରେ ରୋଜଗାର ନମିଳିବା କାରଣରୁ ସେଠାକାର ଯୁବକମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ତେଣୁ ପଶ୍ଚିମବଙ୍ଗରେ ପରିବର୍ତ୍ତନ ଜରୁରୀ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏଥିସହିତ ପଶ୍ଚିମବଙ୍ଗର ସାମଗ୍ରିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶୃତିବଦ୍ଧ । ଏହି କାରଣରୁ ପୂର୍ବ ଭାରତ ଅନ୍ତର୍ଗତ ପଶ୍ଚିମବଙ୍ଗର ବିକାଶ ବିନା ସମଗ୍ର ଭାରତ ବର୍ଷର ବିକାଶ ଅସମ୍ଭବ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନର ପରିକଳ୍ପନା କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ ।

ମଣ୍ଡିରେ ଅବ୍ୟବସ୍ଥାକୁ ....

ଆରମ୍ଭ କରି ଦେଇଥିଲେ ଉଭୟ କଂଗ୍ରେସ ଓ ବିଜେପି ବିଧାୟକ । ପୋଡିୟମ ଉପରକୁ ଚଢ଼ିବାକୁ ଉଦ୍ୟମ କରିଥିଲେ । ବାଚସ୍ପତିଙ୍କ ଆଗରେ ଥିବା ଫାଇବର କାଚକୁ ତଳକୁ ଖସାଇ ଦେଇଥିଲେ । ବଜେଟ ଅଧିବେଶନର ପ୍ରଥମ ଦିନ କୋଟିଆକୁ ନେଇ ସରଗରମ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଧାନ କିଣାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ପ୍ରଶ୍ନକାଳ ଆରମ୍ଭରୁ ହୋ-ହଲ୍ଲା ଆରମ୍ଭ କରି ଦେଇଥିଲେ ବିରୋଧୀ ବିଧାୟକ । ବିଜେପି ବିଧାୟକମାନେ ପ୍ଲାକାର୍ଡ ଗାଉନ୍ ପିନ୍ଧି ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ, କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗରେ ନାରାବାଜି କରିଥିଲେ । ତୁରନ୍ତ ଧାନ ଉଠୁ ବୋଲି ବିଜେପି ଦାବି କରିଥିବା ବେଳେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ମଣ୍ଡିରୁ ଧାନ ନଉଠିବା ପର୍ଯ୍ୟନ୍ତ ଗୃହକୁ ଚଳାଇ ଦେବୁନି । ବିଧାନସଭା ଆରମ୍ଭ ହେବା ମାତ୍ରେ ମଣ୍ଡି ଅବ୍ୟବସ୍ଥା ନେଇ ଆଲୋଚନା ପ୍ରସ୍ତାବ ଦେଇଥିଲା ବିଜେପି । ସମସ୍ୟାର ସମାଧାନ ପାଇଁ ମୁଲତବୀ ପ୍ରସ୍ତାବ ଦେଇଥିଲା କଂଗ୍ରେସ । ପ୍ରସ୍ତାବ ଗ୍ରହଣ ନହେବା ପରେ ହଟ୍ଟଗୋଳ କରି ଗୃହକୁ ଅଚଳ କରିଦେଇଥିଲେ ବିରୋଧୀ । ପରିସ୍ଥିତି ଏପରି ହୋଇଥିଲା ଯେ ୭ ଥର ଗୃହକୁ ମୁଲତବୀ କରିବା ପାଇଁ ପଡ଼ିଥିଲା । ଶେଷରେ ସର୍ବଦଳୀୟ ବୈଠକ ଡାକିଥିଲେ ବାଚସ୍ପତି ।

କୋଟିଆ ପ୍ରସଙ୍ଗ : ଡକ୍ୟୁମେଂଟ ....

ଆଜି କୋର୍ଟରେ ଦାଖଲ କରିଥିବା ସତ୍ୟପାଠ ଅନୁସାରେ, ୧୯୫୨ ମସିହାରୁ କୋଟିଆର ବିବାଦୀୟ ତିନିଟି ଗାଁରେ ସେମାନେ ନିର୍ବାଚନ କରିଆସୁଛନ୍ତି। ସତ୍ୟପାଠରେ ଆନ୍ଧ୍ର ୧୯୫୨ରୁ କୋଟିଆର ଗଂଜେଇବାଦରା, ପାଟୁଚିନ୍ନାଭରୁ, ପଗୁଲୁଚିନ୍ନାଭରୁ ଗାଁରେ ନିର୍ବାଚନ କରୁଥିବା ଦର୍ଶାଇଛି। ଏସବୁ ଗାଁ ଆନ୍ଧ୍ରର ଆରାକୁ ସଂସଦୀୟ କ୍ଷେତ୍ର ଓ ସାଲେରୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯାଉଛି। ଏସବୁ ଗାଁରେ ୨୦୦୬, ୨୦୧୩, ୨୦୧୪ରେ ସାଧାରଣ ନିର୍ବାଚନ ବେଳେ ଭୋଟ୍ ଗ୍ରହଣ କରାଯାଇଛି। ହେଲେ ଓଡ଼ିଶା ପକ୍ଷରୁ ଏହାକୁ ଖଣ୍ଡନ କରି ସମ୍ପୂର୍ଣ୍ଣ ମିଛ ବୋଲି କୁହାଯାଇଛି। ଆନ୍ଧ୍ର ଯେଉଁ ଡକ୍ୟୁମେଂଟ ଦାଖଲ କରିଛି, ସବୁ ମିଛ। ପୂର୍ବରୁ ସେଠାରେ ଆନ୍ଧ୍ର ନିର୍ବାଚନ କରିଥିବା ଦାବି ବି ମିଛ ବୋଲି କହିଛନ୍ତି ଓକିଲ ଶିବଶଙ୍କର ମିଶ୍ର। ୧୯୩୬ ମସିହା ପରଠୁ ସମସ୍ତ ଡକ୍ୟୁମେଂଟ ଓଡ଼ିଶା ପାଖରେ ଥିବା ବେଳେ କୋଟିଆ ଓଡ଼ିଶାର ବୋଲି ପ୍ରମାଣିତ କରାଯାଇ ପାରିବ ବୋଲି ଓକିଲ ଶିବଶଙ୍କର ମିଶ୍ର କହିଛନ୍ତି।

ଓଡିଶାରେ ପୁଣି କଡାକଡି ....

ଅନ୍ୟପଟେ ଭିଡ ଜାଗା ଯେପରିକି ମାର୍କେଟ, ଧର୍ମାନୁଷ୍ଠାନରେ ଭିଡ କମାଇବାକୁ କୁହାଯାଇଛି । ଆସନ୍ତାକାଲି ମହାରାଷ୍ଟ୍ରର କିଛି ଅଞ୍ଚଳରେ ଲକଡାଉନ୍ ଜାରି କରାଯାଇଥିଲା । ସେଠାରେ କୋଭିଡ୍ ସଂକ୍ରମଣ ବଢୁଥିବା ଦେଖି ପୁଣି ଲକଡାଉନ୍ ଜାରି କରାଯାଇଥିଲା । ଏହାକୁ ଦେଖି ଏବେ ଓଡିଶାରେ ମଧ୍ୟ ନିୟମ କଡାକଡି କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି ।

ନିର୍ବାଚନ ପରେ ଓଡ଼ିଶା ....

କୋଟିଆ ନୁହେଁ, ରାୟଗଡା ଓ ଗଜପତି ଜିଲ୍ଲାର ସୀମାନ୍ତ ଅଂଚଳକୁ ପଶି ନିର୍ମାଣ କାମ ଚଳାଇଛି ଆନ୍ଧ୍ରପ୍ରଦେଶ । ରାୟଗଡାର ସାନଲୁକୁଟି ଗାଁ ନିକଟରେ ଓଡିଶାକୁ ନ ଜଣାଇ ଆନ୍ଧ୍ର ପୋଲ ନିର୍ମାଣ ଚଳାଇଛି । ସେହିପରି ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅଂଚଳରେ ଆନ୍ଧ୍ରର ଆଳତିପୁର ପଂଚାୟତରୁ ଓଡିଶା ଆଡକୁ ରାସ୍ତାର ସଂପ୍ରସାରଣ କରୁଛି । ଖବର ପାଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଂଚି ଉଭୟ ନିର୍ମାଣ କାମକୁ ବନ୍ଦ କରିଛନ୍ତି । ସେପଟେ କୋଟିଆ ବିବାଦକୁ ନେଇ ନେଇ ରାଜ୍ୟ ସରକାରଙ୍କୁ ଘେରାଉ କରିଛନ୍ତି ବିରୋଧୀ ବିଜେପି ଓ କଂଗ୍ରେସ ।

ରାଜସ୍ଥାନରେ ହେଲା ହେଲିନା....

ଲଞ୍ଚ କରାଯାଇଥିଲା । ଏହି ମିଶାଇଲକୁ ତୃତୀୟ ପିଢିର ଆଧୁନିକ ଆଣ୍ଟି ଟ୍ୟାଙ୍କ୍ ଅସ୍ତ୍ର ବୋଲି କୁହାଯାଉଛି । ହେଲିନାରେ ରେଡ୍ ସକର, ଫାୟାର ଏବଂ ଫର୍ଗଟ୍ ଫିଚର୍ସ ରହିଛି । ଏହା ବ୍ୟତିତ ଏହି ମିଶାଇଲର ତୁଳନା ଚୀନ ଆର୍ମୀର ୱାୟର ଗାଇଡେଡ୍ ଏଚଜେ-୮ ଓ ପାକିସ୍ତାନ ଦ୍ୱାରା ପ୍ରସ୍ତୁତ ଲେଜର ଗାଇଡେଡ୍ ମିଶାଇଲ ବାରକ୍ୟୁ ସହିତ କରାଯାଇଛି ।

ପରୀ ହତ୍ୟା ମାମଲ...

ସଠିକ ଭାବେ ତଦନ୍ତ କରିନାହାଁନ୍ତି । ବୋଥ୍ରା ବାବୁ ଏକ କାହାଣୀ ରଚନା କରି ରାଜ୍ୟବାସୀଙ୍କୁ ଭ୍ରମିତ କରିଛନ୍ତି । କାହାଣୀ ଅନୁଯାୟୀ ତଥ୍ୟ ପ୍ରମାଣ ରୋପଣ କରାଯାଇଛି । ସରୋଜ ସେଠୀକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଏସଆଇଟି ହାତରେ କୌଣସି ପ୍ରମାଣ ନାହିଁ । ଅଧିକ ତଥ୍ୟ ପ୍ରମାଣ ପାଇଁ ସରୋଜ ସେଠୀର ମୋବାଇଲକୁ କୋଲକାତା ଫରେନ୍ସିକ ଲ୍ୟାବକୁ ପଠାଯାଇଥିଲେ ମଧ୍ୟ ମୋବାଇଲରୁ କୌଣସି ପ୍ରମାଣ ମିଳିନାହିଁ । ପରୀ ହତ୍ୟାକାଣ୍ଡରେ ସାମିଲ ଥିବା ମୁଖ୍ୟ ଅଭିଯୁକ୍ତକୁ ଏସଆଇଟି ଗିରଫ ନକରି ନାବାଳକ ସରୋଜ ସେଠୀକୁ ଅପରାଧୀ ସଜାଇବା ପାଇଁ ରାଜ୍ୟ ସରକାର ସମସ୍ତ ଏଜେନ୍ସୀ ଲଗାଇଛନ୍ତି । ପରୀର ବାପା ମା ଙ୍କ ଅଭିଯୋଗ ଅନୁଯାୟୀ କାହିଁକି ବାବୁଲି ନାୟକକୁ ପୋଲିସ ତଦନ୍ତ ପରିସରଭୁକ୍ତ କରୁନାହିଁ ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ବାରମ୍ବାର ପରୀର ମା' ପରୀ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ବାବୁଲି ନାୟକ ଏବଂ ତା'ର ସହଯୋଗୀମାନଙ୍କ ନାଁ କହୁଥିବା ସମୟରେ ଏସଆଇଟି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ ନକରି ସେମାନଙ୍କୁ ପରୀ ହତ୍ୟାକାଣ୍ଡ ଘଟଣାର ସାକ୍ଷୀ ବନାଇ ୧୬୪ ବୟାନ ରେକର୍ଡ କରିଛି । କିନ୍ତୁ ସେମାନଙ୍କୁ ଏହି ଘଟଣାରେ ତଦନ୍ତ ପରିସରଭୁକ୍ତ କରୁନାହିଁ । ଏମାନେ ବିଜେଡିର ସଦସ୍ୟ ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କ ପାଖ ଲୋକ ହୋଇଥିବାରୁ ଏହି ଅପରାଧୀଙ୍କୁ ସୁରକ୍ଷା ଦେବା ଲାଗି ରାଜ୍ୟ ସରକାର ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କୁ ଦାୟିତ୍ୱ ଦେଇଛନ୍ତି ।

# ଦୀନକୃଷ୍ଣ କଲେଜର ୟୁଥ୍ ରେଡକ୍ରସ୍‌ରେ ୨ୟ ଦିନ ପ୍ରଶିକ୍ଷଣ ଶିବିର




ଜଳେଶ୍ୱର,୧୯/୨(ନିପ୍ର) : ବାଲେଶ୍ୱର ଜିଲାର ଅନ୍ୟତମ ପୁରାତ ମହାବିଦ୍ୟାଳୟ ଦୀନକୃଷ୍ଣ କଲେଜରେ ୟୁଥ ରେଡକ୍ରସ୍‌ର ଯୁବକ, ଯୁବତୀ ମାନଙ୍କୁ ରକ୍ତଦାନ ଲାଗି ସଚେତନତା, ଫାଷ୍ଟ ଏଡ୍, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ତଥା ଏଚ୍‌ଆଇଭି ସଂକ୍ରମଣ ସଚେତନତା ସଂପର୍କରେ ଆଜି କ୍ଲଷ୍ଟର ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଗତ ଗୁରୁବାର ଏହି ଶିବିରକୁ ଆଂଚଳିକ ନିର୍ଦ୍ଦେଶକ ଉଦ୍‌ଘାଟନ କରିଥିବା ବେଳେ ଆଜି ୨ୟ ଦିବସରେ ବାଙ୍ଗିରିପୋଷୀର ବିନୋଦିନୀ ମହିଳା ମହାବିଦ୍ୟାଳୟର ଡ. ଗଜେନ୍ଦ୍ର ନାଥ ନନ୍ଦ, ଫାଷ୍ଟଏଡ୍ ସଂପର୍କରେ ପ୍ରଶିକ୍ଷଣ ଦେଇଥିବା ବେଳେ ଅଧ୍ୟାପକ ଏଚ୍‌ଆଇଭି ସଂକ୍ରମଣ ସଚେତନତା ସଂକ୍ରମଣ ସଂପର୍କରେ ତାଲିମ ଦେଇଥିଲେ । ରକ୍ତଦାନ ଓ ବୈଜ୍ଞାନୀକ ମତରେ ରକ୍ତ ସଂପର୍କରେ ସୁଧିର କୁମାର ମୁଦୁଲି ଯୁବକ ଯୁବତୀଙ୍କୁ ସଚେତନତା କରିଥିବା ବେଳେ ଡ. ମାନସ କୁମାର ଦାସ ରେଡକ୍ରସ୍‌ର ଇତିହାସ ଓ ନିତୀ ସଂପର୍କରେ ପ୍ରକାଶ କରିଥିଲେ । ଆଜି ସକାଳେ ୟୁଥୋରେଡକ୍ରସର ପତାକାକୁ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ ଉତ୍ତୋଳନ କରିଥିଲେ । ଯୁବକ ଯୁବତୀ ମାନଙ୍କ ମଧ୍ୟରେ ଏପରି ତାଲିମ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି ।

# ବାଲେଶ୍ୱରରେ ପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ପାଳନ

ବାଲେଶ୍ୱର, ୧୯/୨ (ନି.ପ୍ର): ବାଲେଶ୍ୱର ଠାରେ ବିଶ୍ୱପ୍ରସିଦ୍ଧ ଟୀକାକାର ଜଗତ୍ ଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ସ୍ମୃତି ପରିଷଦର ସମ୍ପାଦକ ବିଶ୍ୱନାଥ ରଣା, ସଭାପତି ପ୍ରତାପ ଚନ୍ଦ୍ର ନାୟକ ଏବଂ ଉପଦେଷ୍ଟା ଡ. ପ୍ରହ୍ଲାଦ ମହାନ୍ତିଙ୍କ ନେତୃତ୍ୱରେ ନୃତ୍ୟ, ସଂଗୀତ କଳା ମନ୍ଦିର ଭବନରେ ଆଜି ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୁଖ୍ୟଅତିଥି ବକ୍ତା ରେମୁଣା ଡା. କରୁଣାକର ଦାସ, ଡା ଭାଗବତ ଦାସ ଏବଂ ଗବେଷକ ହରେକୃଷ୍ଣ ଗିରି ଶ୍ରୀଧର ସ୍ୱାମୀଙ୍କ ଅନେକ ଅନାଲୋଚିତ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୃତ୍ୟ ପରିଷଦର ସମ୍ପାଦକ ଶିରିଷ ଜେନା, ସାହିତ୍ୟ ଏକାଡ଼େମୀର ସଭ୍ୟ କାଳିପଦ ପଣ୍ଡା, ଅଧ୍ୟାପକ ସଞ୍ଜୟ ପଣ୍ଡା ଏବଂ ବହୁ ଶ୍ରୀଧର ପ୍ରେମୀ ଶ୍ରୋତା ସର୍ବଶ୍ରୀ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅରୁଣା ରାୟ, ଗୋପାଳ ଜେନା, ରାଜେନ୍ଦ୍ର ରାଉତ, ଜ୍ୟୋତ୍ସ୍ନା ରାୟ, ଡ. ଗୋପୀନାଥ ମହାରଣା, ପ୍ରଦୀପ ମିଶ୍ର, ପ୍ରଦୀପ, ଆନନ୍ଦ ଶଂକର ମହାପାତ୍ର, ଗୋପାଳ ଦାସ, ପ୍ରଶାନ୍ତ ପାଢ଼ି, ବିପ୍ଲବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ରାତ୍ରୀକାଳୀନ ଆଶ୍ରୟସ୍ଥଳରେ ନାହିଁ ଖାଦ୍ୟ ବ୍ୟବସ୍ଥା

ବାଲେଶ୍ୱର,୧୯।୦୨ (ନି.ପ୍ର): ଖୋଲା ଆକାଶ ତଳେ ରାତି ବିତାଉଥିବା ଅବହେଳିତଙ୍କୁ ବର୍ଷା, ଶୀତ କାକରରୁ ରକ୍ଷା କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ସହରରେ ୨୦୧୮ ମସିହାରେ ପ୍ରତିଷ୍ଠା କରାଯାଇଥିବା ରାତ୍ରିକାଳୀନ ଆଶ୍ରୟସ୍ଥଳୀର ବ୍ୟବହାର ଓ ଉପଯୋଗିତାକୁ ନେଇ ଉଠିଛି ପ୍ରଶ୍ନବାଚୀ। ରାତିରେ ଶୀତ କାକରରେ ଲୋକେ ରାସ୍ତାପାର୍ଶ୍ୱରେ ରହୁଥିଲେ ବି ଏହି ଆଶ୍ରୟସ୍ଥଳକୁ ଆସୁନଥିବା ଲକ୍ଷ୍ୟ କରାଯାଇଛି। ୫୦ ଜଣ ରହିବାର କ୍ଷମତା ଥିବା ଏହି ଆଶ୍ରୟସ୍ଥଳରେ ସମ୍ପ୍ରତି ୧୦/୧୫ ରହୁଥିବା ଜଣାପଡ଼ିଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ପୌରପାଳିକା ପକ୍ଷରୁ ୨୦୧୮ ମସିହା ଅଗଷ୍ଟ ୩୧ ତାରିଖରେ କାର୍ଯ୍ୟକ୍ଷମ ହୋଇଥିଲା ଏହି ଆଶ୍ରୟସ୍ଥଳ। ଗ୍ରାମାଞ୍ଚଳରୁ ସହରକୁ ଦିନ ମଜୁରିଆ ଭାବେ କାର୍ଯ୍ୟ କରିବାକୁ ଆସୁଥିବା ଶ୍ରମିକଙ୍କ ଦିନରେ ସାମୟିକ ବିଶ୍ରାମ ନେବା ସହିତ ସହରର ବିଭିନ୍ନ ଅଞ୍ଚଳରେ ଭିକ୍ଷାବୃତ୍ତି କରି ରାସ୍ତା ପାର୍ଶ୍ୱରେ ତଥା ଖୋଲା ଆକାଶ ତଳେ ରାତ୍ରି ଯାପନ କରୁଥିବା ଲୋକ ଏଠାରେ ରହିବା ପାଇଁ ଲକ୍ଷ୍ୟଥିଲା। ସେହିକ୍ରମରେ ଏହି ଆଶ୍ରୟସ୍ଥଳ ପରିଚାଳନା ପାଇଁ ପୌରକାଳିକା ଦ୍ୱାରା ନିଯୁକ୍ତ ହୋଇଥିବା ଅଧିକାରୀ ଓ କର୍ମଚାରୀ ରାତିକାଳରେ ସହରର ବିଭିନ୍ନ ଅଞ୍ଚଳ ବୁଲି ରାସ୍ତା ପାର୍ଶ୍ୱରେ ରହୁଥିବା ଲୋକଙ୍କୁ ଏହି ଆଶ୍ରୟସ୍ଥଳକୁ ଆଣିବା ବ୍ୟବସ୍ଥା କରିଥିଲେ। କିଛିଦିନ ଧରି ଏହି ପ୍ରକ୍ରିୟା ଚାଲିବା ସହିତ ଏଠାକୁ ଆସିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବି ଉଦ୍ୟମ କରାଯାଇଥିଲା। ମାତ୍ର ଇତିମଧ୍ୟରେ ୩ବର୍ଷ ବିତିବାକୁ ବସିଥିଲେ ବି ଏହି ଆଶ୍ରୟସ୍ଥଳ ଆସିବାକୁ ଲୋକ ଆଦୌ ଇଚ୍ଛା ପ୍ରକାଶ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏହି ପରିପ୍ରେକ୍ଷୀରେ ଆମେ ରାସ୍ତା ପାର୍ଶ୍ୱରେ ଲୋକେ ରାତିରେ ଶୋଉଥିବା ବେଳେ ଆଶ୍ରୟ ସ୍ଥଳକୁ ଆସୁନଥିବା ଆମେ ଲକ୍ଷ୍ୟ କରିଥିଲୁ। ଏନେଇ ଆଶ୍ରୟସ୍ଥଳ ପାଇଁ ନିଯୁକ୍ତ ମୋବିଲାଜର ହୃଷୀକେଶ ଖଟୁଆଙ୍କୁ ପଚାରିବାରୁ ସେ ଲୋକେ ନ ଆସିବାର ବିଭିନ୍ନ କାରଣ ଦର୍ଶାଇଛନ୍ତି। ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳରେ ରାସ୍ତାପାର୍ଶ୍ୱରେ ଭିକ୍ଷାବୃତ୍ତି କରୁଥିବା ଗରିବ ଅସହାୟ ଲୋକଙ୍କୁ ଏକାଧିକ ସ୍ୱେଚ୍ଛାସେବୀ ସଂଗଠନ ନିୟମିତ ସୁଷମ ଖାଦ୍ୟ ସାଙ୍ଗକୁ ଶୀତବସ୍ତ୍ର ଆଦି ଦେଇ ଚାଲିଛନ୍ତି।

# ରେଳଯାତ୍ରୀଙ୍କ ସୁବିଧା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ୟମ ପ୍ରଶଂସନୀୟ

ବାଲେଶ୍ୱର,୧୯।୦୨ (ନି.ପ୍ର): ବାଲେଶ୍ୱରର ଇତିହାସ ଓ ଆବେଗର ସ୍ମୃତିକୁ ଉଜ୍ଜୀବିତ ରଖିବା ଜିଲାବାସୀଙ୍କୁ ଅଧିକ ରେଳ ସୁବିଧା ପ୍ରଦାନ କ୍ଷେତ୍ରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉଦ୍ୟମକୁ ସ୍ୱେଚ୍ଛାସେବୀ ସଂଗଠନ 'ଫ୍ୟୁଚର ବାଲେଶ୍ୱର' ଭୂୟସୀ ପ୍ରଶଂସା କରିଛି। ସଂଗଠନ ପକ୍ଷରୁ ହୋଇ ଆସୁଥିବା ବିଭିନ୍ନ ଦାବିକୁ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିଥିବା କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀ କାର୍ଯ୍ୟକୁ ନେଇ କୃତଜ୍ଞତା ପ୍ରକାଶ କରିଛନ୍ତି ସଂଗଠନର କର୍ମକର୍ତ୍ତାମାନେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଫ୍ୟୁଚର ବାଲେଶ୍ୱରର




କମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ବାଲେଶ୍ୱରବାସୀଙ୍କ ଆବେଗକୁ ସମ୍ମାନ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ବିଶେଷ କରି ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାମରେ ବାଲେଶ୍ୱର ରେଳଷ୍ଟସନକୁ ନାମିତ କରିବା, ଓଡ଼ିଶାରୁ ରାଜଧାନୀ ଦିଲୀକୁ ଯାଉଥିବା କୌଣସି ଏକ ଦ୍ରୁତଗାମୀ ଟ୍ରେନକୁ ବ୍ୟାସକବିଙ୍କ ନାମରେ ନାମିତ କରିବା, ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା, ଜଳେଶ୍ୱରରୁ ଉଦୟପୁରକୁ ରେଳ ସଂଯୋଗ କରିବା, ବାଲେଶ୍ୱର ରେଳ ଷ୍ଟେସନରେ ଆଉ ଦୁଇଗୋଟି ପ୍ଲାଟଫର୍ମ ପ୍ରତିଷ୍ଠା କରିବା, ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଲିଫ୍ଟ ବ୍ୟବସ୍ଥା କରିବା, ବସ୍ତା, ଜଳେଶ୍ୱର, ନୀଳଗିରିରୋଡ୍, ରୂପସା ପ୍ରଭୃତି ଷ୍ଟେସନର ନବୀକରଣ ସମେତ ବାଲେଶ୍ୱରରେ ରେଳ ଡିଭିଜନ ପ୍ରତିଷ୍ଠା ପାଇଁ ସଂଗଠନ ପକ୍ଷରୁ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ସେହିକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କେନ୍ଦ୍ରସରକାର ତଥା କେନ୍ଦ୍ର ରେଳ ମନ୍ତ୍ରୀଙ୍କଠାରେ ଏହି ପ୍ରସ୍ତାବମାନ ଉପସ୍ଥାପନ କରିବା ସହ ଏହାର କାର୍ଯ୍ୟକାରିତା ଦାବି କରିବା ଜିଲାବାସୀଙ୍କ ପାଇଁ ଅତ୍ୟନ୍ତ ସୌଭାଗ୍ୟର ବିଷୟ ବୋଲି ଫ୍ୟୁଚର ବାଲେଶ୍ୱରର ସଭାପତି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି।

# କୁଳିଅଣା ବ୍ଲକ ଅଧକ୍ଷ ଉପନିର୍ବାଚନ ଦାବିରେ ତାଲାବନ୍ଦ ଆନ୍ଦୋଳନ ପ୍ରତ୍ୟାହାର

ବାରିପଦା/କୁଳିଅଣା,୧୯।୦୨ (ନି.ପ୍ର): କୁଳିଅଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ତାଲାବନ୍ଦ କରି ଧାରଣାରେ ବସିଥିବା ଜେଏମଏମ ଦଳ ଆଜି ଧାରଣାକୁ ପ୍ରତ୍ୟାହାର ରଖିଛନ୍ତି। କୁଳିଅଣା ବ୍ଲକର ଅଧ୍ୟକ୍ଷ ଉପ ନିର୍ବାଚନ ନେଇ ତିନି ଦିନ ଧରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ତାଲାବନ୍ଦ କରି ଜେଏମଏମ କର୍ମକର୍ତ୍ତା ଧାରଣାରେ ବସିଥିଲେ। ତେବେ ଆଜି ସ୍ଥାନୀୟ ବିଡିଓ ଆସି ବିକ୍ଷୋଭ କାରୀଙ୍କ ସହିତ ଆଲୋଚନା କରି ପ୍ରତିଶୃତି ପ୍ରଦାନ କରିବା ପରେ ଜେଏମଏମ କର୍ମକର୍ତ୍ତା ମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ସୂଚନା ଅନୁଯାୟୀ,



କୁଳିଅଣା ବ୍ଲକର ଅଧ୍ୟକ୍ଷ ମାନ୍ୟବର ଜିଲ୍ଲା ଦୌରାଜଜଙ୍କ ଦ୍ୱାରା ଆଯୋଗ୍ୟ ଘୋଷିତ ହେବାପରେ ତାଙ୍କୁ ଗତ ଅଗଷ୍ଟ ମାସରୁ କାର୍ଯ୍ୟରୁ ଅନ୍ତର ହେବାକୁ ପଡ଼ିଥିଲା। ତାଙ୍କ ସ୍ଥାନରେ ଉପାଧ୍ୟକ୍ଷା ଗାୟତ୍ରୀ ଦଉଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ତେବେ ଅଧ୍ୟକ୍ଷ ପଦ ଉପନିର୍ବାଚନ ପାଇଁ ସମିତି ସଭ୍ୟ ଏବଂ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ଏବଂ କୁଳିଅଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ପଂଚାୟତରାଜ ମାନୁଆଲର ଧାରା ୪୨(୧) ଅନୁଯାୟୀ ଅଧକ୍ଷ ପଦ ନିର୍ବାଚନ ପାଇଁ ଖାଲିଥିବା ଦିନଠାରୁ ଛଅ ମାସ ମଧ୍ୟରେ ଶେଷ ହେବା କଥା। ଏ ବାବଦରେ ଜେଏମଏମର ୧୦ଜଣ ପ୍ରତିନିଧିଦଳ କୁଳିଅଣା ବ୍ଲକର ବିଭିନ୍ନ ପଂଚାୟତର ସମିତି ସଭ୍ୟଙ୍କ ସହ ଜିଲ୍ଲା ପଂଚାୟତରାଜ ଅଧିକାରୀଙ୍କୁ ଭେଟିବାରୁ, ସେ ଇଲେକ୍ସନ କମିଶନରଙ୍କୁ ଅବଗତ କରିଛନ୍ତି ବୋଲି କହିଥିଲେ। କିନ୍ତୁ ଅତି ଦୁଃଖର ବିଷୟ କୁଳିଅଣା ବ୍ଲକ ଅଧ୍ୟକ୍ଷ ପଦ ଅଗଷ୍ଟ ୧୦ ତାରିଖରୁ ଫାଙ୍କା ପଡିଥିଲେ ମଧ ଉପ ନିର୍ବାଚନ ହୋଇନଥିଲା। ତେଣୁକରି ସମସ୍ତ ଜେଏମଏମ କର୍ମକର୍ତ୍ତା ମାନେ ଆନ୍ଦୋଳନ କରିଥିଲେ।

# ବିଜୟ ହଜାରେ ଟ୍ରଫି ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକର ହର୍ଷିତ ରାଠୋର

ଭଦ୍ରକ,୧୯।୦୨ (ନି.ପ୍ର): ଭଦ୍ରକର ଉଦୀୟମାନ କ୍ରିକେଟ ଖେଳାଳୀ ହର୍ଷିତ ରାଠୋର ବିଜୟ ହଜାରେ ଟ୍ରଫି ନିମନ୍ତେ ଘୋଷିତ ଓଡ଼ିଶା ସିନିୟର କ୍ରିକେଟ ଦଳରେ ସାମିଲ ହୋଇଛନ୍ତି। ଭଦ୍ରକ ଜିଲ୍ଲାର ପ୍ରଥମ ଖେଳାଳୀ ଭାବେ ଏହି ସୌଭାଗ୍ୟ ଅର୍ଜନ କରିଥିବାରୁ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯିବା ସହିତ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ହର୍ଷିତ ଭଦ୍ରକର ବିଜୟଭାନୁ ମୋମୋରିଆଲ କ୍ରିକେଟ ଏକାଡେମୀର ସଦସ୍ୟ ଭାବେ ୨୦୧୦ ମସିହାରୁ ଖେଳ ଆରମ୍ଭ କରି ନିଜର ପ୍ରତିଭା ପ୍ରଦର୍ଶନ କରି ୨୦୧୨ରେ ଅଣ୍ଡର ୧୪,



୨୦୧୩-୧୪ରେ ଅଣ୍ଡର ୧୬ରେ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ୨୦୧୭ରେ ଅଣ୍ଡର ୧୯ରେ ଧ୍ରୁବ ପାଣ୍ଡବ ଟ୍ରଫି, ୨୦୧୯-୨୦ରେ ଅଣ୍ଡର ୨୩ରେ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ପରେ ମର୍ଯ୍ୟାଦାଜନକ ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। ସେ ନିକଟରେ ଅନୁଷ୍ଠିତ ହୋଇଥିବା ଓସିଏଲରେ ମଧ ଖେଳି ମନୋନୟନକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଜଣେ ଅଲ୍‌ରାଉଣ୍ଡର ଭାବେ ବାମହାତୀ ସ୍ପିନର ଓ ଡାହାଣହାତୀ ବ୍ୟାଟ୍‌ସମ୍ୟାନ। ହର୍ଷିତ ଭଦ୍ରକ ଚରମ୍ପାର ସ୍ୱର୍ଗତ ପ୍ରଫୁଲ୍ଲ ରାଠୋର ଓ ମାତା ତନୁଜା ରାଠୋରଙ୍କ ପୁତ୍ର। ତାଙ୍କର ଏହି ସଫଳତା ପାଇଁ ଓସିଏର ପୂର୍ବତନ ଅଧକ୍ଷ ଧିରେନ ପଲାଇ, ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଉପେନ୍ଦ୍ର ବାରିକ, ବିଜୟ ଜେନା, ଅତିସ୍ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜ୍ଞାପନ କରି କ୍ରୀଡାର ସଫଳତା କାମନା କରିଛନ୍ତି।

# ଡ୍ରାଇଭରର ଉନ୍ମତ୍ତକାଣ୍ଡ : ମଦ ପିଇ ତିନୋଟି ପୃଥକ ପୃଥକ ଦୁର୍ଘଟଣା

ବାରିପଦା,୧୯।୦୨ (ନି.ପ୍ର): ମଦ୍ୟପ ଟ୍ରକ ଡ୍ରାଇଭର ର ଉନ୍ମତ୍ତକାଣ୍ଡ ମଦ ପିଇ ଜଣେ ଡ୍ରାଇଭର ତିନୋଟି ପୃଥକ ପୃଥକ ଦୁର୍ଘଟଣା ଘଟାଇଥିବାର ଦେଖିବାକୁ ମିଳିଛି। ସୂଚନା ମୁତାବକ ମୟୁରଭଞ୍ଜ ଜିଲ୍ଲାର ବାରିପଦା-ଅମରଦା ୬୧ନଂ ରାଜ୍ୟ ରାଜପଥ ରେ ଦିନକୁ ଦିନ ବଢି ଚାଲିଛି ଦୁର୍ଘଟଣା, ଗୁରୁବାର ଦିନ ୧୦ଟା ସମୟରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ର ଏକ ଟ୍ରକ (ଡଉ୧୧୯୭୩୮) ତିନୋଟି ମର୍ମନ୍ତୁଦ ଦୁର୍ଘଟଣା ଯାହା ଫଳରେ ଦୁଇଟି ଯାତ୍ରୀବାହୀ ଅଟ ଏବଂ ଗୋଟେ ମାଲବାହୀ ଅଟ କୁ ଧକ୍କା ମାରିବା ଫଳରେ ତିନି ଜଣ ଗୁରୁତର ଅବସ୍ଥାରେ ପିଆର ଏମ ମେଡିକାଲ କୁ ଚିତ୍ରଡା ଅଗ୍ନିଶମ ତରଫରୁ ସ୍ଥାନାନ୍ତର କରାଯାଇଥିଲା ଘଟଣାସ୍ଥଳରେ ଟ୍ରକ ଟି ଘଟଣା ଘଟାଇ ଖସି ଯାଉଥିବା ସମୟରେ ଲୋକେ ଟ୍ରକ ଟିକୁ ଅଟକ ରଖି ଟ୍ରକ ର କାଚ ଭଙ୍ଗାରୁଜା କରିବା ସହ ଗୋଲେଇ ଟିକୁ ମିଡ଼ିଲ ରେ ନିର୍ମାଣ କରିବା, ଛକ ର ଚତୁର୍ପାର୍ଶ୍ୱ ରେ ସ୍ପୀଡ଼ ବ୍ରିକର ,ଏବଂ ୨୪ଘଣ୍ଟା ଜଣେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ନିୟୋଜିତ କରିବା ତିନୋଟି ଦାବି ନେଇ ଜନସାଧାରଣ ମାନେ ରାଜପଥ କୁ ଅବରୋଧ କରି ଧାରଣ ରେ ବସିଥିଲେ,ଦୀର୍ଘ ଦୁଇ ଘଣ୍ଟା ପରେ ମୋରଡା ବିଧାୟକ ରାଜ କିଶୋର



ଦାସ ଏବଂ ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଲତା ମହାନ୍ତ ଧାରଣା ରେ ସାମିଲ ହୋଇଥିଲେ।ବିଧାୟକ ଶ୍ରୀ ଦାସ ଜିଲ୍ଲାପାଳ, ଏସ୍ପି, ପୂର୍ତ୍ତ ବିଭାଗର କାର୍ଯ୍ୟ ନର୍ବାହୀ ଅଧିକାରୀ ଏବଂ ବିଦ୍ୟୁତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।ଆଲୋଚନା କରିବା ପରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ରେଡ୍କ୍ସ ତରଫରୁ କ୍ଷତିଗ୍ରସ୍ତ ଲୋକ ମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ, ଏସ୍ପି ପରମାର ସ୍ମିତ ପୁରୁଷୋତ୍ତମ ଦାସ ଆଜିଠୁ ଗୋଟେ ଟ୍ରାଫିକ ପୋଲିସ କୁ ନିୟୋଜିତ କରାଇଥିଲେ ଏବଂ ଲୋକଙ୍କ ଦାବି ଅନୁସାରେ ପୂର୍ତ୍ତ ବିଭାଗ ଛକ ର ଚତୁର୍ପାର୍ଶ୍ୱ ରାସ୍ତା ରେ ସଙ୍ଗେ ସଙ୍ଗେ ନିର୍ମାଣ କରିଥିଲେ ଯାହାଫଳରେ ଲୋକମାନେ ଧାରଣା ରୁ ଅହରି ଥିଲେ।ତାପରେ ଟ୍ରକ ଟି କ୍ଷତି ଘଟାଇ ଥିବା ତିନୋଟି ଓଟୋ କୁ ରାସ୍ତା ଉପରକୁ ଆଣି ମାଲିକ ଘଟଣା ସ୍ଥଳକୁ ଆସି କ୍ଷତି ପୂରଣ ଦିଅନ୍ତୁ ବୋଲି ଅଡ଼ି ବସିଥିଲେ, ମାଲିକ ଘଟଣାସ୍ଥଳରେ ପହଂଚି ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ରୁ ଲୋକମାନେ ଅହରିଥିଲେ ଏବଂ ଗାଡି–ଚଳାଚଳ ସ୍ୱାଭାବିକ ହୋଇଥିଲା।


FOUNDATION CEREMONY
OF ESTABLISHMENT OF
"INDIAN INSTITUTE OF LAW (IIL)"
By
Bar Council of India through its Trust (BCIT)
*With the support of*
Kalinga Institute of Industrial Technology (KIIT)
Deemed to be University

Programme:
On 20th February, 2021
at Patia, Bhubaneswar, Odisha in the premises of KIIT

*In Presence of:*



Hon'ble Mr. Justice Uday Umesh Lalit
Judge,
Supreme Court of India



Hon'ble Mr. Justice Bhushan Ramkrishna Gavai
Judge,
Supreme Court of India



Hon'ble Mr. Justice V. Ramasubramanian
Judge,
Supreme Court of India

&

Mr. Manan Kumar Mishra, Sr. Advocate
Chairman, Bar Council of India & Bar Council of India Trust

Mr. Ashok Parija, Advocate General, Odisha
Chairman, Special Committee, Odisha State Bar Council

Dr. Achyuta Samanta
Associate Managing Trustee, B.C.I.T.

Mr. Debi Prasad Dhal, Sr. Advocate
Executive Chairman, Bar Council of India Trust

Watch Live on Kalinga TV, Zee Odisha, Nandighosh TV, Kanak News
Time: 11.00 a.m.

Distinguished Dignitaries

**Mr. Satish Abarao Deshmukh**
Vice-Chairman, Bar Council of India & Bar Council of India Trust

**Mr. Apurba Kumar Sharma**
Sr. Advocate, Chairman, Executive Committee, Bar Council of India

**Mr. Y.R. Sadasiva Reddy**
Sr. Advocate, Co-Chairman, Bar Council of India

**Mr. Ashok Kumar Deb, M.L.A**
Member, Bar Council of India
Former, Managing Trustee.
Bar Council of India Trust

**Mr. Manoj Kumar N**
Vice-Chairman, Executive Committee, Bar Council of India

**Mr. Tushar Mehta**
Solicitor General of India
Ex-officio Member
Bar Council of India

**Mr. Prashant Kumar Singh**
Member, Bar Council of India
Chairman, Co-ordination Committee of State Bar Council's

**Mr. P. Vishnuvardhana Reddy**
Chairman, Rules Committee
Bar Council of India

**Mr. Partap Singh**
Chairman, Oversees Committee
Bar Council of India

**Mr. Desh Raj Sharma**
Chairman, Seminar Symposium Committee
Bar Council of India

**Mr. Ajay Kumar Baral**
Vice-Chairman, Special Committee, Odisha State Bar Council

**Mr. Srimanto Sen**
Officiating Secretary,
Bar Council of India Trust

**Mr. S. Prabakaran**
Sr. Advocate, Co-Chairman, Bar Council of India

**Mr. Ved Prakash Sharma**
Co-Chairman, Bar Council of India

**Mr. Suresh Chand Shrimali**
Co-Chairman, Bar Council of India

**Mr. A. Rami Reddy**
Executive Vice-Chairman, Bar Council of India Trust (I.I.L)

**Mr. K.K. Venugopal**
Attorney General for India,
Ex-officio Member,
Bar Council of India

**Mr. Dilip K. Patel**
Chairman, Advocate Welfare Committee
Bar Council of India

**Mr. Shailendra Dubey**
Member, Bar Council of India
Member, Press Council of India

**Mr. Shreenath Tripathi**
Chairman, Legal Aid Committee
Bar Council of India

**Mr. Sunil Gupta**
Member, Bar Council of India

**Mr. D. K. Sharma**
Sr. Advocate
Chairman, Building Committee
Bar Council of India

**Mr. Manas Ranjan Mohapatra**
Sr. Advocate
Member, Special Committee,
Odisha State Bar Council

**Mr. Ashok Kumar Pandey**
Officiating Joint Secretary,
Bar Council of India Trust

**Mr. Anil Kumar Parida**
Advocate
Additional Secretary,
Indian Institute of Law



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo